ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ଶୁକ୍ରବାର ୧୦ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 10 April 2026
Vol.No. 36 ■ No.95 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଖୁବ୍‌ଶୀଘ୍ର ଆସୁଛି
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

# ଆସାମ, କେରଳ, ପୁଡୁଚେରୀରେ ମତଦାନ ଶେଷ

## ■ପୁଡୁଚେରୀରେ ୮୬.୯୨% ■ଆସାମରେ ୮୪.୪୨% ■କେରଳରେ ୭୫.୦୧



ନୂଆଦିଲ୍ଲୀ,୦୯/୪ : କଡ଼ା ସୁରକ୍ଷା ମଧ୍ୟରେ ଆଜି ଆସାମ, କେରଳ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି। ନିର୍ବାଚନ କମିସନ ତଥ୍ୟ ଅନୁଯାୟୀ ପୁଡୁଚେରୀରେ ସର୍ବାଧିକ ୮୬.୯୨ ପ୍ରତିଶତ ମତଦାନ ରେକର୍ଡ କରାଯାଇଥିବାବେଳେ ଆସାମରେ ୮୪.୪୨ ପ୍ରତିଶତ ଏବଂ କେରଳରେ ୭୫.୦୧ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ୨ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଆଜି ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିଲା। ଆସାମରେ ୧୨୬ ବିଧାନସଭା ନିର୍ବାଚନମଣ୍ଡଳୀରେ ଆଜି ଭୋଟ୍ ଗ୍ରହଣ ହୋଇଛି। ତେବେ ଆସାମରେ ରେକର୍ଡ ହୋଇଥିବା ମତଦାନ ୨୦୨୧ ନିର୍ବାଚନ ରେକର୍ଡକୁ ଅତିକ୍ରମ କରିଯାଇଛି। ଆସାମରେ ଡଲଗାଓଁରେ ସର୍ବାଧିକ ୯୪.୫୭ ପ୍ରତିଶତ ମତଦାନ ରେକର୍ଡ କରାଯାଇଥିବାବେଳେ ଆମ୍ରିରେ ସର୍ବନିମ୍ନ ୭୦.୪୦ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ଆସାମରେ ଗୋଟିଏ ପର୍ଯ୍ୟାୟ ନିର୍ବାଚନରେ ମୋଟ୍ ୭୨୨ ପ୍ରାର୍ଥୀ ଅଛନ୍ତି। ୩୫ ଜିଲ୍ଲାର ୩୧.୪୯୦ ଭୋଟିଂ ବୁଥ୍‌ରେ ଆଜି ଭୋଟ୍ ଗ୍ରହଣ ଚାଲିଥିଲା। କେରଳରେ ୧୪୦ ବିଧାନସଭା ଆସନ ପାଇଁ ଆଜି ସନ୍ଧ୍ୟା ୬ଟାରେ ମତଦାନ ଶେଷ ହୋଇଛି। ସନ୍ଧ୍ୟା ୫ଟା ସୁଦ୍ଧା କେରଳରେ ୭୫.୦୧ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି ଯାହା କି ୨୦୨୧ରେ ହୋଇଥିବା ମତଦାନ ୭୪.୦୬ ପ୍ରତିଶତଠାରୁ ସାମାନ୍ୟ ଅଧିକ। କେରଳରେ ୮୮୩ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଦ୍ଧାରଣ ହେବ। ଅନ୍ୟପକ୍ଷେ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ୩୦ ଆସନ ପାଇଁ ସନ୍ଧ୍ୟା ୬ଟାରେ ମତଦାନ ଶେଷ ହୋଇଛି। ପୁଡୁଚେରୀରେ ସର୍ବାଧିକ ୮୬.୯୨ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ଉପରୋକ୍ତ ୩ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟ୍ ଗ୍ରହଣ ସହ ଆଜି କର୍ଣ୍ଣାଟକ, ନାଗାଲାଣ୍ଡ ଏବଂ ତ୍ରିପୁରାରେ ମଧ୍ୟ ଉପନିର୍ବାଚନ ହୋଇଛି। ନାଗାଲାଣ୍ଡରେ କୋରିଡଙ୍ଗ ବିଧାନସଭା ଆସନରେ ଉପନିର୍ବାଚନ ହୋଇଥିବାବେଳେ କର୍ଣ୍ଣାଟକର ବଗଲକୋଟ ଏବଂ ଦାବଣଗେରେ ଦକ୍ଷିଣରେ ଉପନିର୍ବାଚନ ହୋଇଛି। ଏଥିସହ ଉତ୍ତର ତ୍ରିପୁରାର ଧର୍ମନଗରରେ ମଧ୍ୟ ଉପନିର୍ବାଚନ ହୋଇଛି। ତେବେ ଆଜି ପ୍ରାୟତଃ ଶାନ୍ତିପୂର୍ଣ୍ଣ ଭାବେ ଭୋଟ୍ ଗ୍ରହଣ ଶେଷ ହୋଇଥିଲେ ମଧ୍ୟ କିଛି ସ୍ଥାନରେ ହିଂସା ଉପୁଜିଛି।

◆◆ପୃଷ୍ଠା ୭

# ସୋସିଆଲ ମିଡିଆରେ ଚଳିବନି ଅଶ୍ଳୀଳତା ଏବଂ ଅପଶବ୍ଦ: ସରକାର ଆଣିବେ କଠୋର ଆଇନ

ଭୁବନେଶ୍ୱର, ୦୯/୪ (ନି.ପ୍ର): ଗାଳି ଗୁଲଜ, ଘୃଣା ବାଣ୍ଟିବା ପାଇଁ ସାମାଜିକ ଗଣମାଧ୍ୟମକୁ ମନଇଚ୍ଛା ବ୍ୟବହାର କରାଯାଉଛି । ନିୟମ ରହିଥିଲେ ବି କେହି ତାହାକୁ ମାନୁ ନାହାନ୍ତି । ସୋସିଆଲ ମିଡିଆରେ ମନଇଚ୍ଛା କାହାକୁ ଗାଳି ଦେଇପାରିବ ନାହିଁ । ଅପଶବ୍ଦ କହିପାରିବେ ନାହିଁ । ଏଆଇର ଅପବ୍ୟବହାର, ଅନଲାଇନ ବୁଲିକୁ ରୋକିବା ସହ ଏହା ଉପରେ ଅଙ୍କୁଶ ଟାଣିବା ପାଇଁ ଆଇନ ବିଭାଗକୁ ପ୍ରସ୍ତାବ ଦେଇଛନ୍ତି ଆଇନ କମିଶନ । ଖୁବଶୀଘ୍ର Prevention of hate speech and hate crimର ଆକ୍ଟ ଲାଗୁ କରିବାକୁ ଯାଉଛନ୍ତି ସରକାର । ଏ ନେଇ ଆଇନ ମନ୍ତ୍ରୀ କହିଛନ୍ତି ସୋସିଆଲ ମିଡ଼ିଆ ଦିନକୁ ଦିନ କୁତ୍ସିତ ହେବାକୁ ଲାଗିଲାଣି । କିଛି ଲୋକ ଉଦେଶ୍ୟମୂଳକ ଭାବେ ଅଭଦ୍ର ମାନସିକତା ଦେଖାଉଛନ୍ତି । ଏହା ଗୋଟେ ମାନସିକ ରୋଗ ଏହାର ପ୍ରକୃତ ଚିକିତ୍ସା ହେବା ଦରକାର । ଅଷ୍ଟ୍ରେଲିଆ ଓ ଗ୍ରୀସରେ ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲାଗିବା ଏବେ ବିତର୍କ ସୃଷ୍ଟି କରିଛି । ପିଲାଙ୍କ ସୋସିଆଲ ମିଡିଆ ବ୍ୟବହାର ଉପରେ ଅଙ୍କୁଶ ଲଗେଇବାର ସମୟ ଆସିଯାଇଛି ବୋଲି ଅନୁଭବ କରୁଛନ୍ତି ଅଭିଭାବକ । କର୍ଣ୍ଣାଟକ ସରକାର ମଧ୍ୟ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ସୋସିଆଲ ମିଡିଆ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗେଇଛନ୍ତି । ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଆନ୍ଧ୍ର ପ୍ରଦେଶ ଏବଂ ଗୋଆ ସମାନ ଚିନ୍ତାଧାରାରେ ଏବେ ବିଚାର ବି କରୁଛନ୍ତି । ରାଜ୍ୟ ଅଭିଭାବକ ମହାସଂଘ ସୋସିଆଲ ମିଡିଆ ଓ ଗ୍ୟାଜେଟ୍ ଉପରେ ଛାତ୍ରଛାତ୍ରୀଙ୍କ ନିର୍ଭରଶୀଳତା ବୃଦ୍ଧି ପାଉଥିବାରୁ ସମାନ ପ୍ରତିବନ୍ଧକ ଲଗାଇବାକୁ ସରକାରଙ୍କ ପାଖେ ଦାବି କରିଛନ୍ତି । ଶୁଣନ୍ତୁ ଏହାକୁ ନେଇ କଣ କହୁଛନ୍ତି ଜାତୀୟ ମହିଳା କମିଶନ ଅଧକ୍ଷା । ବର୍ତ୍ତମାନ ପିଲାଙ୍କ ଭିତରେ ଡିଜିଟାଲ୍ ନିଶା ବୃଦ୍ଧି ପାଉଛି । ୨୦୨୫-୨୬ ଇକୋନୋମିକ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି ଯେ ରାଜ୍ୟର ପ୍ରାୟ ଦୁଇ-ତୃତୀୟାଂଶ ପିଲା ଅତ୍ୟଧିକ ଡିଭାଇସ୍ ବ୍ୟବହାର ଦ୍ୱାରା ପ୍ରଭାବିତ ହେଉଛନ୍ତି । ଯାହାଫଳରେ ସେମାନଙ୍କ ମାନସିକ ସ୍ଥିତି ଉପରେ ବଡ଼ ପ୍ରଭାବ ପକାଉଛି ।

# ୧୧ରୁ ପୁଣି ତାତିବ ଓଡ଼ିଶା



ଭୁବନେଶ୍ୱର, ୦୯/୪ (ନି.ପ୍ର): କିଛି ଦିନର ଆଶ୍ୱସ୍ତି ପରେ ପୁଣି ତାତିବ ଓଡ଼ିଶା । ଏବେ କାଳବୈଶାଖୀର କରାଳ ରୂପ କଲବଲ କରୁଥିବା ବେଳେ ମାତ୍ର ୨ ଦିନ ପରେ ପୁଣି ପ୍ରଚଣ୍ଡ ଖରା କଲବଲ କରିବ । ଅପରାହ୍ନ ହେଲେ ଏବେ କଳାହାଣ୍ଡିଆ ହୋଇ ମେଘ ଘୋଟି ଆସୁଛି । ଆଉ ପ୍ରବଳ କାଟୁଛି । କହିବାକୁ ଗଲେ ଏବେ ପାଗ ଏକ ପ୍ରକାରର ଥଣ୍ଡା ଅଛି । କିନ୍ତୁ ଆଗକୁ ଅସହ୍ୟ ତାତିରେ ଅସ୍ତବ୍ୟସ୍ତ ହେବେ ରାଜ୍ୟବାସୀ । ୧୧ ତାରିଖରୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ୧୧ ତାରିଖରେ ୧୧ ଟି ଜିଲ୍ଲାରେ ଗରମ, ଗୁଳୁଗୁଳି ଓ ତାତି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବିଶେଷ କରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତସିଂହପୁର, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଭୀଷଣ ତାତି ଅନୁଭୂତ ହେବ । ୧୫ ତାରିଖ ପର୍ଯ୍ୟନ୍ତ ଏ ସବୁ ଜିଲ୍ଲାରେ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି କଲବଲ କରିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

# ଅଘୋଷିତ ବିଜୁଳି କାଟ୍ କଲେ ଦଣ୍ଡ, ଯିବାକୁ ପଡ଼ିବ ଜେଲ୍



ଭୁବନେଶ୍ୱର, ୦୯/୪ (ନି.ପ୍ର): ରାଜ୍ୟର ଶକ୍ତି ଭିତ୍ତିଭୂମି କ୍ଷେତ୍ରରେ ଯୋଡ଼ି ହୋଇଛି ନୂଆ ଅଧ୍ୟାୟ । ୬୦୦ କୋଟି ଟଙ୍କା ବ୍ୟୟରେ ୩ଟି ଅତ୍ୟାଧୁନିକ ଗ୍ରୀଡ୍ ସବ୍ ଷ୍ଟେସନ୍ ଓ ୮ଟି ଟ୍ରାନ୍ସମିସନ ଲାଇନ୍‌ର ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏହି ଅବସରରେ ବିଜୁଳି କାଟକୁ ନେଇ ବିତରଣ କମ୍ପାନୀ ଓ ଅଧିକାରୀଙ୍କୁ କଡା ଚେତାବନୀ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ପ୍ରତିବର୍ଷ ଗ୍ରୀଷ୍ମଋତୁ ଆସିଲେ, ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଥାଏ ଅଘୋଷିତ ବିଦ୍ୟୁତ୍ କାଟ୍ । କିନ୍ତୁ ଏବେ ଏଥିରୁ ମୁକ୍ତି ପାଇବେ ରାଜ୍ୟବାସୀ । ଆଉ ହେବନି ଅଘୋଷିତ ବିଜୁଳି କାଟ୍ । ଯଦି କୌଣସି ସରକାରୀ ଅଧିକାରୀ କିମ୍ବା କର୍ମଚାରୀ ବିଜୁଳି କାଟ୍ କରନ୍ତି, ତେବେ ଜେଲ୍ ଦଣ୍ଡ ଭୋଗିବେ । ରାଜଧାନୀ ଉପକଣ୍ଠ ବାଲିଅନ୍ତାସ୍ଥିତ ଭୁବନପୁରରେ ଅତ୍ୟାଧୁନିକ ଗ୍ରୀଡ୍ ସବ୍‌ଷ୍ଟେସନ୍ ଲୋକାର୍ପଣ ଅବସରରେ ଏଭଳି ତାଗିଦ୍ କରିଛନ୍ତି ମୁଖ୍ୟମନ୍ତ୍ରୀ। କହିଛନ୍ତି, ୨୪ ଘଣ୍ଟା ନିରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ଯୋଗାଇ ଦିଆଯିବ। ଏମିତିକି ଅଣ୍ଡର ଗ୍ରାଉଣ୍ଡ କେବୁଲ୍ କାମ ଚାଲିଛି । ତେଣୁ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ବିଦ୍ୟୁତ୍ କାଟ୍ ହେବ ନାହିଁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

◆◆ପୃଷ୍ଠା ୭

# ଆଜି ରାଜ୍ୟ କ୍ୟାବିନେଟ

ଭୁବନେଶ୍ୱର, ୦୯/୪ (ନି.ପ୍ର): ଆସନ୍ତା ୧୦ତାରିଖରେ ବସିବାକୁ ଯାଉଛି ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କ୍ୟାବିନେଟ ବୈଠକ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତା ଲୋକସେବା ଭବନରେ ଅନୁଷ୍ଠିତ ହେବ । ବିଭାଗୀୟ ମନ୍ତ୍ରୀ ଏବଂ ସଚିବ ମାନେ ରହିବେ ଉପସ୍ଥିତ । ସୂଚନା ମୁତାବକ ଏହି କ୍ୟାବିନେଟରେ ୭ଟି ଏଜେଣ୍ଡା ଉପରେ ହୋଇପାରେ ଆଲୋଚନା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିପାରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ । ଏହି ବିଭାଗ କ୍ୟାବିନେଟରେ ଉପସ୍ଥାପନ କରିପାରେ ଏକ ନୂଆ ନୀତିର ପ୍ରସ୍ତାବ ।

◆◆ପୃଷ୍ଠା ୭

# ଗିରଫ ହେଲେ ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ

ଭୁବନେଶ୍ୱର, ୦୯/୪ (ନି.ପ୍ର): ଗିରଫ ହେଲେ କୋଟିପତି ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତି। ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ବାନ୍ଧିଲା ଭିଜିଲାନ୍ସ। ଚଢ଼ାଉ ବେଳେ ବାବୁଙ୍କ ଘରୁ ମିଳିଥିଲା ନଗଦ ୬.୨୩ ଲକ୍ଷ ଟଙ୍କା । ୧.୮୧ କୋଟିର ବ୍ୟାଙ୍କ ଡିପୋଜିଟ୍ ସହ ୩୫୦ ଗ୍ରାମ ସୁନା ଠାବ ହୋଇଥିଲା । ବହୁତଳ କୋଠା ସହ ୮ଟି ପ୍ଲଟ୍ ଓ ଗୋଟିଏ ଫାର୍ମ ହାଉସ୍ ଠାବ ହୋଇଥିଲା । ଏଠାରେ ସୂଚନାଯୋଗ୍ୟ, ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତିଙ୍କ ଘରେ ଗତକାଲି ଭିଜିଲାନ୍ସ ଚଢ଼ାଉ କରିଥିଲା । ଭୁବନେଶ୍ୱର ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀରେ ଥିବା ଆବାସିକ

◆◆ପୃଷ୍ଠା ୭

# ଜଙ୍ଗଲରେ ଗଚ୍ଛିତ କୋଟିଏ ଟଙ୍କାର ଗଞ୍ଜେଇ ଜବତ

କୋରାପୁଟ, ୦୯/୪ (ନି.ପ୍ର): ସୀମାନ୍ତ କୋରାପୁଟ ଜିଲ୍ଲା ପାଡୁଆ ଥାନା ଅଧୀନରେ ରହିଥିବା ଜଳବନ୍ଦୀ ଘେର ପରଜା ବଡ଼ପଡ଼ା ଗ୍ରାମ ପଞ୍ଚାୟତ ପଡାଲପୁଟରେ ଗତ ମାସରେ ୨୦୦ କୋଟି ଟଙ୍କାର ତରଳ ଗଞ୍ଜେଇ ଜବତ ଘଟଣା ଚର୍ଚ୍ଚାରେ ଥିବା ବେଳେ ପୁଲିସକୁ ଆଉ ବଡ଼ ସଫଳତା ମିଳିଛି। କୋରାପୁଟ ଜିଲ୍ଲା ପାଡୁଆ ଥାନା ଅନ୍ତର୍ଗତ ହାତିବାରି ପଞ୍ଚାୟତର ଦେବତୀଗୁଡ଼ା ଗ୍ରାମପାର୍ଶ୍ୱ ଜଙ୍ଗଲରେ ଚଢ଼ଉ କରି ଚୋରା ଚାଲାଣ ପାଇଁ ଗଚ୍ଛିତ ଥିବା ୧୮୦ ଗୋଟି ବସ୍ତା ମଧ୍ୟରେ ୨୨୧୯ କିଲୋ ଗଞ୍ଜେଇ ଜବତ କରାଯାଇଛି। ଚଢ଼ଉ ବେଳେ ପୁଲିସକୁ ଚକମା ଦେଇ ଚାଲାଣକାରୀ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ଏହି ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟି ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏହାକୁ ନେଇ ପାଡୁଆ ଥାନା ପରିସରରେ ନନ୍ଦପୁର (ଏସଡିପିଓ) ଦେବେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ସୂଚନା ମୁତାବକ ଗୁଇନ୍ଦା ସୂଚନା ଆଧାରରେ ଥାନାଧିକାରୀ ଅଶୋକ କୁମାର ବିଶୋଇ ଓ ଏସ୍ ଆଇ ସୁରେନ୍ଦ୍ର ସେଠୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ବୁଧବାର ରାତ୍ରି ଦେବତୀଗୁଡା ଜଙ୍ଗଲରେ ଚଢ଼ାଉ କରିଥିଲେ। ଜଙ୍ଗଲ ମଧ୍ୟରେ ଶତାଧିକ ଜରି ବସ୍ତାରେ ଭର୍ତ୍ତି ପାଲ ଘୋଡ଼ା ହୋଇ ଗଞ୍ଜେଇ ଥିବା ଦେଖି ସମସ୍ତ ଗଞ୍ଜେଇକୁ ଥାନାକୁ ଆଣିଥିଲେ।

◆◆ପୃଷ୍ଠା ୭

# ଅସ୍ତ୍ରବିରତି ନଥିବା କହି ଲେବାନନରେ ଇସ୍ରାଏଲର ନରସଂହାର: ହିଜବୁଲ୍ଲା ସଂଗଠନର ମୁଖ୍ୟ ସଚିବଙ୍କ ପୁତୁରାଙ୍କୁ ହତ୍ୟା



ନୂଆଦିଲ୍ଲୀ,୦୯/୪ : ଇରାନ-ଆମେରିକା ଅସ୍ତ୍ରବିରତି ପରେ ବି ଶାନ୍ତ ପଡୁନି ପଶ୍ଚିମ ଏସିଆ। ଲେବାନନ ଉପରେ ଇସ୍ରାଏଲ ସେନା କରିଛି ବଡ଼ ଧରଣର ଏୟାର ଷ୍ଟ୍ରାଇକ୍। ମାତ୍ର କିଛି ଘଣ୍ଟା ମଧ୍ୟରେ ଇସ୍ରାଏଲର ଶହ ଶହ ମିସାଇଲ ମାଡ଼ରେ ଥରିଛି ଲେବାନନ। । ହିଜବୁଲ୍ଲାର ଶକ୍ତିକୁ ଦମନ କରିବା ପାଇଁ ଇସ୍ରାଏଲ ଏହି ଭୟଙ୍କର ଅଭିଯାନ ଜାରି ରଖିଛି। ଫଳରେ ସମଗ୍ର ବିଶ୍ୱରେ ଏବେ ଯୁଦ୍ଧକୁ ନେଇ ଆତଙ୍କ ଖେଳିଯାଇଛି। ଇରାନ-ଆମେରିକା ମଧ୍ୟରେ ଅସ୍ତ୍ରବିରତି ପରେ ଲେବାନନ ଉପରେ ଇସ୍ରାଏଲର ଭୟଙ୍କର ଆକ୍ରମଣରେ ୨୫୪ ଜଣଙ୍କ ମୃତ୍ୟୁ। ଅସ୍ତ୍ରବିରତି ଘୋଷଣା ହେବାର ମାତ୍ର କିଛି ଘଣ୍ଟା ମଧ୍ୟରେ ଇସ୍ରାଏଲ ସେନା ଲେବାନନ ଉପରେ ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଆକ୍ରମଣ କରିଛି। ଏହି ଭୟଙ୍କର ଆକ୍ରମଣରେ ଅତିକମରେ ୨୫୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧,୧୬୦ରୁ ଅଧିକ ଲୋକ ଆହତ ହୋଇଥିବା ସୂଚନା ମିଳିଛି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ ଏହାକୁ 'ଅପରେସନ୍ ଇଟର୍ଣ୍ଣାଲ୍ ଡାର୍କନେସ୍' ନାମ ଦେଇଛି। ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି , ସେମାନେ ମାତ୍ର ୧୦ ମିନିଟ୍ ମଧ୍ୟରେ ଲେବାନନର ପ୍ରାୟ ୧୦୦ଟି ସ୍ଥାନରେ ଶକ୍ତିଶାଳୀ ବୋମା ବିସ୍ଫୋରଣ କରିଛନ୍ତି। ବେରୁତର ଜନବହୁଳ ଆବାସିକ ଅଞ୍ଚଳ, ସିଦୋନ ଏବଂ ଦକ୍ଷିଣ ଲେବାନନରେ ଏହି ଆକ୍ରମଣ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସ୍ପଷ୍ଟ କରିଛନ୍ତି , ଇରାନ ସହ ହୋଇଥିବା ଅସ୍ତ୍ରବିରତି ଚୁକ୍ତିରେ ଲେବାନନ ସାମିଲ ନାହିଁ ଏବଂ ହିଜବୁଲ୍ଲା ବିରୋଧରେ ସେମାନଙ୍କର ଅଭିଯାନ ଜାରି ରହିବ। ଅନ୍ୟପଟେ ଲେବାନନ ପ୍ରଧାନମନ୍ତ୍ରୀ ଏହାକୁ ଏକ 'ନରସଂହାର' ବୋଲି କହିଛନ୍ତି ଏବଂ ଲେବାନନାର ଆଜି ରାଷ୍ଟ୍ରୀୟ ଶୋକ ପାଳନ କରାଯିବ। ଇରାନ ସହ ଅସ୍ତ୍ରବିରତି ପରେ ବି ଲେବାନନରେ ଇସ୍ରାଏଲର ଭୟଙ୍କର ବୋମାମାଡ଼ରେ ଛାରଖାର ହୋଇଯାଇଛି ଲେବାନନର ଅନେକ ସ୍ଥାନ। ଇସ୍ରାଏଲ ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ସତ୍ତ୍ୱେ ଲେବାନନରେ ଇସ୍ରାଏଲର ଆକ୍ରମଣ ଥମିବାର ନାଁ ନେଉନାହିଁ। ଇସ୍ରାଏଲ ପାଇଁ ଇରାନ ତୁଳନାରେ ହିଜବୁଲ୍ଲା ଏକ ବଡ଼ ବିପଦ ଭାବେ ଉଭା ହୋଇଛି।

◆◆ପୃଷ୍ଠା ୭

# ପଶ୍ଚିମବଙ୍ଗ ଲୋକଙ୍କୁ ପ୍ରଧାନମନ୍ତ୍ରୀଙ୍କ ୬ ଗ୍ୟାରେଣ୍ଟି: ମମତା କହିଲେ, ମିଛର ସୌଦାଗର ବିଜେପି



ନୂଆଦିଲ୍ଲୀ,୦୯/୪ : ବିଜେପି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପଶ୍ଚିମବଙ୍ଗରେ ମାରାଥନ ପ୍ରଚାର କରିଛନ୍ତି । ବିଜେପି ରାଷ୍ଟ୍ରୀୟ ସଭାପତି ନିତିନ ନବୀନ ଓ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ମଧ୍ୟ ପ୍ରଚାର କରିଥିଲେ। ମୋଦୀ ୬ଟି ଗ୍ୟାରେଣ୍ଟି ଦେଇ ତୃଣମୂଳ କଂଗ୍ରେସକୁ ଆକ୍ରମଣ କରିଥିବା ବେଳେ ମମତା ବାନାର୍ଜୀ ମଧ୍ୟ ଏକାଧିକ ନିର୍ବାଚନୀ ରାଲିରେ ବିଜେପିକୁ ଟାର୍ଗେଟ୍ କରିଛନ୍ତି। ମୋଦୀ ଆଜି ପଶିମବଙ୍ଗ ବୀରଭୂମ ଜିଲ୍ଲାର ହଳଦିଆ, ଆସାନସୋଲ ଓ ସୁରୀରେ ନିର୍ବାଚନ ପ୍ରଚାର କରିଛନ୍ତି। ଯୁବପିଢ଼ିଙ୍କ ସ୍ୱପ୍ନକୁ ମମତା ସରକାର ଦଳି ମକଚି ଧୂଳିସାତ୍ କରିଦେଇଥିବା ମୋଦୀ ଅଭିଯୋଗ କରିଥିଲେ। ବିଜେପିର ଡବଲ ଇଞ୍ଜିନ ସରକାର ଆସିଲେ ପଶ୍ଚିମବଙ୍ଗରେ ମହିଳାଙ୍କୁ ସୁରକ୍ଷା ଦେବ ବୋଲି ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି। ୬ଟି ଗ୍ୟାରେଣ୍ଟି ଦେଇଛନ୍ତି ମୋଦୀ। ସେପଟେ ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଚବିଶ ପ୍ରଗଣା ଜିଲ୍ଲାରେ ଏକାଧିକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିଥିଲେ। କ୍ଷମତା ପାଇଁ ବିଜେପି ରାଜ୍ୟରେ ୯୧ ଲକ୍ଷ ଲୋକଙ୍କୁ ଭୋଟର ତାଲିକାରୁ ବାଦ୍ ଦେଇଥିବା ଅଭିଯୋଗ କରିଛନ୍ତି ମମତା । ବିଜେପି ଶାସିତ ରାଜ୍ୟରେ ବଙ୍ଗଳାରେ କହୁଥିବା ଲୋକଙ୍କୁ ଅନୁପ୍ରବେଶୀ କହି ନିର୍ଯାତନ ଦିଆଯାଉଛି। ପଶ୍ଚିମବଙ୍ଗରେ ମଧ୍ୟ ବହୁଲୋକ ଏହାର ଶିକାର ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଭୋଟ୍ ଦେବା ପାଇଁ ପଶ୍ଚିମବଙ୍ଗ ଭୋଟରଙ୍କୁ ମମତା ଅନୁରୋଧ କରିଥିଲେ। ବିଜେପି ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ ପଶ୍ଚିମବଙ୍ଗର ସିଙ୍ଗୁରରେ ଚାଷୀମାନଙ୍କୁ ଭେଟିବା ପରେ କୋଲକାତାରେ ପ୍ରଚାର କରିଥିଲେ। ବିଜେପି ରାଷ୍ଟ୍ରୀୟ ସଭାପତି ନିତିନ ନବୀନ ଉତ୍ତର ଦିନାଜପୁରର ଚାକୁଲିଆରେ ପ୍ରଚାର କରିଛନ୍ତି ।

# ୪ ଦିନରେ ୩୨ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୦୯/୪ (ନି.ପ୍ର): ଜୟପୁର ସଦର ପୋଲିସ ଦିନରେ ବିଭିନ୍ନ ସ୍ଥାନରେ ଚଢାଉ ୪ ଦିନରେ ୩୨ ଅଭିଯୁକ୍ତ କୁ ଗିରଫ କରିଛି । ଜୟପୁର ସଦର ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଅପରାଧିକ ମାମଲାରେ ଫେରାର ଥିବା ୮ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ମୁଖି ଖୁଡୁପି ଗ୍ରାମର ନକୁଳ ମାଣ୍ଡିଆ , ବଳ ରାମ ସୌରା, ପ୍ରହଲ୍ଲାଦ ମାଣ୍ଡିଆ, ଭଗବାନ ମଲଡିଆ, ନିଳାଗୁଡା ଗ୍ରାମର ଆକାଶ ଭଇଁସା, ଅନ୍ତା ଗ୍ରାମର ସ୍ୟାମ ଘନ ବିଷୋୟୀ , ଫାମ୍ପୁଣି ଗ୍ରାମର ପଦ୍ମନ ଭୁମିଆ , ବରମୁଣ୍ଡି ଗ୍ରାମର ଗୁପ୍ତ ପ୍ରସାଦ ସାହୁ । ଗିରଫ ଅଭିଯୁକ୍ତ ଙ୍କ ନାମରେ ଜୟପୁର ସଦର ଥାନାରେ ଅପରାଧିକ ମମଲା ରହିଥିଲା । ସେହି ଦିନ ଠାରୁ ସେ ମାନେ ଫେରାର ଥିବା ବେଳେ ବିଭିନ୍ନ ସ୍ଥାନ ରେ ଚଢାଉ କରି ୮ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୁଚନା ଦିଆଯାଇଛି । ପ୍ରଥମ ଦିନରେ ୧୧ ଦ୍ୱିତିୟ ଦିନରେ ୫ ଓ ତୃତିୟ ଦିନରେ ୮ ଜଣ ଓ ଚତୁର୍ଥ ଦିନରେ ୮ ଅଭିଯୁକ୍ତ କୁ ଗିରଫ କରିଛି । ଫେରାର ୮ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ଜୟପୁର ହାଡିଆ ଗ୍ରାମର ଜବେଶ ହରିଜନ, ଭତ୍ରା ଗ୍ରାମର ପ୍ରକାଶ ନାଗ , ପଲରାପୁଟ ଗ୍ରାମର ଗୁରୁବନ୍ଧୁ ନାଗ, କଳାଗୁଡା ଗ୍ରାମର ମଧୁ ପୁଜାରି , ଅନ୍ତା ଗ୍ରାମର ଉଦ୍ଧବ ହରିଜନ, ଭତ୍ରା ଗ୍ରାମର ରିତିକ ହରିଜନ, ଖଣ୍ଡିଆଗୁଡା ଗ୍ରାମର ଡମଣି ଖାତି ଓ ଚନ୍ଦ୍ରମା ଖାତି । । ଗିରଫ ଅଭିଯୁକ୍ତ ଙ୍କ ନାମରେ ଜୟପୁର ସଦର ଥାନାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେ ମାନେ ଫେରାର ଥିବା ବେଳେ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୁଚନା ଦିଆଯାଇଛି । ସେହିପରି ଗତ ୫ ତାରିଖରେ ଜୟପୁର ସଦର ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଅପରାଧିକ ମାମଲାରେ ଫେରାର ଥିବା ୫ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବାଲିଆ ଗ୍ରାମର ବିଣା ଧର ପରଜା ଭାଜିଗୁଡା ଶିବ ଘଢେଇ, ଧଡ୍ରିଗୁଡା ଗ୍ରାମର ହରି ଗାଦବା, ଏକମ୍ବା ଗ୍ରାମର ମହେଶ୍ୱର କୁଳଦିପ, ଷ୍ଟେସନ କଙ୍ଗା ଗ୍ରାମର ତୁଳୁସା ଗଣ୍ଡ । ଗିରଫ ଅଭିଯୁକ୍ତ ମାନଙ୍କ ନାମରେ ଜୟପୁର ସଦର ଥାନାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେ ମାନେ ଫେରାର ଥିବା ବେଳେ ସଦର ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୫ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୁଚନା ଦିଆଯାଇଛି । ସେହିପରି ଗତ ୪ ତାରିଖରେ ଫେରାର ଥିବା ୧୧ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜୟପୁର ସଦର ଥାନା ଅନ୍ତର୍ଗତ ରଣ୍ଡାପିଲ୍ଲି ଗ୍ରାମର ଧନୁଦ୍ଧ୍ୟୟ ଖାତି, କୁମୁଲିପୁଟ ଗ୍ରାମର ବିଷ୍ଣୁ ବାହାଦୁର,ସିଆଡିମାଳ ଗ୍ରାମର ଶିବ ମୁଦୁଲି, ସାନକାଉଡି ଗ୍ରାମର ଗୋବିନାଥ ହାଲବା, ପିଂଟୁ ବାହାଦୁର, ସାନଜିଉନା ଗ୍ରାମର ଲଛମନ ନାୟକ, ପ୍ରେମ ନାୟକ, କୁମାର ନାୟକ ହରିଜନ, ବାରିଣିପୁଟ ଗ୍ରାମର ରୁଜୁ ମୁଦୁଲି, ପୁରୁଷତମ ମୁଦୁଲି, କୈଳାଶ ଖୋସଲା । ୧୧ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୁଚନା ଦିଆଯାଇଛି । ୪ ଦିନରେ ୩୨ ଫେରାର ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ସୁଷମ ଖାଦ୍ୟ ବଂଟନ କରୁଛି ମନ୍ତ୍ରବାସୁଳୀ ସ୍ୱୟଂ ସହାୟକ ଗୋଷ୍ଠୀ

ଭଦ୍ରକ, ୦୯/୪ (ନି.ପ୍ର): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ଆଳମଙ୍ଗା ଠାରେ ଥିବା ମା'ମନ୍ତ୍ରବାସୁଳି ସ୍ୱୟଂ ସହାୟକ ଗୋଷ୍ଠୀ ସୁଷମ ଖାଦ୍ୟ ବଟଂନ କରି ଆସୁଛି । ରାଜ୍ୟ ସରକାର ଶିଶୁ ,କିଶୋରୀ, ଗର୍ଭବତୀ ଓ ପ୍ରସୂତି ମା' ମାନଙ୍କ ପାଇଁ ଛତୁଆ, ସୁଜି, ମୁଢି,ବେସନ, ବାଦାମ ଲଡୁ, ସୋଲା, ଖଜୁରୀ ଆଦିରେ ଖାଦ୍ୟ ପ୍ରସ୍ତୁତ କରି ବଟଂନ କରି ଆସୁଛନ୍ତି । ଦୀର୍ଘବର୍ଷ ଧରି ଏହି ବ୍ଲକରେ ମା'ମନ୍ତ୍ର ବାସୁଳୀ ସ୍ୱୟଂ ସହାୟକ ଗୋଷ୍ଠୀ ସାମଗ୍ରୀମାନ ଯୋଗାଇ ଆସୁଛନ୍ତି । ଖାଦ୍ୟର ମାନ ଓ ଓଜନକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ମାନ ଶୁଣାଯାଉଥିଲେ ମଧ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ନିଜର ଗୁଣବତା ବଜାୟ ରଖିଛି । ୭ରୁ ୩ ବର୍ଷ ଶିଶୁ ଓ ଗର୍ଭବତୀ/ପ୍ରସୁତୀ ମହିଳାଙ୍କ ପାଇଁ ଛତୁଆ ଏଥିରେ ଗହମ, ବୁଟ, ଚିନା ବାଦାମ, ଚିନି ମିଶ୍ରିତ କରାଯାଇ ପୃଷ୍ଟିକର କରାଯାଉଛି । କିଶୋରୀ ,ଗର୍ଭବତୀ ଓ ପ୍ରସୁତୀଙ୍କୁ ଦିଆଯାଉଥିବା ଉକ୍ତ ଖାଦ୍ୟର ଉତମ ମାନକୁ ସର୍ବଦା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରାଧାନ୍ୟ ଦେଇ ଆସୁଛି । ଏହି ବ୍ଲକରେ ଥିବା ୨୩୮ ଗୋଟି ଅଙ୍ଗନୱାଡି କେନ୍ଦ୍ରକୁ ନିୟମିତ ସୁଷମ ଖାଦ୍ୟ ବଟଂନ କରି ଜିଲ୍ଲାରେ ଅଗ୍ରଣୀ ଗୋଷ୍ଠୀ ଭାବେ କାର୍ଯ୍ୟ କରୁଛି । ଉକ୍ତ ଗୋଷ୍ଠୀରେ ସଭାନେତ୍ରୀ ସୁଲୋଚନ ପ୍ରଧାନ, ସମ୍ପାଦିକା ସୁନିତା ବେଜ,ତୁଳସୀ ଜେନା, ସୁଷମା ମଞ୍ଜରୀ ଧଳ, ବାସନ୍ତୀ ଜେନା, ମନୋରମା ଜେନା, ତିଳୋତମା ଜେନା, ଜୟନ୍ତୀ ସେଠୀ, ଶାନ୍ତି ଜେନା, ରଞ୍ଜିତା ଲେଙ୍କା, ଅନୁସୟା ଲେଙ୍କାଙ୍କ ସମେତ ଚକୀ ପେଶା କର୍ମଚାରୀ, ରୋଷ୍ଟରରେ ଭଜା କର୍ମଚାରୀ, ଡ୍ରାଇଭର, ହେଲ୍ପର, ସୁପର ଭାଇଜର, ମ୍ୟାନେଜର ଙ୍କ ସମେତ ଖାଦ୍ୟ ବିତରଣ କର୍ମଚାରୀ ପାଖାପାଖି ୯ ଜଣ କାର୍ଯ୍ୟ କରୁଛନ୍ତି । ପ୍ରକାଶଥାଉକି ୨୦୧୧ ମସିହା ଠାରୁ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ସରକାରଙ୍କ ଠାରୁ ଅନୁମୋଦିତ ହୋଇ କାର୍ଯ୍ୟ କରି ଆସୁଛି । ଉକ୍ତ ଗୋଷ୍ଠୀର ଖାଦ୍ୟ ଯୋଗାଣରେ ମାନ ଓ ଓଜନରେ କୋଣସି ତୃଟି ପରିଲକ୍ଷିତ ହୋଇ ନାହିଁ । ଆହୁରିମଧ ରାଜ୍ୟ ପରୀକ୍ଷାଗାର ଠାରୁ ନିୟମିତ ଏହାର ମାନ ଯାଚଂ ପୂର୍ବକ ସନ୍ତୋଷ ଜନକ ରିପୋର୍ଟ ପ୍ରାପ୍ତ ହୋଇଅଛି । କିଛି ନିର୍ଦ୍ଧିଷ୍ଟ ବ୍ୟକ୍ତି ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ବଦନାମ୍ କରିବାକୁ ଅପଚେଷ୍ଟା କରୁଛନ୍ତି ଯାହାକୁ ନେଇ ମହିଳା ମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି ।

# ଓଡିଆ ପକ୍ଷପାଳନ ଅବସରରେ ଜିଲ୍ଲାସ୍ତରୀୟ ଯୋଗ ଏବଂ ରକ୍ତଦାନ ଶିବିର

ଭବାନୀପାଟଣା, ୦୯/୪ (ନି.ପ୍ର): ଓଡିଆ ପକ୍ଷପାଳନ ଅବସରରେ ଆଜି ଜିଲ୍ଲାପାଳ କଳାହାଣ୍ଡି ଙ୍କ କାର୍ଯ୍ୟାଳୟ ପରିସର ମଧରେ ଜିଲ୍ଲାସ୍ତରୀୟ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଅଧାପକ ପରମେଶ୍ୱର ମୁଣ୍ଡ, ପତଞ୍ଜଳୀ ଯୋଗ ଶିବିରର କର୍ମକର୍ତା ଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ ପ୍ରମୁଖ ଯୋଗଦେଇଥଲେ । ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ପଣ୍ଡା ଏହି ଶିବିରରେ ସମସ୍ତଙ୍କୁ ଯୋଗ ଶିକ୍ଷା ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରଓ୍ୱାନ ଓଡିଆ ପକ୍ଷ ପାଳନ ସମ୍ପର୍କରେ ସୂଚନା ଦେଇ ଯୋଗାଭ୍ୟାସ ଉପକାରିତା ଉପରେ ଆଲୋକପାତ କରିଥିଲେ । ଅଧାପକ ଶ୍ରୀ ମୁଣ୍ଡ ଓଡିଆ ଅସ୍ମିତା ସମ୍ପକରେ ଉଲ୍ଲେଖ କରି ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମହାନନ୍ଦ ଏପ୍ରିଲ ପାହିଲାରୁ ୧୪ ଦିନ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଓଡିଆ ପକ୍ଷ ପାଳନ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମରେ ଉକ୍ତ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ ଭି.ସି. ଡ. ନିବେଦିତା ନାଥ,ଉପ ଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷ୍ୟା ଅଗ୍ରଓ୍ୱାଲା, ଡେପୁଟି ରେଜିଷ୍ଟ୍ରାର ଜୟଦେବ ସାହୁ, ଅତିରିକ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକରି ଡଃ. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଶିକ୍ଷାବିତ ଡ. ଉମେଶ ଚନ୍ଦ୍ର ଶତପଥି ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିରର ଶୁଭ ଉଦଘାଟନ କରି ରକ୍ତଦାନ ମହାପୁଣ୍ୟ ଉପରେ ଉଲ୍ଲେଖ କରି ସ୍ୱେଚ୍ଛାକୃତ ରକ୍ତଦାନ କରି ଅମୂଲ୍ୟ ଜୀବନକୁ ବଂଚାଇବାରେ ସହାୟକ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ରକ୍ତଦାନ ଶିବିର ରେ ଉପଜିଲ୍ଲାପାଳ ଧର୍ମଗଡ ପ୍ରେକ୍ଷା ଅଗ୍ରଓ୍ୱାଲ ରକ୍ତଦାନ କରିଥିଲେ । ଏହି ଅବସରରେ ଆଜି ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟ ଓ ଧର୍ମଗଡ଼ ଉପଖଣ୍ଡ ରେ ମଧ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ଏବଂ ସର୍ବମୋଟ ୬୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

# ଛାତ୍ରଛାତ୍ରୀ ଓ ପୋଲିସ୍ କ୍ୟାଡେଟ୍ : ଛାତ୍ର/ଛାତ୍ରୀମାନଙ୍କୁ ପୋଲିସ୍ କାର୍ଯ୍ୟାବଳୀ ସମ୍ପର୍କରେ ସଚେତନତା

କେନ୍ଦ୍ରାପଡ଼ା, ୦୯/୪ (ନି.ପ୍ର): ରାଜ୍ୟର ଅନ୍ୟତମ ପୁରୁଣା ହାଇସ୍କୁଲ୍ ଭାବେ ପରିଚିତ କେନ୍ଦ୍ରାପଡ଼ା ପିଏମ୍ଶ୍ରୀ ହାଇସ୍କୁଲରେ(ଛାତ୍ର/ଛାତ୍ରୀ, ପୋଲିସ୍ କ୍ୟାଡେଟ୍)ମାନଙ୍କୁ ପୋଲିସ୍‌ର କର୍ତବ୍ୟ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ହାଇସ୍କୁଲର ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡ଼ାର ଡିଏସ୍‌ପି ତଥା ଏସ୍‌ପିସିର ନୋଡାଲ୍ ଅଫିସର୍ ଲକ୍ଷ୍ମୀ ନାରାୟଣ ତିଓ୍ୱାରୀ ମୁଖ୍ୟ ଅତିଥି, ସାଇବର୍ ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ ମୁଖ୍ୟବକ୍ତା, ସାଇବର୍ ଥାନାର ସ୍ୱତନ୍ତ୍ର ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ସମ୍ମାନୀତ ଅତିଥି, ଏସ୍‌ପିସିର ସଂଯୋଜକ ଝରଣା ପ୍ରଧାନ ସମ୍ମାନୀତ ଅତିଥି, ଇଚ୍ଛାପୁର ହାଇସ୍କୁଲର ଶିକ୍ଷୟିତ୍ରୀ ବୀଣାପାଣି ଦାଶ, କେନ୍ଦ୍ରାପଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷକ ମଦନ ମୋହନ କର ପ୍ରମୁଖ ଉପସ୍ଥିତ ହୋଇ ବର୍ତମାନ ସମାଜରେ ସାଇବର ଅପରାଧ ବୃଦ୍ଧି ପାଉଥିବାରୁ ଏହାଠାରୁ ଛାତ୍ରଛାତ୍ରୀମାନେ ସତର୍କ ରହିବା ସହିତ କୌଣସି ଅପରାଧ କରିବା ପୂର୍ବରୁ ଚିନ୍ତା କରିବାର ଆବଶ୍ୟକ ରହିବା ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିସହିତ ମୋବାଇଲ୍ ଦୁରୂପଯୋଗ ନକରିବା, ପୋଲିସ୍‌ର କର୍ତବ୍ୟ ଓ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ଏକ ସଚେତନତା ରଥ ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଜିଲ୍ଲାର ୪ଟି ହାଇସ୍କୁଲର ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ଏସ୍‌ପିସିରେ ୨୨ ଜଣ ପୁଅ ଓ ୨୨ଜଣ ଝିଅକୁ ନେଇ ଏସ୍‌ପିସି ଗଠନ କରାଯାଇଛି । ସଚେତନତା ଶୋଭାଯାତ୍ରା ସମୟରେ ଗାଡ଼ିଚାଳକମାନଙ୍କୁ ହେଲେମେଟ୍ ପିନ୍ଧିବା, ନିୟମ ମାନି ଗାଡ଼ି ଚଳେଇବା, ନିଶାସକ୍ତ ଅବସ୍ଥାରେ ଗାଡ଼ି ନଧରିବା ଆଦି ସମ୍ପର୍କରେ ସ୍ଲୋଗାନ ମାନ ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ହାଇସ୍କୁଲର ବରିଷ୍ଠ ଶିକ୍ଷକ ପବିତ୍ର ମୋହନ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମନୋଜ କୁମାର ପରିଡା ବାର୍ଷିକ ବିବରଣୀ ପାଠ କରିଥିଲେ । ସଭା ଶେଷରେ ପ୍ରକାଶ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁତରଙ୍ଗ ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୦୯/୪ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କୁତରଙ୍ଗ ଗ୍ରାମ ପଂଚାୟତ ହାଇସ୍କୁଲର ଆଦର୍ଶ ପ୍ରଧାନ ଶିକ୍ଷକ ତଥା ସମାଜସେବୀ ରାମଚନ୍ଦ୍ର ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ସ୍ଥାନୀୟ ସମାଜସେବୀ ଅଭିମନ୍ୟୁ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସମାରୋହରେ ମୁଖ୍ୟବକ୍ତା ଭାବେ ରଘୁନାଥ ରାଉତ, ସ୍ଥାନୀୟ ସରପଂଚ ଚିରରଞ୍ଜନ ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ସାହୁ, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ଭୋଇ, ପ୍ରାକ୍ତନ ବିଜ୍ଞାନ ପରିଦର୍ଶକ ପିତବାସ ପଣ୍ଡା ପ୍ରମୁଖଙ୍କ ସମେତ ହାଇସ୍କୁଲର ପୂର୍ବତନ ଛାତ୍ର/ଛାତ୍ରୀ, ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ପ୍ରଧାନ ଶିକ୍ଷକ ଶ୍ରୀ ଦାସଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦେଇଥିଲେ । ସ୍ଥାନୀୟ ସମିତି ସଭ୍ୟ ମିନତୀ ଦାସ, ସଂଯୋଜକ ତଥା ପୂର୍ବତନ ସରପଂଚ ରାଜନ୍ ପ୍ରସାଦ ଥାଟୋଇ, ପ୍ରସନ୍ନଜିତ୍ ପଣ୍ଡା କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କୃପାସିନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସ୍କୁଲ୍ ପରିସରରେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ପ୍ରତିମୂର୍ତୀ ଅନାବରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ନୃସିଂହ ଭଦ୍ର, ବଟକୃଷ୍ଣ ସାମଲ, ଅତିଥି ଶିକ୍ଷକ ବାବୁ ଜାନ୍, ସମିତି ସଭ୍ୟ ଅକ୍ଷୟ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ମାର୍ଶାଘାଇ ତହସିଲରେ ମ୍ୟୁଟେସନ ଜାଲିଆତି

କେନ୍ଦ୍ରାପଡ଼ା, ୦୯/୪ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ତହସିଲ ଦୁର୍ନୀତି ଓ ଜାଲିଆତିରେ ଶୀର୍ଷରେ ପହଂଚିଛି । ବିନା ଉତ୍କୋଚରେ ଲୋକଙ୍କୁ ଆବଶ୍ୟକ ସେବା ମିଳୁନଥିବାବେଳେ ବର୍ଷବର୍ଷ ଧରି କାମକୁ ଉଦ୍ଦେଶ୍ୟ ମୂଳକ ଭାବରେ ପକାଇ ରଖାଯାଉଛି । ଆଜି ଆସ କାଲି ଆସ ବୋଲି ଲୋକଙ୍କୁ ଦୌଡ଼ା ଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ୨୦୧୮ରେ ମାର୍ଶାଘାଇ ତଦସିଲଦାର ଏକ ମ୍ୟୁଟେସନ କେଶର ଶୁଣାଣୀ କରି ଏହାକୁ ଖାରଜ କରିଥିବାବେଳେ ଆଜି ପର୍ଯ୍ୟନ୍ତ ଉଦେଶ୍ୟ ମୂଳକ ଭାବରେ ଏହି ଖରଜ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇ ନଥିବା ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗକାରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ଅଭିଯୋଗ ଅନୁସାରେ ମ୍ୟୁଟେସନ କେଶ ନମ୍ବର ୪୯୦/୨୦୧୭କୁ ଆଇନ୍ ଅନୁସାରେ ଶୁଣାଣୀ କରି ତତ୍କାଳୀନ ତହସିଲଦାର ୨୮-୧୧-୨୦୧୮ରେ ଲିଖିତ ନିର୍ଦେଶ ବଳରେ ଏହାକୁ ଖାରଜ କରଥିଲେ । ଏହାମଧରେ କିଛିବର୍ଷ ଅତିକ୍ରାନ୍ତ ହୋଇଥିବାବେଳେ ଖାରଜ ହୋଇଥିବା ପଟ୍ଟା ଇଂଟରନେଟରେ ଉପଲବ୍ଧ ହେଉଥିବା ଜାଣି ବର୍ତମାନର ତହସିଲଦାରଙ୍କୁ ଶ୍ରୀ ମହାପାତ୍ର ଅବଗତ କରିବା ସହ ଲିଖିତ ଅଭିଯୋଗ କରିଥିଲେ । ତହସିଲଦାର ଦୀର୍ଘ ଏକବର୍ଷ ଧରି ଆଜି ଓ କାଲି କହି ଦିନ ଗଡ଼ାଇବା ପରେ ଶ୍ରୀ ମହାପାତ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ହୋଇ ଅଭିଯୋଗ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଉକ୍ତ ଖାରଜ ନିର୍ଦ୍ଦେଶକୁ ସାତଦିନ ମଧରେ କାର୍ଯ୍ୟକାରୀ କରିବାକୁ ତହସିଲଦାର ମାର୍ଶାଘାଇଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ତହସିଲଦାର ମାର୍ଶାଘାଇ ଏହାକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ କରିବାରୁ ଶ୍ରୀ ମହାପାତ୍ର ୩୦-୭-୨୦୨୫ରେ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଥିଲେ । ତେବେ ଏହି ଖାରଜ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ଗ୍ରହଣ କରିବେ ବୋଲି ତହସିଲଦାର ମାର୍ଶାଘାଇ ୧୬-୯-୨୦୨୫ରେ ଲିଖିତ ଉତର ରଖିଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ଅଜଣା କାରଣ ପାଇଁ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି । ତହସିଲଦାର ମାର୍ଶାଘାଇଙ୍କ ଏହି ମନାମାନୀକୁ ନେଇ ଶ୍ରୀ ମହାପାତ୍ର ପୁଣିଥରେ ଅତିରିକ୍ତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏଥର ବିଫଳ ହେଲେ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

# ମଂଟେଶୋରୀ ପବ୍ଲିକ ସ୍କୁଲରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବଲାଙ୍ଗୀର, ୦୯/୪ (ନି.ପ୍ର): ସ୍ଥାନୀୟ ମାଲପଡା ସ୍ଥିତ ମଂଟେଶୋରୀ ପବ୍ଲିକ ସ୍କୁଲରେ ପ୍ରିନ୍ସିପାଲ ରବିଚନ୍ଦ୍ର ଉଦ୍‌ଗାତାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ସ୍କୁଲର ଚେୟାରମେନ ବିରେନ୍ଦ୍ର ଉଦ୍‌ଗାତା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଛାତ୍ର ଛାତ୍ରୀମାନଙ୍କୁ ପ୍ଲେଜ କରାଇବା ସହିତ ଜୀବନର ସଫଳତା ଉପଯୁକ୍ତ ଟିପସ୍ ଦେଇ ମାର୍ଗଦର୍ଶନ କରିଥିଲେ । ଅପର ପ୍ରାଇମେରୀ ସେକସନ ପ୍ରିନସିପାଲି ଅଭିସ୍ମିତା ଦାଶ ଏବଂ ଏକାଡେମିକ ଇନଚାର୍ଜ ଡ. ରବିଚନ୍ଦ୍ର ପଶାୟତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ନବମ ଶ୍ରେଣୀର ଛାତ୍ରୀ ଆର୍ଯ୍ୟାହୀ ମିଶ୍ର ସ୍ୱାଗତ ଅଭିଭାଷଣ ଦେବା ସହ ସଭା ସଂଯୋଜନା କରିଥିଲେ । ଶିକ୍ଷକ ଆଶିକ ଯୋଷି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଛାତ୍ରୀ ଅଂକିତା ମେହେର, ହରିଶ ଭୋଇ, ଖୁସି ଅଗ୍ରଓ୍ୱାଲ, ସ୍ରିଷ୍ଟି ସୋହାନି ସାହୁ ଦିବସର ତାତ୍ପର୍ଯ୍ୟ ବିଷୟରେ ନିଜସ୍ୱ ମତବ୍ୟକ୍ତ କରିଥିଲେ । ଶିକ୍ଷକ ନବ କିଶୋର ବାରିକ, ଆର ସୁଲତାନା, ନମିତା ସାଗର, ପ୍ରତିକ୍ଷା ରଥ, ସୋମ ପ୍ରକାଶ ପଟ୍ଟନାୟକ, ତୃପ୍ତି ମହାରଣା କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ସହଯୋଗ କରିଥିଲେ । ପରିଶେଷରେ ନବମ ଶ୍ରେଣୀର ଛାତ୍ରୀ ଶକ୍ତି ସ୍ୱରୁପା ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର ଆୟୋଜିତ: ସାମିଲ ହେଲେ ବିଭିନ୍ନ ଶିକ୍ଷାନୁଷ୍ଠାନ

କେନ୍ଦୁଝର, ୦୯/୪ (ନି.ପ୍ର): ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସ ଅବସରରେ ବୁଧବାର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ରେଡକ୍ରସ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ରକ୍ତଦାନ ଅଭିଯାନରେ ଜିଲ୍ଲାର ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଓ ସାଧାରଣ ଜନତା ସ୍ୱତଃସ୍ଫୂର୍ତ ଭାବେ ଅଂଶଗ୍ରହଣ କରିଥିଲେ । ମୋଟ ୮୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ, ଏଥିମଧ୍ୟରୁ ଜିଲ୍ଲା ରକ୍ତ ଭଣ୍ଡାରରୁ ୧୫ ୟୁନିଟ୍, ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରରୁ ୨୭ ୟୁନିଟ୍, ଧରଣୀଧର ବିଶ୍ୱବିଦ୍ୟାଳୟ ପକ୍ଷରୁ ୩୦ ୟୁନିଟ୍ ଏବଂ ଦରବାର ହଲ୍‌ରେ ଆୟୋଜିତ ଶିବିରରୁ ୧୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ସଂଗୃହୀତ ରକ୍ତକୁ ଜରୁରୀକାଳୀନ ପରିସ୍ଥିତିରେ ଜୀବନ ରକ୍ଷା ତଥା ମାନବ କଲ୍ୟାଣ ନିମନ୍ତେ ଜିଲ୍ଲା ରକ୍ତକେନ୍ଦ୍ରକୁ ପଠାଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ରବିମଙ୍ଗଳ ମାରାଣ୍ଡି, ରକ୍ତକେନ୍ଦ୍ର ସମ୍ପାଦକ ଏଆର ଖାନ, ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ଯୁବ ରେଡକ୍ରସ କାଉନସିଲର, ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷ, ରେଡକ୍ରସ ଅଧିକାରୀ, ସମାଜ ସେବୀ ଡାକ୍ତର ସଂଜୀବ ଓତା, ସହକାରୀ ଜିଲ୍ଲାପାଳ ସନ୍ତୋଷ ଜେନା, ସୂର୍ଯ୍ୟଙ୍କିତା ସାହୁ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଅତିଥିମାନେ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ସମସ୍ତ ରକ୍ତଦାତାଙ୍କୁ ସମ୍ମାନଜନକ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

# ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି

ଝାରସୁଗୁଡ଼ା, ୦୯/୪ (ନି.ପ୍ର): ଜିଲ୍ଲାରେ ବଢୁଥିବା ତାପମାତ୍ରା ଓ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି । ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରିବା ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ଡି.ଏମ୍.ଏଫ୍ ଅଡିଟୋରିୟମ୍‌ରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ । ଜିଲ୍ଲାପାଳ ସୂଚନା ଦେଇଛନ୍ତି ଯେ, ପଥିକ ଓ ସାଧାରଣ ଜନତାଙ୍କ ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ମୋଟ ୪୯୨ଟି ଜଳଛତ୍ର ଖୋଲାଯିବ । ସେହିପରି ଜଳାଭାବ ଅନୁଭୂତ ହେଉଥିବା ୫୪୯ଟି ସ୍ଥାନରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି । ଜିଲ୍ଲାରେ ୧୯୨ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଓ ୭୭୭୭ଟି ନଳକୂପକୁ କାର୍ଯ୍ୟକ୍ଷମ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଓ୍ୱାଟକୋ ଅଧୀନରେ ଥିବା ୫୦୨ଟି ପ୍ରଡକ୍ସନ ଓ୍ୱେଲ୍ ର ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ ଜାରି ରହିଛି । ବିଦ୍ୟୁତ ସେବାକୁ ବ୍ୟାହତ ନକରିବା ପାଇଁ ୧୩,୫୦୦ଟି ଟ୍ରାନ୍ସଫର୍ମର କାର୍ଯ୍ୟ କରୁଥିବା ବେଳେ ପୋଡ଼ି ଯାଇଥିବା ଟ୍ରାନ୍ସଫର୍ମର ବଦଳାଇବା ପାଇଁ ୭୦ଟି ଅତିରିକ୍ତ ଟ୍ରାନ୍ସଫର୍ମର ମହଜୁଦ ରଖାଯାଇଛି । ଶିଳ୍ପ ଓ ଖଣି ଅଞ୍ଚଳରେ ଶ୍ରମିକମାନଙ୍କ ପାଇଁ ୫୦ ରୁ ୧୦୦ ଜଣ କ୍ଷମତା ବିଶିଷ୍ଟ ଏସି କିମ୍ବା କୁଲର ଥିବା ବିଶ୍ରାମ ଗୃହ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ସକାଳ ୧୧:୦୦ ରୁ ଅପରାହ୍ନ ୪:୦୦ ପର୍ଯ୍ୟନ୍ତ ଭାରୀ ଯାନ ଲୋଡିଂ ଉପରେ କଟକଣା ଲଗାଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଡାକ୍ତରଖାନାରେ ସ୍ୱତନ୍ତ୍ର 'ହୀଟ୍ ଷ୍ଟ୍ରୋକ ରୁମ୍' ପ୍ରସ୍ତୁତ କରାଯାଇଛି ଏବଂ ଅଙ୍ଗନବାଡ଼ି କର୍ମୀ ଓ ବିଦ୍ୟାଳୟଗୁଡ଼ିକୁ ପ୍ରର୍ଯ୍ୟାପ୍ତ ପରିମାଣର ଓ.ଆର.ଏସ ଯୋଗାଇ ଦିଆଯାଇଛି । ଶିକ୍ଷା ବିଭାଗ ପକ୍ଷରୁ ସକାଳୁଆ ସ୍କୁଲ ସମୟ ସକାଳ ୬:୩୦ ରୁ ୧୦:୩୦ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି । ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଗୃହପାଳିତ ପଶୁଙ୍କ ପାଇଁ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ପ୍ରାଣୀ ଚିକିତ୍ସାଳୟ ଖୋଲା ରଖିବା ସହ ପାଣି କୁଣ୍ଡର ବ୍ୟବସ୍ଥା କରାଯାଇଛି । ପରିବହନ କ୍ଷେତ୍ରରେ ମଧ କଟକଣା ଜାରି କରାଯାଇଛି; ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଯାତ୍ରୀବାହୀ ବସ୍ ଚଳାଚଳ ଉପରେ ପରିବହନ ବିଭାଗ କଡ଼ା ନଜର ରଖିବେ ଏବଂ ବସରେ ଯାତ୍ରୀ ସଂଖ୍ୟା ସୀମିତ ରହିବା ସହ ପାଣି ଓ ଓ ଆର୍ ଏସ ରଖିବା ବାଧତାମୂଳକ କରାଯାଇଛି ।

# ଦେଓଗାଁ ଚିନିକଳ ପୁନଃ କାର୍ଯ୍ୟକ୍ଷମ ଦାବିରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରିଲା ଚିନିକଳ ସଂଘର୍ଷ ସମିତି

ବଲାଙ୍ଗୀର, ୦୯/୪ (ନି.ପ୍ର): ପୂର୍ବ ଘୋଷଣା ଅନୁଯାୟୀ ଦେଓଗାଁ ଚିନିକଳ ସଂଘର୍ଷ ସମିତି ତରଫରୁ ଚିନିକଳ ପୁନରୁର୍ଦ୍ଧାର ପାଇଁ ଜିଲ୍ଲାପାଳଙ୍କ ଅଫିସ ସାମନାରେ ଏକ ଧାରଣା ତଥା ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା । ଗତ ସାଧାରଣ ନିର୍ବାଚନରେ ଏହି ପ୍ରସଙ୍ଗକୁ ବିଜେପି ଦଳ ତାଙ୍କ ନିର୍ବାଚନି ଇସ୍ତାହାରରେ ସ୍ଥାନିତ କରି ଏବଂ ସରକାରକୁ ଆସିବା ପରେ ବଲାଙ୍ଗୀରସ୍ଥ ପଥରଚେପା ଠାର ଅନୁଷ୍ଠିତ କୃଷକ ଶକ୍ତି ମେଳା ରେ ଖୋଦ ମୁଖ୍ୟମନ୍ତ୍ରୀ ଏବଂ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଚିନିକଳ ତୁରନ୍ତ ଖୋଲିବା ନେଇ ଦୃଢ଼କଣ୍ଠରେ ଘୋଷଣା କରିବା, ଜିଲ୍ଲାର ଚାଷି ସମାଜ, ଶ୍ରମିକ ଶ୍ରେଣୀ ତଥା ବୁଦ୍ଧିଜିବୀ ମହଲରେ ନୂତନ ଆଶାର ସଂଚାର କରିଥିଲା । ପ୍ରଶାସନିକ ସ୍ତରରେ ମଧ କିଛି ହଲଚଲ ଅନୁଭବ କରାଯାଉଥିଲା । କିନ୍ତୁ ନିକଟ ଅତୀତରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଭୁବନେଶ୍ୱର ଠାରେ କେବଳ ନୟାଗଡ ଓ ବଡମ୍ବା ଚିନିକଳ ଚାଲିବା ନେଇ ସବୁଜ ସଂକେତ ଦେଇଥିଲେ । ଏହା ଦ୍ୱାରା ପୁନର୍ବାର ଦେଓଗାଁ ଚିନିକଳ ର ଭାଗ୍ୟ ଅନିଶ୍ଚିତତା ଭିତରକୁ ଚାଲିଗଲା । ଏଣୁ ସରକାରଙ୍କ ଏତାଦୃଶ ଉପେକ୍ଷା ଓ ଅଣଦେଖା ଭାବକୁ ଚାଷି ସମାଜ ସହଜରେ ଗ୍ରହଣ କରିବ ନାହିଁ ବୋଲି ସଂଘର୍ଷ ସମିତିର ମୁଖ୍ୟ ଆବାହକ ବିଭୁଦତ ମିଶ୍ର ପ୍ରକାଶ କରି ଯଦି ସରକାର ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଏ ସମ୍ବନ୍ଧୀୟ ସକରାତ୍ମକ ଘୋଷଣା ନକରନ୍ତି, ତା ହେଲେ ସମିତି ବାଧ ହୋଇ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ଶାଣୀତ କରିବ ବୋଲି ଚେତାବନୀ ଦେଇଥିଲେ । ଆବାହକ ସତ୍ୟ ବନଛୋର ଙ୍କ ସଂଯୋଜନା ଓ ବିଭୁଦତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋବ ସଭାରେ ବିଭିନ୍ନ ଚାଷୀ ସଂଗଠନ ର ନେତୃତ୍ୱ , ଶ୍ରମିକ ସଂଗଠକ ଏବଂ ବୁଦ୍ଧିଜିବୀ ଯୋଗଦେଇ ସରକାର ତାଙ୍କ ପୂର୍ବ ଘୋଷଣାକୁ ବିନା ଟାଳଟୁଳ ନୀତିରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଆହ୍ୱାନ ଦେଇଥିଲେ । ସମିତିର ଆବାହକ ମଣ୍ଡଳିର ସଦସ୍ୟଗଣ ଯଥା ରାଜେଶ ବର୍ଗର୍ତି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଲ, ଆଶିଷ ପାଣ୍ଡେ, ସନ୍ଦୀପ ବାଗ, ନୀଳମଣୀ ଯୋଷୀ ଏବଂ ଚାଷୀନେତା ମଧୁସୁଦନ କ୍ଷେତୀ, ପ୍ରିତମ ଠାକୁର, ପ୍ରଦ୍ୟୁମ୍ନ ବାବୁ, ପିଂଟୁ ସେଠ୍ ଓ ସୁଧିର ପଟେଲ ପ୍ରମୁଖ ଯୋଗଦେଇ ସରକାରଙ୍କ ଏହି ଉପେକ୍ଷା ଓ ପ୍ରତାରଣା କୁ ଦୃଢ ନିନ୍ଦା କରିବା ସହ ଚାଷୀଙ୍କ ଧର୍ଯ୍ୟର ପରୀକ୍ଷା ନ ନେବାକୁ ସରକାରଙ୍କୁ ଚେତାବନୀ ଦେଇଥିଲେ । ଏ ସମ୍ବନ୍ଧରେ ଏକ ୪ ଦଫା ସମ୍ବଳିତ ଦାବୀପତ୍ର କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଲାଙ୍ଗୀର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ଶେଷରେ ରାଜେଶ ବର୍ଗର୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

# ବିଜେପିର ୪୭ ତମ ପ୍ରତିଷ୍ଠା ଦିବସ ପାଳିତ

କେନ୍ଦ୍ରାପଡ଼ା, ୦୯/୪ (ନି.ପ୍ର): ଭାରତୀୟ ଜନତା ପାର୍ଟିର କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ ପାର୍ଟିର ୪୭ ତମ ପ୍ରତିଷ୍ଠା ଦିବସ ଦୁହୁରିଆ ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଦଳୀୟ ପତାକା ଉତୋଳନ କରାଯାଇ ସମବେତ "ବନ୍ଦେ ମାତରମ୍" ଗାନ କରା ଯାଇଥିଲା । ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ବହୁ କାର୍ଯ୍ୟକର୍ତାଙ୍କ ସମେତ ଦଳୀୟ ପଦାଧିକାରୀମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ବରିଷ୍ଠ ବିଜେପି ନେତା ପ୍ରଫେସର ଭୁବନ ମୋହନ ଜେନା ଓ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ନେତ୍ରୀ ଗୀତାଞ୍ଜଳୀ ସେଠୀ ପ୍ରମୁଖ ବିଜେପି ପ୍ରତିଷ୍ଠାର ଐତିହାସିକ ପୃଷ୍ଠଭୂମି ସହ ସାଂପ୍ରତିକ ରାଜନୀତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

# ସୁବର୍ଣ୍ଣପୁର ସହରରେ ଘଣାପେରା ତେଲ କେନ୍ଦ୍ରର ଶୁଭାରମ୍ଭ

ସୁବର୍ଣ୍ଣପୁର, ୦୯/୪ (ନି.ପ୍ର): ସୁବର୍ଣ୍ଣପୁର ସହରରେ ପ୍ରଥମଥର ପାଇଁ ଏକ "ଘଣାପେରା ତେଲ ପ୍ରସ୍ତୁତି କେନ୍ଦ୍ର" ର ଶୁଭାରମ୍ଭ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ସଦର ବ୍ଲକ କଳାପଥର ଏମ୍ ପିଏମ୍ ତଥା ବ୍ଲକଛକ ଦୁର୍ଗାପୂଜା କମିଟି ର ସଭାପତି ଅରବିନ୍ଦ ବାରିକ, ସଂପାଦକ ନିଶାନ୍ତ ମହାନ୍ତି ଯୋଗଦେଇ ଏହାଦ୍ୱାରା ଲୋକ ମାନେ ବିନା କେମିକାଲ ଯୁକ୍ତ ସ୍ୱଚ୍ଛତେଲ ନିଜ ବ୍ୟବହାର ପାଇଁ ପାଇବା ସହ ଜିଲ୍ଲା ରେ ତୈଳବୀଜ ଉତ୍ପାଦନ କରୁଥିବା ଚାଷୀମାନଙ୍କୁ ତାଙ୍କର ଉପଯୁକ୍ତ ବଜାର ମୂଲ୍ୟ ମିଳିପାରିବା ସହଜ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ ।ପ୍ରାକୃତିକ ଏବଂ ସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତି ହେଉଥିବା ଘଣାପେରା ତେଲ ସ୍ଥାନୀୟ ଲୋକମାନଙ୍କୁ ଉପଯୁକ୍ତ ମୂଲ୍ୟରେ ଉପଲବ୍ଧ କରାଇବା ହିଁ ଆମର ଏକମାତ୍ର ଲକ୍ଷ୍ୟ ବୋଲି ଘଣାପେରା ତେଲ ଉତ୍ପାଦନ କରୁଥିବା ମମତା ଗୋଲ୍ଡ କୋଲ୍ଡ ପ୍ରେସ୍ଡ ଅଏଲ୍ ର ପରିଚାଳନା ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି ।

# ଦିନସାରା ଭୋକ ଲାଗୁନି କି... କରନ୍ତୁ ଏହି ୪ ସହଜ ଆସନ

ଭୋକର ଅଭାବ ଶରୀରରେ ପୋଷକ ତତ୍ତ୍ୱର ଅଭାବର କାରଣ ହୋଇପାରେ। ଏହିପରି ସମସ୍ୟାରୁ ରକ୍ଷା ପାଇବା ପାଇଁ ଆପଣ ଯୋଗ ଅଭ୍ୟାସ କରିପାରିବେ। ଯୋଗ ଭୋକ ବଢାଇବାରେ ସହାୟକ ହୋଇଥାଏ। ଏହା ଦ୍ୱାରା ଜଣେ ସୁସ୍ଥ ସୁନ୍ଦର ଜୀବନ ଜୀଇପାରେ। ଭୋକ ନ ଲାଗିବା ଏବଂ ଦିନସାରା ନ ଖାଇ ରହିବା ଏକ ସାଧାରଣ ସମସ୍ୟା ଯାହା ଯେକୌଣସି ବୟସରେ କାହା ସହିତ ବି ହୋଇପାରେ। ତେବେ ଏହା ପଛରେ ମଧ୍ୟ କିଛି ଗୁରୁତ୍ୱପୂର୍ଣ୍ଣ କାରଣ ଏବଂ ପାର୍ଶ୍ୱ ପ୍ରତିକ୍ରିୟା ଥାଇପାରେ। ମଧୁମେହ, ଥାଇରଏଡ୍, କର୍କଟ କିମ୍ବା ଅନ୍ୟାନ୍ୟ ରୋଗ ଭଳି ସ୍ୱାସ୍ଥ୍ୟ ସମସ୍ୟା ହେତୁ ମଧ ଭୋକ କମିଯାଏ। ମାନସିକ ଚାପ ଏବଂ ଚିନ୍ତା ମଧ ଭୋକ ଲାଗିବାର ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ଅନିୟମିତ ଏବଂ ଅସମ୍ପୂର୍ଣ୍ଣ ଖାଦ୍ୟ, ବ୍ୟସ୍ତବହୁଳ ଜୀବନଶୈଳୀ, ଔଷଧ ଖାଇବା, ମାସିକ ଋତୁସ୍ରାବ ଇତ୍ୟାଦି ଅନେକ କାରଣରୁ ଭୋକ କମିପାରେ। ଭୋକର ଅଭାବ ମଧ ଶରୀରରେ ପୋଷକ ତତ୍ତ୍ୱର ଅଭାବର କାରଣ ହୋଇପାରେ। ଏହି କାରଣରୁ, ଓଜନ ହ୍ରାସ ହୁଏ, ଦୁର୍ବଳତା ଆସିପାରେ ଏବଂ ଦୀର୍ଘ ସମୟ ଧରି ଖାଲି ପେଟରେ ରହୁଥିବା ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବ୍ୟାଧି ସାମ୍ନା କରିବାକୁ ପଡିପାରେ। ଏହିପରି ସମସ୍ୟାରୁ ରକ୍ଷା ପାଇବା ପାଇଁ ଆପଣ ଯୋଗ ଅଭ୍ୟାସ କରିପାରିବେ। ଯୋଗ ଭୋକ ବଢାଇବାରେ ସହାୟକ ହୋଇଥାଏ। ଏହା ଦ୍ୱାରା ଜଣେ ସୁସ୍ଥ ସୁନ୍ଦର ଜୀବନ ଜୀଇପାରେ। ପବନମୁକ୍ତାସନ: ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିବା ପାଇଁ ପବନମୁକ୍ତାସନ ଏକ ବହୁତ ଭଲ ଆସନ।



କିପରି ଅଭ୍ୟାସ କରିବେ:

- ପ୍ରଥମେ ମ୍ୟାଟ୍ ଉପରେ ପିଠି ପଟିଆ ଶୋଇପଡନ୍ତୁ
- ଆଣ୍ଠୁକୁ ଭାଙ୍ଗି ଦୁଇ ଗୋଡକୁ ପେଟଆଡକୁ ଆଣନ୍ତୁ
- ଦୁଇ ପାପୁଲିକୁ ଛନ୍ଦି ଆଣ୍ଠୁ ଉପରେ ରଖନ୍ତୁ
- ଶ୍ୱାସ ଛାଡନ୍ତି ଆଉ ମୁଣ୍ଡ ଉଠାନ୍ତୁ
- ଆଣ୍ଠୁକୁ ଭିଡି ନାକରେ ଛୁଇଁବାକୁ ଚେଷ୍ଟା କରନ୍ତୁ
- କିଛି ସମୟ ରଖିବା ପରେ ମୂଳ ଅବସ୍ଥାକୁ ଆସନ୍ତୁ

ଧନୁରାସନ: ଓଜନ ହ୍ରାସ କରିବା ସହିତ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବା ଏବଂ ଭୋକ ନ ଲାଗିବାର ସମସ୍ୟାକୁ ଦୂର କରିବା ପାଇଁ ଧନୁରାସନକୁ ବହୁତ ଭଲ ଆସନ ଭାବେ ବିବେଚନା କରାଯାଏ।



କିପରି ଅଭ୍ୟାସ କରିବେ:

- ପ୍ରଥମେ ମ୍ୟାଟ୍ ଉପରେ ପେଟ ମାଡି ଶୋଇପଡନ୍ତୁ
- ଦୁଇ ଗୋଡ ମଧ୍ୟରେ ଦୂରତା ରଖନ୍ତୁ
- ଆଣ୍ଠୁକୁ ଭାଙ୍ଗି ଗୋଡ ଉପରକୁ ଆଣନ୍ତୁ
- ଦୁଇ ହାତରେ ବଳାଗଣ୍ଠିକୁ ଧରନ୍ତୁ
- ଛାତି ଏବଂ ଗୋଡକୁ ଉପରକୁ ଉଠାନ୍ତୁ
- ବାହୁ ଏବଂ ଜଙ୍ଘରେ ପଡୁଥିବା ପ୍ରଭାବକୁ ଅନୁଭବ କରନ୍ତୁ
- ଏହି ଅବସ୍ଥାରେ କିଛି ସମୟ ରହିବା ପରେ, ଧୀରେ ଧୀରେ ପ୍ରାରମ୍ଭିକ ସ୍ଥିତିକୁ ଆସନ୍ତୁ

ବଜ୍ରାସନ: ବଜ୍ରାସନ ଅଭ୍ୟାସ କରିବା ଦ୍ୱାରା ଭୋକ ବଢିଥାଏ। ଆପଣ ଏହି ଆସନକୁ ଯେକୌସି ସମୟରେ ଏବଂ ଯେକୌଣସି ସ୍ଥାନରେ କରିପାରିବେ।



କିପରି ଅଭ୍ୟାସ କରିବେ:

- ପ୍ରଥମେ ମ୍ୟାଟ୍ ଉପରେ ଆଣ୍ଠୁରେ ବସନ୍ତୁ
- ପାଦ ମଝିଅରେ ଫାଙ୍କ ନ ରହିବା ଉଚିତ, ଦୁଇ ପାଦର ଆଙ୍ଗୁଠି ମିଶେଇ ରଖନ୍ତୁ
- ପିଚାକୁ ଗୋଇଠି ଉପରେ ରଖନ୍ତୁ
- ଅଣ୍ଟାକୁ ସିଧା ରଖନ୍ତୁ ଏବଂ ପାପୁଲିକୁ ଆଣ୍ଠୁ ଉପରେ ରଖନ୍ତୁ
- ଉଭୟ ଆଣ୍ଠୁ ପରସ୍ପରକୁ ଲାଗିବା ଉଚିତ
- କିଛି ସମୟ ଏହିପରି ବସି ସାଧାରଣ ଭାବରେ ଶ୍ୱାସ ନେବାରେ ଧ୍ୟାନ ଦିଅନ୍ତୁ
- କିଛି ସମୟ ପରେ ସାଧାରଣ ସ୍ଥିତିକୁ ଆସନ୍ତୁ

ଭୁଜଙ୍ଗାସନ: ଭୋକ ନ ଲାଗିବାର ଗୋଟିଏ କାରଣ ହୋଇପାରେ ପେଟରେ ଗଡବଡ। ଭୁଜଙ୍ଗାସନ ଅଭ୍ୟାସ କରିବା ଦ୍ୱାରା ଭୋକ ନ ହେବାର ସମସ୍ୟାର ସମାଧାନ ହୋଇପାରେ ଏବଂ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାରେ ଲାଭଦାୟକ ହୋଇଥାଏ।



କିପରି ଅଭ୍ୟାସ କରିବେ:

- ପ୍ରଥମେ ମ୍ୟାଟ୍ ଉପରେ ପେଟ ମାଡି ଶୋଇପଡନ୍ତୁ
- ଦୁଇ ହାତକୁ କାନ୍ଧର ଦୁଇ ପାର୍ଶ୍ୱରେ ରଖନ୍ତୁ
- ଗୋଡ ମଧ୍ୟରେ ଦୂରତା ରଖନ୍ତୁ
- ବର୍ତ୍ତମାନ ଉଭୟ ହାତ ଉପରେ ଚାପ ଦେଇ ଶରୀରର ଆଗ ଭାଗକୁ ଉଠାନ୍ତୁ
- ଏହି ଅବସ୍ଥାରେ ଆକାଶ ଆଡକୁ ଚାହିଁ ସାଧାରଣ ଶ୍ୱାସକ୍ରିୟା କରନ୍ତୁ
- ଏହି ଅବସ୍ଥାରେ କିଛି ସମୟ ରୁହନ୍ତୁ
- ତାପରେ ଧୀରେ ଧୀରେ ଆରମ୍ଭ ସ୍ଥିତିକୁ ଆସନ୍ତୁ

# କେଉଁ ଖାଦ୍ୟରୁ ମିଳିଥାଏ ଅଧିକ ପ୍ରୋଟିନ୍ : ଅଣ୍ଡା ନା ପନୀର

ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ତାଲିକାରେ ପ୍ରଥମେ ଆସିଥାଏ ଅଣ୍ଡା ଓ ପନୀର । କିନ୍ତୁ ପ୍ରାୟ ଲୋକ ପନୀର ଓ ଅଣ୍ଡାରେ ଥିବା ପ୍ରୋଟିନ୍ ପରିମାଣକୁ ନେଇ ଦ୍ୱନ୍ଦ୍ୱରେ ରହିଥାନ୍ତି । ପନୀର ନା ଅଣ୍ଡା କେଉଁଥିରୁ ଶରୀରକୁ ଅଧିକ ପ୍ରୋଟିନ୍ ମିଳିଥାଏ । ଆପଣଙ୍କ ଭିତରେ ଏମିତି ଦ୍ୱନ୍ଦ୍ୱ ରହିଛି କି ? ତେବେ ଚାଲନ୍ତୁ ଜାଣିବା କାହାରା କ୍ୟାଲୋରୀ କାଉଣ୍ଟ୍ କେତେ ? ସମସ୍ତଙ୍କ ଡାଏଟ୍‌ରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ୍ କରିବା ବହୁତ ଜରୁରି । କିନ୍ତୁ ଅନେକ ଲୋକ ଅଣ୍ଡା ଓ ପନୀରକୁ ନେଇ ଦ୍ୱନ୍ଦ୍ୱରେ ରହିଥାନ୍ତି । ଅଣ୍ଡା ତୁଳନାରେ ପନୀରରେ ଅଧିକ ଅପମିଶ୍ରଣର ଆଶଙ୍କା ରହିଥାଏ । ଶରୀରର ଉପଯୁକ୍ତ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ପରିମାଣର ପ୍ରୋଟିନ୍ ଆବଶ୍ୟକ।

ଅଣ୍ଡା- ଅଣ୍ଡା ପ୍ରୋଟିନ୍‌ରେ ଭରା । ଗୋଟିଏ ଅଣ୍ଡାରେ ୬ ଗ୍ରାମ୍ ପ୍ରୋଟିନ୍ ରହିଥାଏ । ଏହାବ୍ୟତୀତ ଶରୀରକୁ ଅନେକ ପ୍ରକାରର ଜରୁରି ଭିଟାମିନ୍ ମଧ ମିଳିଥାଏ । ଏଥିରେ ଫ୍ୟାଟ୍‌ର ମାତ୍ରା ଅଧିକ ରହିଥାଏ, ତେଣୁ ଶୀତ ଦିନେ ଅଧିକ ଅଣ୍ଡା ଖାଇବା ଲାଭଦାୟକ । ଏହାର ହଳଦିଆ ଅଂଶରେ ଅଧିକ ଭିଟାମିନ୍ସ ରହିଥାଏ । ଗୋଟିଏ ଅଣ୍ଡାରେ ୪ ଗ୍ରାମ୍‌ରୁ ଅଧିକ ଫ୍ୟାଟ୍, ଏକ ମି.ଲି.ଗ୍ରାମ୍ ଆଇରନ୍ ଓ ପ୍ରାୟ ୨୫ ମି.ଲି.ଗ୍ରାମ୍ କ୍ୟାଲସିୟମ୍ ରହିଥାଏ । ତେବେ ନିୟମିତ କେତୋଟି ଅଣ୍ଡା ଖାଇବା ଉଚିତ୍ ହେବ । ଏହା ବ୍ୟକ୍ତିର ବୟସ, ଓଜନ ଓ ଦୈନନ୍ଦିନ ରୁଟିନ୍ ଉପରେ ନିର୍ଭର କରିଥାଏ । ଏଥିପାଇଁ ନ୍ୟୁଟ୍ରିସିଆନ୍‌ଙ୍କ ମତ ନେବା ଉଚିତ୍ ।

ପନୀର- ୪୦ ଗ୍ରାମ୍ ପନୀରରେ ପ୍ରାୟ ୭ ଗ୍ରାମ୍ ପ୍ରୋଟିନ୍, ୧୯୦ ମି.ଲି. ଗ୍ରାମ୍ କ୍ୟାଲସିୟମ୍ ୫ ଗ୍ରାମ୍ କାର୍ବୋହାଇଡ୍ରେଟ୍ସ ଏବଂ ଫ୍ୟାଟ୍‌ର ମାତ୍ରା ରହିଥାଏ । ଏହାର ଭିନ୍ନ ଭିନ୍ନ ଆଇଟମ୍ କରି ଖାଇପାରିବେ । ବିଶେଷକରି ନିରାମିଷାଶୀମାନଙ୍କର ଏହା ପ୍ରଥମ ପସନ୍ଦ । ଅଣ୍ଡାର ପୋଷକ ତତ୍ତ୍ୱକୁ ପିସ୍ ହିସାବ କରାଯାଉଥିବା ବେଳେ ପନୀରର ଗ୍ରାମ୍‌ରେ କରାଯାଇଥାଏ । ଅଣ୍ଡା ତୁଳନାରେ ପନୀର ସାମାନ୍ୟ ଦାମୀ ।

ଅଣ୍ଡା ନା ପନୀର : ଉଭୟ ଅଣ୍ଡା ଓ ପନୀର ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ । ଯଦି କେହି ଅଣ୍ଡା ଖାଉ ନଥାନ୍ତି, ତେବେ ପନୀର ଖାଇବା ଦ୍ୱାରା ସେହି ପୋଷକ ତତ୍ତ୍ୱ ମିଳିପାରିବ । କିନ୍ତୁ ପନୀରରେ ଅପମିଶ୍ରଣର ଆଶଙ୍କା ଅଧିକ ରହିଥାଏ । ତେଣୁ ଯଦି ସମ୍ଭବ ନିଜେ ପନୀର ତିଆରି କରିବା ଉଚିତ୍ ହେବ ।



# କ୍ୟାନସର ପାଇଁ କେମୋ-ଥେରାପିର ବିକଳ୍ପ




ବୈଜ୍ଞାନିକଙ୍କୁ ଏକ ବଡ଼ ଉପଲବ୍ଧି ହାସଲ ହୋଇଛି । କ୍ୟାନସର୍ ଚିକିତ୍ସାରେ କେମୋଥେରାପିର ବିକଳ୍ପ ସଂଧାନ କରିଛନ୍ତି ବୈଜ୍ଞାନିକ । ପ୍ରଥମେ ମୂଷାଙ୍କ ଉପରେ ଏହାର ସଫଳତା ପ୍ରୟୋଗ କରାଯାଇଛି । ତେବେ ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ କିଛି ବର୍ଷ ସମୟ ଲାଗିବ । ୧୧ଜଣ ବୈଜ୍ଞାନିକଙ୍କ ଦଳ ଆମେରିକାର କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଏହି ସଫଳତା ହାସଲ କରିଛନ୍ତି । ଗବେଷଣା ଦଳର ମୁଖ୍ୟ ବୈଜ୍ଞାନିକ ଡ. ୟଙ୍ଗ ଲି କହିଛନ୍ତି କ୍ୟାନସର୍ ସେଲ୍ ଦୀର୍ଘଦିନ ଶରୀରରେ ରହିବା ପରେ ଟ୍ୟୁମର୍ ରୂପ ଧାରଣ କରିଥାଏ । ଶରୀରରୁ ଟ୍ୟୁମର୍ ନଷ୍ଟ କରିବା ପାଇଁ କେମୋଥେରାପି ବ୍ୟବହାର କରାଯାଏ । କିନ୍ତୁ ଏ ସମୟରେ କ୍ୟାନସର୍ ସେଲ୍ ସାଂଗକୁ ପାଖରେ ଥିବା ଭଲ ସେଲ୍ ଉପରେ ମଧ୍ୟ ଏହାର ନକରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ରୋଗୀକୁ ପ୍ରବଳ ଯନ୍ତ୍ରଣା ହୋଇଥାଏ । ତେବେ ଗବେଷଣା ମାଧ୍ୟମରେ ଜଣାପଡ଼ିଛି ମାଇକ୍ରୋ ଆରଏନଏ ଅର୍ଥାତ ଏମଆଇଆର -୨୧ ନର୍ମାଲ ସେଲ୍ସକୁ ନଷ୍ଟ କରିଦେଇଥାଏ । ଯଦ୍ୱାରା କ୍ୟାନସର୍ ସେଲ ଗୁଡ଼ିକ ଆହୁରି ପ୍ରଭାବଶାଳୀ ହୋଇଥାଏ । ତେଣୁ ଏମ୍ରାଇଆର- ୨୧କୁ ପ୍ରଭାବହୀନ କରିବାକୁ ଏକ ଆଣ୍ଟି ସେଲ୍ ତିଆରି କରି ତାକୁ ମୂଷାଂକ ଉପରେ ପ୍ରୟୋଗ କରାଯାଇଥିଲା । ଦେଖିବାକୁ ମିଳିଲା ମୂଷାଂକ ଶରୀରରୁ ଟ୍ୟୁମର ଧୀରେଧୀରେ ଛୋଟ ଆକାର ହେବା ସହ ସଂପୂର୍ଣ୍ଣ ଭାବେ ଭଲ ହୋଇଯାଇଥିଲା । ଦୀର୍ଘ ବର୍ଷ ଧରି ଏହି ଗବେଷଣା କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଚାଲିଥିଲା । ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ ଦଶବର୍ଷ ସମୟ ଲାଗିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି ।

# ଖାଲି ପେଟରେ ଲାଉ ଜୁସ୍ ପିଉଛନ୍ତି କି ? ସ୍ୱାସ୍ଥ୍ୟ ପାଇଁ ବରଦାନ ନା ଜହର ?

ଓଜନ କମାଇବାକୁ ହେଉ ବା ଶରୀରକୁ ଡିଟକ୍ସ କରିବାକୁ ବା ଦେହକୁ ଥଣ୍ଡା ରଖିବାକୁ ହେଉ ଅନେକ ଲୋକ ସକାଳୁ ଖାଲିପେଟରେ ଲାଉ ଜୁସ୍ ପିଇବା ଅଭ୍ୟାସରେ ଥାଆନ୍ତି । ଆଜିକାଲି ଫିଟନେସ୍ ପାଇଁ ଲାଉ ଜୁସ୍ ପିଇବା ଗୋଟେ ଟ୍ରେଣ୍ଡରେ ରହିଆସିଛି । ହେଲେ ନିକଟରେ ହୋଇଥିବା କିଛି ରିସର୍ଚ୍ଚ ଏନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି । ନ୍ୟୁଟ୍ରିସନ୍ ୱେବସାଇଟ୍ ମୁତାବକ, ଲାଉ ଜୁସ୍ ଯଦି ସଠିକ୍ ଭାବେ ପ୍ରସ୍ତୁତ ହୋଇଥାଏ ତେବେ ତାହା ହଜମ ଶକ୍ତି ବଢ଼ାଇବା ସହ, ବ୍ଲଡ ପ୍ରେସରକୁ ନିୟନ୍ତ୍ରଣ କରେ ।



କିନ୍ତୁ ଏହା କଡ଼ା ହୋଇଥିଲେ, ଶରୀର ଉପରେ ଓଲଟା ପ୍ରଭାବ ପକାଏ । ଏଭଳି ସ୍ଥିତିରେ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ , ସକାଳୁ ଖାଲିପେଟରେ ଲାଉ ଜୁସ୍ ପିଇବା ଠିକ୍ କି ନାହିଁ । ଯଦି ଲାଉ ଜୁସ୍ ପିଉ ତାହେଲେ କେଉଁ କେଉଁ ସତର୍କତା ରଖିବାକୁ ପଡ଼ିବ। ହେଲଥ୍ ଆଣ୍ଡ ନ୍ୟୁଟ୍ରିସନ୍ ପୋର୍ଟାଲ ଅନୁସାରେ, ଜୁସ୍ ବନାଇବାକୁ ଆଣିଥିବା ଲାଉ ତାଜା, ସବୁଜ, ବିନା ଦାଗର ହୋଇଥିବା ଦରକାର । ଲାଉର ସ୍ୱାଦ ବି ମଧୁର ହୋଇଥିବା ଦରକାର । ଏଭଳି ଲାଉର ଜୁସ୍ ଖାଲିପେଟରେ ପିଇଲେ ହଜମ କ୍ରିୟା ତ୍ୱରାନ୍ୱିତ ହୁଏ ।

ସ୍ନାପକ୍ୟାଲୋରି ଓ ଅନ୍ୟ ନ୍ୟୁଟ୍ରିସନ୍ ସାଇଟ୍ସ ଡାଟା ଅନୁସାରେ, ୧୦୦ ଗଖ ଲାଉ ଜୁସରେ ପାଖାପାଖି ୧୫ ପ୍ରତିଶତ କ୍ୟାଲୋରି , ଖୁବ୍ କମ୍ ଫ୍ୟାଟ୍, ହାଲକା ଫାଇବର, ପୋଟାସିୟମ୍ ,ଭିଟାମିନ୍ ସି, ପରି ପୋଷଣ ମିଳେ , ଯାହାସବୁ ଦିନର ଆରମ୍ଭରୁ ଶରୀରକୁ ହାଲକା ରଖିବାରେ ସାହାର୍ଯ୍ୟ କରେ । ସଠିକ ଉପାୟରେ ପ୍ରସ୍ତୁତ ଲାଉ ଜୁସ୍ କୁ ନିୟମିତ ଭାବେ ପିଇଲେ ଏସିଡିଟି, ହାର୍ଟବର୍ଣ୍ଣ ପରି ସମସ୍ୟା ଦୂରେଇଯାଏ । ଇଣ୍ଡିଆନ୍ ଜର୍ଣ୍ଣାଲ ଅଫ୍ ମେଡିକାଲ ରିସର୍ଚ୍ଚରେ ପ୍ରକାଶିତ ରିପୋର୍ଟ ଅନୁସାରେ, କଡ଼ା ଲାଗୁଥିବା ଲାଉ ଜୁସ୍ ଯୋଗୁଁ ଫୁଡ୍ ପଏଜନିଙ୍ଗ ଭଳି ସମସ୍ୟା ହୋଇପାରେ । ଯେମିତିକି ବାନ୍ତି ହେବା, ପେଟରେ ଯନ୍ତ୍ରଣା ହେବା, ଲୋ ବ୍ଲଡ ପ୍ରେସର, ଓ ମଲ୍ଟି ଅର୍ଗାନ୍ ଡ୍ୟାମେଜ୍ ଭଳି ସମସ୍ୟା ବି ସୃଷ୍ଟି ହୋଇପାରେ ।

ତେବେ ଲାଉ ଜୁସର ସବୁଠୁ ବଡ଼ ବଡ଼ ଉପକାର ହେଉଛି , ଏଥିରେ ଥିବା ଲୋ କ୍ୟାଲୋରି ଓ ହାଇ ଭଲ୍ୟୁମ୍ ନେଚର ଏହାକୁ ଓଜନ କମାଇବା ପାଇଁ ସବୁଠୁ ଭଲ ମାଧ୍ୟମ କରିଥାଏ । ଏହାକୁ ପିଇବା ପରେ ପେଟ ପୁରିଯିବା ପରି ଲାଗେ । ଏକଥା ବି କୁହାଯାଇଛି, ଏଥିରେ ପୋଟାସିୟମ ଓ ଫାଇବର ଥିବାରୁ ଏହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ କୋଲେଷ୍ଟ୍ରଲକୁ ବି ନିୟନ୍ତ୍ରଣ କରେ । । କହିବାକୁ ଗଲେ ଲାଉ ଜୁସ୍ ପିଇବା ଦ୍ୱାରା ନିଦ ବି ଭଲ ହୁଏ ।

କିନ୍ତୁ ହଁ ଆରମ୍ଭରୁ ଲାଉ ଜୁସକୁ ୫୦ ଗ୍ରାମରୁ ୧୦୦ଗ୍ରାମ ଭିତରେ ପିଅନ୍ତୁ । ଏହା ଡାଏବେଟିସ୍, କିଡନି ସମସ୍ୟା , ହାର୍ଟ ସମସ୍ୟା ଥିବା ଲୋକଙ୍କ ପାଇଁ ଭଲ । କିନ୍ତୁ ଯଦି ଅନ୍ୟ କିଛି ଶାରୀରିକ ସମସ୍ୟା ଥାଏ ତାହେଲେ ଲାଉ ଜୁସ୍ ପିଇବା ଆଗରୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

# ଦୀର୍ଘାୟୁ ହେବାର ସହଜ ମନ୍ତ୍ର : ସପ୍ତାହକୁ ମାତ୍ର ୧୫୦ ମିନିଟ୍ ବ୍ୟାୟାମ ବଦଳାଇ ଦେବ ଆପଣଙ୍କ ଜୀବନ !

ଗବେଷଣାରୁ ଏକ ଆଶାଜନକ ତଥ୍ୟ ମିଳିଛି ଯେ ସୁସ୍ଥ ଜୀବନ ପାଇଁ ସପ୍ତାହକୁ ମାତ୍ର ୧୫୦ ମିନିଟର ବ୍ୟାୟାମ ଯଥେଷ୍ଟ , ଲମ୍ବା ଜୀବନ ପାଇଁ କଠିନ ପରିଶ୍ରମ ନୁହେଁ ବରଂ ନିୟମିତ ଅଳ୍ପ ସମୟର ବ୍ୟାୟାମ ଦରକାର । ଆମେରିକାନ୍ ମେଡିକାଲ ଆସେସିଏସନ୍ ଦ୍ୱରା ପ୍ରକାଶିତ ଏକ ବୃହତ ଅଧ୍ୟୟନରୁ ଜଣାପଡ଼ିଛି ଯେ ଯଦି କେହି ବ୍ୟକ୍ତି ୧୫୦ ମିନିଟ ବ୍ୟାୟାମ କିମ୍ବା ସେହି ଧରଣର କିଛି ଶାରୀରିକ ପରିଶ୍ରମ କରନ୍ତି ତେବେ ଅକାଳ ମୃତ୍ୟୁର ଆଶଙ୍କା କମିଯାଏ । ବିଶେଷକରି ଯେଉଁମାନେ ଆଦୌ ବ୍ୟାୟାମ କରୁନାହାନ୍ତି, ସେମାନଙ୍କ ତୁଳନାରେ ବ୍ୟାୟାମ କରୁଥିବା ବ୍ୟକ୍ତି ଅଧିକ ସୁସ୍ଥ ରହୁଥିବାର



ଜଣାପଡିଛି । ଆସନ୍ତୁ ଜାଣିବା କେତେ ସମୟର ବ୍ୟାୟାମ ଆବଶ୍ୟକ ଏବଂ କଣ ? ଏବଂ କଣ କଣ କରିପାରିବା ? ଏକ ଅଧ୍ୟୟନ ଅନୁଯାୟୀ, ଦୈନିକ ପ୍ରାୟ ୩୦ ମିନିଟ୍ କରି ସପ୍ତାହକୁ ୫ ଦିନ ବ୍ୟାୟାମ କରିବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଏଥିପାଇଁ ଆପଣ ଏହି ଚାରୋଟି ସହଜ ଉପାୟ ଆପଣାଇ ପାରିବେ । ଦ୍ରୁତ ଗତିରେ ଚାଲିବା‌ଏମିତି ଚାଲନ୍ତୁ ଯେପରି ଆପଣଙ୍କ ହୃଦସ୍ପନ୍ଦନ ବଢ଼ିବ ଏବଂ ଝାଳ ବାହାରିବ, କିନ୍ତୁ ଆପଣ କଥା ହୋଇପାରୁଥିବେ । ଘଣ୍ଟାକୁ ପ୍ରାୟ ୫-୬ କିଲୋମିଟର ବେଗରେ ଚାଲିବା ଉଚିତ୍ । ଆଉମଧ ଆପଣ ସାଇକେଲ ଚଲାଇ ପାରିବେ ବାହାରେ କିମ୍ବା ଘରେ ଷ୍ଟେସନାରୀ ସାଇକେଲ୍ ସାହାଯ୍ୟରେ ସ୍ଥିର ଗତିରେ ସାଇକେଲ ଚଲାନ୍ତୁ ଏହା ମଧ ଆପଣଙ୍କୁ ସୁସ୍ଥ ରଖିବ। ପହଁରିବା ପାଣିରେ କମସେ କମ୍ ୨୦-୩୦ ମିନିଟ୍ ପହଁରିବା ଦ୍ୱାରା ଶରୀରର ସମସ୍ତ ମାଂସପେଶୀ ସକ୍ରିୟ ରହେ । ଏବଂ ଅନ୍ୟତମ ଉପାୟ ହେଉଛି ନୃତ୍ୟ ଜୁମ୍ବା, ସାଲସା କିମ୍ବା ମନପସନ୍ଦର ସଙ୍ଗୀତରେ ୩୦ ମିନିଟ୍ ନୃତ୍ୟ କରି ମଧ ନିଜକୁ ଫିଟ୍ ରଖିହେବ।ଅଧିକ ପରିଶ୍ରମ, ଅଧିକ ଫାଇଦା ଦେଇଥାଏ ।ଗବେଷଣାରୁ ଏହା ମଧ ଜଣାପଡିଛି ଯେ, ଯେଉଁମାନେ ସପ୍ତାହକୁ ୩୦୦ ରୁ ୬୦୦ ମିନିଟ୍ ବ୍ୟାୟାମ କରୁଛନ୍ତି, ସେମାନଙ୍କ କ୍ଷେତ୍ରରେ ମୃତ୍ୟୁ ଆଶଙ୍କା ୨୬-୩୧% ପର୍ଯ୍ୟନ୍ତ କମ୍ ରହୁଛି। ପୂର୍ବରୁ ବ୍ୟାୟାମ କରୁନଥିବା ବ୍ୟକ୍ତି ଯଦି ଏବେ ମଧ ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତି, ତେବେ ସେମାନେ ମଧ ଏହାର ସୁଫଳ ପାଇପାରିବେ ।

ଧ୍ୱନି ପ୍ରତିଧ୍ୱନି

# ଆମେରିକା-ଇରାନ ଅସ୍ତ୍ରବିରତି: ସ୍ଥାୟୀ ସମାଧାନର ପଥ କେତେ ଦୂର ?

ଆମେରିକା ଏବଂ ଇରାନ ମଧ୍ୟରେ ଲାଗି ରହିଥିବା ଭୟାବହ ଯୁଦ୍ଧରେ ପାକିସ୍ତାନର ମଧ୍ୟସ୍ଥତା କ୍ରମେ ଆଗତ ଦୁଇ ସପ୍ତାହର ଅସ୍ତ୍ରବିରତି ପ୍ରସ୍ତାବକୁ ଉଭୟ ପକ୍ଷ ଗ୍ରହଣ କରିବା ପରେ ସମଗ୍ର ବିଶ୍ୱ ସାମୟିକ ଭାବରେ ଆଶ୍ୱସ୍ତି ଲାଭ କରିଛି । ଗତ ଫେବୃଆରୀ ୨୮, ୨୦୨୬ ତାରିଖରୁ ଆରମ୍ଭ ହୋଇଥିବା 'ଅପରେସନ୍ ଏପିକ୍ ଫ୍ୟୁରୀ' ନାମକ ଏହି ୩୮ ଦିନିଆ ସାମରିକ ଅଭିଯାନ କେବଳ ମଧ୍ୟପ୍ରାଚ୍ୟ ନୁହେଁ, ବରଂ ସମଗ୍ର ବିଶ୍ୱର ଅର୍ଥନୈତିକ ଏବଂ ଭୂ-ରାଜନୈତିକ ସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ଦୋହଲାଇ ଦେଇଛି । ଅସ୍ତ୍ରବିରତି ହେବାର କିଛି ଘଣ୍ଟା ପୂର୍ବରୁ ଟ୍ରମ୍ପ ଇରାନ ଉପରେ ବୋମାମାଡ଼ କରି ତାହାକୁ 'ପ୍ରସ୍ତର ଯୁଗ'କୁ ଠେଲିଦେବା ଏବଂ ତାହାର ସଭ୍ୟତାକୁ ନଷ୍ଟ କରିଦେବାର ଧମକ ଦେଇଥିଲେ ମଧ୍ୟ, ବର୍ତ୍ତମାନର ଅସ୍ତ୍ରବିରତି ଏକ ଦୀର୍ଘସ୍ଥାୟୀ ଶାନ୍ତି ଚୁକ୍ତି ପାଇଁ ଏକ ସୁଯୋଗ ସୃଷ୍ଟି କରିଛି । ତଥାପି, ଏକ ସ୍ଥାୟୀ ସମାଧାନର ପଥ ଅତ୍ୟନ୍ତ ଜଟିଳ ଏବଂ କଣ୍ଟକିତ ବୋଲି ପ୍ରତୀୟମାନ ହେଉଛି । ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେରିକା ଏବଂ ଇସ୍ରାଏଲର ମିଳିତ ବାହିନୀ ଇରାନକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେବାର ଯେଉଁ ଦମ୍ଭୋକ୍ତି ପ୍ରକାଶ କରିଥିଲେ, ତାହା ବାସ୍ତବ କ୍ଷେତ୍ରରେ ଭୁଲ ପ୍ରମାଣିତ ହୋଇଛି । ଇରାନର ଅପ୍ରତ୍ୟାଶିତ ପ୍ରତିରୋଧ, ବିଶ୍ୱ ଅର୍ଥନୀତି ଉପରେ ଏହାର ବିନାଶକାରୀ ପ୍ରଭାବ ଏବଂ ଆମେରିକାର ଘରୋଇ ରାଜନୀତିରେ ଏହାର ନକାରାତ୍ମକ ପ୍ରତିକ୍ରିୟା ଟ୍ରମ୍ପ ପ୍ରଶାସନକୁ ନିଜର ଆଭିମୁଖ୍ୟ ପରିବର୍ତ୍ତନ କରିବାକୁ ବାଧ୍ୟ କରିଛି । ତେବେ, ଏହି ସାମୟିକ ଯୁଦ୍ଧବିରାମ କୌଣସି ଚୂଡ଼ାନ୍ତ ସମାଧାନ ନୁହେଁ, ବରଂ ଏହା ଆଗାମୀ ଦିନରେ ହେବାକୁ ଥିବା କଠିନ କୂଟନୈତିକ ଆଲୋଚନାର ଏକ ପ୍ରାରମ୍ଭିକ ପର୍ଯ୍ୟାୟ ମାତ୍ର ।

ଏହି ଯୁଦ୍ଧର ସବୁଠାରୁ ବଡ଼ ଏବଂ ତୁରନ୍ତ ପ୍ରଭାବ ବିଶ୍ୱ ଅର୍ଥନୀତି ଏବଂ ଶକ୍ତି ବଜାର ଉପରେ ପଡ଼ିଛି । ଯୁଦ୍ଧ ଆରମ୍ଭ ହେବା ମାତ୍ରେ ଇରାନ ବିଶ୍ୱର ଅନ୍ୟତମ ପ୍ରମୁଖ ବାଣିଜ୍ୟିକ ଜଳପଥ 'ହରମୁଜ୍ ପ୍ରଣାଳୀ'କୁ ବନ୍ଦ କରିଦେଇଥିଲା । ତଥ୍ୟ ଅନୁଯାୟୀ, ସ୍ୱାଭାବିକ ସମୟରେ ବିଶ୍ୱର ସମୁଦାୟ ସାମୁଦ୍ରିକ ତୈଳ ବାଣିଜ୍ୟର ପ୍ରାୟ ୨୦ ରୁ ୨୫ ପ୍ରତିଶତ (ଦୈନିକ ପ୍ରାୟ ୨ କୋଟି ବ୍ୟାରେଲ୍ ତୈଳ) ଏବଂ ୨୦ ପ୍ରତିଶତ ତରଳ ପ୍ରାକୃତିକ ଗ୍ୟାସ୍ (ଏଲ୍.ଏନ୍.ଜି.) ଏହି ପ୍ରଣାଳୀ ଦେଇ ଯାତାୟାତ କରିଥାଏ । ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍ (ଆଇ.ଆର.ଜି.ସି.) ଦ୍ୱାରା ବାଣିଜ୍ୟିକ ଜାହାଜ ଗୁଡ଼ିକ ଉପରେ ଆକ୍ରମଣ ଏବଂ ସମୁଦ୍ରରେ ମାଇନ୍ ବିଛାଇବା ଫଳରେ ଏହି ପଥ ଦେଇ ଯାତାୟାତ ପ୍ରାୟ ଶୂନ୍ୟକୁ ଖସିଆସିଥିଲା । ଏହାର ସିଧାସଳଖ ପ୍ରଭାବ ସ୍ୱରୂପ ବିଶ୍ୱ ବଜାରରେ ବ୍ରେଣ୍ଟ କ୍ରୁଡ୍ ତୈଳ ଦର ହଠାତ୍ ବହୁ ମାତ୍ରାରେ ବୃଦ୍ଧି ପାଇଲା । ଭାରତ ଭଳି ଏସୀୟ ଦେଶଗୁଡ଼ିକ, ଯେଉଁମାନେ ମଧ୍ୟପ୍ରାଚ୍ୟର ତୈଳ ଉପରେ ବହୁଳ ଭାବରେ ନିର୍ଭରଶୀଳ (ଏସିଆକୁ ମଧ୍ୟପ୍ରାଚ୍ୟର ୮୯.୨% ତୈଳ ରପ୍ତାନି ହୁଏ), ସେମାନେ ତୀବ୍ର ଶକ୍ତି ସଙ୍କଟ ଏବଂ ମୁଦ୍ରାସ୍ଫୀତିର ସମ୍ମୁଖୀନ ହେଲେ । କେବଳ ବିଶ୍ୱ ଅର୍ଥନୀତି ନୁହେଁ, ବରଂ ଆମେରିକା ନିଜେ ମଧ୍ୟ ଏହି ଯୁଦ୍ଧର ଆର୍ଥିକ ବୋଝ ସହିବାକୁ ଅକ୍ଷମ ହୋଇପଡ଼ିଲା । ଆକଳନ ଅନୁଯାୟୀ, ଏହି ଯୁଦ୍ଧ ପାଇଁ ଆମେରିକାକୁ ଦୈନିକ ପ୍ରାୟ ୧ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ପଡୁଥିଲା । ଏହା ଆମେରିକାର ପୂର୍ବରୁ ଥିବା ବିପୁଳ କେନ୍ଦ୍ରୀୟ ଋଣ ଭାରକୁ ଆହୁରି ବଢ଼ାଇ ଦେଇଛି । ୨୦୨୬ ମସିହା ମାର୍ଚ୍ଚ ସୁଦ୍ଧା ଆମେରିକାର ଜାତୀୟ ଋଣ ୩୯ ଟ୍ରିଲିୟନ ଡଲାରରେ ପହଞ୍ଚି ସାରିଛି ଏବଂ ଆଗାମୀ ନଭେମ୍ବରର ନିର୍ବାଚନ ସୁଦ୍ଧା ଏହା ୪୦ ଟ୍ରିଲିୟନ ଡଲାର ଛୁଇଁବାର ଆଶଙ୍କା ରହିଛି । ଏତେ ବଡ଼ ଧରଣର ଆର୍ଥିକ ଚାପ ଆମେରିକାର ଘରୋଇ ଅର୍ଥନୀତି ପାଇଁ ଏକ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଛି, ଯାହା ପ୍ରଶାସନକୁ ଯୁଦ୍ଧ ବନ୍ଦ କରିବାକୁ ଏକ ପ୍ରକାର ବାଧ୍ୟ କରିଛି ।

ସାମରିକ ଦୃଷ୍ଟିକୋଣରୁ ବିଚାର କଲେ, ଆମେରିକା ଏବଂ ଇସ୍ରାଏଲର ରଣନୀତିକ ହିସାବନିକାଶ ସମ୍ପୂର୍ଣ୍ଣ ରୂପେ ଠିକ୍ ପ୍ରମାଣିତ ହୋଇନାହିଁ । 'ଅପରେସନ୍ ଏପିକ୍ ଫ୍ୟୁରୀ' ଅଧୀନରେ ଆମେରିକା ନିଜର ବି-୨ ଷ୍ଟିଲ୍ଥ ବୋମାବର୍ଷକ ବିମାନ ଗୁଡ଼ିକୁ ବ୍ୟବହାର କରି ଇରାନର ୧୩,୦୦୦ ରୁ ଉର୍ଦ୍ଧ୍ୱ ସାମରିକ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିଥିଲା । ଏହି ବିମାନଗୁଡ଼ିକ ଆମେରିକାରୁ ଉଡ଼ାଣ ଭରି କ୍ରମାଗତ ୩୦ ଘଣ୍ଟା ଧରି ଆକ୍ରମଣ କରିବା ଭଳି ୧୮ଟି ଜଟିଳ ଅଭିଯାନ ମଧ୍ୟ ସମ୍ପନ୍ନ କରିଥିଲେ । ପେଣ୍ଟାଗନର ଦାବି ଅନୁଯାୟୀ ଇରାନର ନୌବାହିନୀ ଏବଂ ବାୟୁସେନାକୁ ବ୍ୟାପକ କ୍ଷତି ପହଞ୍ଚାଯାଇଛି ଏବଂ ଏହି ଅଭିଯାନରେ ୧୩ ଜଣ ଆମେରିକୀୟ ସୈନିକ ମଧ୍ୟ ପ୍ରାଣ ହରାଇଛନ୍ତି । କିନ୍ତୁ ଏତେ ବଡ଼ ଧରଣର ଆକ୍ରମଣ ସତ୍ତ୍ୱେ ଇରାନ ସରକାର ଆତ୍ମସମର୍ପଣ କରିନଥିଲେ । ବରଂ, ଇରାନର ସାମରିକ ବାହିନୀ ନିଜର ଦୃଢ଼ ଇଚ୍ଛାଶକ୍ତି ଏବଂ ପ୍ରତିରୋଧ କ୍ଷମତାର ପ୍ରଦର୍ଶନ କରି ପ୍ରତିଦିନ ଇସ୍ରାଏଲ ଏବଂ ପାରସ୍ୟ ଉପସାଗରରେ ଥିବା ଆମେରିକୀୟ ସମ୍ପତ୍ତି ଉପରେ ଉନ୍ନତ ଜ୍ଞାନକୌଶଳ ବିଶିଷ୍ଟ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଡ଼ ଜାରି ରଖିଥିଲେ । ଅନ୍ୟପକ୍ଷରେ, ଏକାଧିକ ସମ୍ମୁଖ ଭାଗରେ ଯୁଦ୍ଧ ଲଢୁଥିବା ଇସ୍ରାଏଲର ସାମରିକ ଭଣ୍ଡାର ଧୀରେ ଧୀରେ ଖାଲି ହେବାରେ ଲାଗିଲା । ବିଶେଷ କରି ଇସ୍ରାଏଲ ନିଜର ବାୟୁସେନା ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ଆବଶ୍ୟକ କରୁଥିବା 'ଇଣ୍ଟରସେପ୍ଟର୍' ବା କ୍ଷେପଣାସ୍ତ୍ର ନିରୋଧକର ଘୋର ଅଭାବର ସମ୍ମୁଖୀନ ହେଲା ଏବଂ ଇସ୍ରାଏଲୀ ସେନାରେ ମାନବ ସମ୍ବଳର ମଧ୍ୟ ଅଭାବ ଦେଖାଦେଲା । ଏହି ଯୁଦ୍ଧ କେବଳ କ୍ଷେପଣାସ୍ତ୍ର ଏବଂ ନିରୋଧକ ମଧ୍ୟରେ ଏକ ପ୍ରତିଯୋଗିତାରେ ପରିଣତ ହୋଇଥିଲା, ଯେଉଁଥିରେ କାହାର ଭଣ୍ଡାର ପ୍ରଥମେ ଶେଷ ହେବ, ତାହା ହିଁ ନିର୍ଣ୍ଣାୟକ ଥିଲା ।

ଭୂ-ରାଜନୈତିକ ସ୍ତରରେ ମଧ୍ୟ ଆମେରିକା ନିଜକୁ ଏକାକୀ ଅନୁଭବ କରିଥିଲା । ଟ୍ରମ୍ପ ପ୍ରଶାସନ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ମିଶି ଯେଉଁ ଯୁଦ୍ଧ ଆରମ୍ଭ କରିଥିଲେ, ତାହାକୁ ଆମେରିକାର ପାରମ୍ପରିକ ୟୁରୋପୀୟ ମିତ୍ର ରାଷ୍ଟ୍ରମାନେ ସମର୍ଥନ କରିନଥିଲେ । ଅନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟ (ଆଇ.ସି.ସି.) ଦ୍ୱାରା ଯୁଦ୍ଧ ଅପରାଧ ପାଇଁ ଅଭିଯୁକ୍ତ ନେତାନ୍ୟାହୁଙ୍କ ସହ ଖୋଲାଖୋଲି ଭାବରେ ଠିଆ ହେବାକୁ ଅନେକ ଦେଶ କୁଣ୍ଠାବୋଧ କରିଥିଲେ । ଫ୍ରାନ୍ସ ଏବଂ ଇଟାଲୀ ଭଳି ଦେଶ ଆମେରିକାର ନୀତିକୁ ବିରୋଧ କରି ନିଜର ବାଣିଜ୍ୟିକ ଜାହାଜ ଗୁଡ଼ିକର ସୁରକ୍ଷା ପାଇଁ ସିଧାସଳଖ ଇରାନ ସହ ଆଲୋଚନା ଆରମ୍ଭ କରିଦେଇଥିଲେ । ଏହା ସହିତ ରଷିଆ ଏବଂ ଚୀନ୍ ଭଳି ମହାଶକ୍ତି, ଯେଉଁମାନଙ୍କର ଇରାନ ସହିତ ଦୃଢ଼ ରଣନୈତିକ ସମ୍ପର୍କ ରହିଛି, ସେମାନେ ଏହି ଯୁଦ୍ଧକୁ ତୀବ୍ର ବିରୋଧ କରିଥିଲେ ଏବଂ ଅର୍ଥନୈତିକ ସ୍ଥିରତା ପାଇଁ ଆହ୍ୱାନ ଦେଇଥିଲେ । ଘରୋଇ ସ୍ତରରେ ମଧ୍ୟ ଟ୍ରମ୍ପଙ୍କ ପାଇଁ ସ୍ଥିତି ଅନୁକୂଳ ନଥିଲା । ପେଟ୍ରୋଲ ପମ୍ପରେ ବଢୁଥିବା ତୈଳ ଦର ଏବଂ ଜୀବନଯାପନର ବ୍ୟୟବୃଦ୍ଧି କାରଣରୁ ପ୍ରାୟ ୬୧ ପ୍ରତିଶତ ଆମେରିକୀୟ ନାଗରିକ ଏହି ଯୁଦ୍ଧକୁ ବିରୋଧ କରିଥିଲେ । ନିର୍ବାଚନ ବର୍ଷରେ ଜନସମର୍ଥନ ହ୍ରାସ ପାଇବା ଟ୍ରମ୍ପଙ୍କ ପାଇଁ ଏକ ବଡ଼ ଚେତାବନୀ ଥିଲା, ଯାହା ତାଙ୍କୁ ଇରାନକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାର ପ୍ରତିଶ୍ରୁତିରୁ ଓହରି ଆସି ଅସ୍ତ୍ରବିରତି ଘୋଷଣା କରିବାକୁ ବାଧ୍ୟ କରିଥିଲା । ଇରାନର ସାଂସ୍କୃତିକ ଦୃଢ଼ତା ଏବଂ ଶିଆ ଇସଲାମ ପ୍ରତି ନାଗରିକମାନଙ୍କର ସମର୍ପଣ ଭାବ ବାହ୍ୟ ଆକ୍ରମଣକୁ ବିଫଳ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

ତେବେ ଏହି ଅସ୍ତ୍ରବିରତିର ସବୁଠାରୁ ବଡ଼ ଦୁର୍ବଳତା ହେଉଛି ଲେବାନନ୍ ଏବଂ ହିଜବୁଲ୍ଲାହ ପ୍ରସଙ୍ଗରେ ଥିବା ଅସ୍ପଷ୍ଟତା ଏବଂ ବିରୋଧାଭାସ । ଇରାନ ଏବଂ ମଧ୍ୟସ୍ଥତା କରୁଥିବା ପାକିସ୍ତାନ ଦାବି କରିଥିଲେ ଯେ ଏହି ଦୁଇ ସପ୍ତାହର ଯୁଦ୍ଧବିରାମ ଲେବାନନ୍ ସମେତ ସମସ୍ତ ସମ୍ମୁଖ ଭାଗରେ ଲାଗୁ ହେବ । କିନ୍ତୁ ଆମେରିକା ଏବଂ ଇସ୍ରାଏଲ ଏହାକୁ ଖଣ୍ଡନ କରିଛନ୍ତି । ରାଷ୍ଟ୍ରପତି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ହିଜବୁଲ୍ଲାହ ଏହି ଚୁକ୍ତିର ଅନ୍ତର୍ଭୁକ୍ତ ନୁହେଁ ଏବଂ ଇସ୍ରାଏଲର ଆକ୍ରମଣ ଏକ ସ୍ୱତନ୍ତ୍ର ସଂଘର୍ଷ । ଏହାର ଭୟଙ୍କର ପରିଣାମ ଏପ୍ରିଲ ୮, ୨୦୨୬ ତାରିଖରେ ଦେଖିବାକୁ ମିଳିଥିଲା, ଯେତେବେଳେ ଇସ୍ରାଏଲ ଲେବାନନର ରାଜଧାନୀ ବେରୁତ ଉପରେ ଏକ ବଡ଼ ଧରଣର ବିମାନ ଆକ୍ରମଣ କରିଥିଲା । କୌଣସି ପୂର୍ବ ସୂଚନା ବିନା ଜନଗହଳି ପୂର୍ଣ୍ଣ ଆବାସିକ ଏବଂ ବାଣିଜ୍ୟିକ ଅଞ୍ଚଳରେ ହୋଇଥିବା ଏହି ଆକ୍ରମଣରେ ଗୋଟିଏ ଦିନରେ ଅତି କମରେ ୧୮୨ ଜଣ ନିରୀହ ଲୋକ ପ୍ରାଣ ହରାଇଥିଲେ ଏବଂ ପ୍ରାୟ ୮୯୦ ଲୋକ ଆହତ ହୋଇଥିଲେ, ଯାହାକି ଏହି ଯୁଦ୍ଧର ସବୁଠାରୁ ରକ୍ତାକ୍ତ ଦିନ ଭାବରେ ପରିଗଣିତ ହୋଇଛି । ଇସ୍ରାଏଲ ମାତ୍ର ୧୦ ମିନିଟ୍ ମଧ୍ୟରେ ୧୦୦ ରୁ ଅଧିକ ଲକ୍ଷ୍ୟସ୍ଥଳ ଉପରେ ବୋମାମାଡ଼ କରିଥିଲା । ଏହି ଘଟଣା ପ୍ରମାଣିତ କରୁଛି ଯେ ଆମେରିକା-ଇରାନ ମଧ୍ୟରେ ସାମୟିକ ବୁଝାମଣା ହୋଇଥିଲେ ସୁଦ୍ଧା ଆଞ୍ଚଳିକ ସ୍ତରରେ ହିଂସା କମିନାହିଁ । ହିଜବୁଲ୍ଲାହ ମଧ୍ୟ ସ୍ପଷ୍ଟ କରିଦେଇଛି ଯେ ଯଦି ଇସ୍ରାଏଲ ଆକ୍ରମଣ ଜାରି ରଖେ, ତେବେ ସେମାନେ କୌଣସି ଯୁଦ୍ଧବିରାମ ମାନିବେ ନାହିଁ । ଏହି ପରିସ୍ଥିତି ସମଗ୍ର ଶାନ୍ତି ପ୍ରକ୍ରିୟାକୁ ବିପଦରେ ପକାଇଦେଇଛି ଏବଂ ମଧ୍ୟପ୍ରାଚ୍ୟରେ ଏକ ବ୍ୟାପକ ଆଞ୍ଚଳିକ ଯୁଦ୍ଧର ଆଶଙ୍କାକୁ ପୁଣି ଥରେ ଉଜ୍ଜୀବିତ କରିଛି ।

ବର୍ତ୍ତମାନର ଆଲୋଚନା ପାଇଁ ଇରାନ ଆମେରିକାକୁ ଏକ ୧୦-ଦଫା ସମ୍ବଳିତ ପ୍ରସ୍ତାବ ଦେଇଛି, ଯାହାକୁ ଟ୍ରମ୍ପ ପ୍ରଶାସନ ଏକ କାର୍ଯ୍ୟକ୍ଷମ ଭିତ୍ତିଭୂମି ବୋଲି ସ୍ୱୀକାର କରିଛନ୍ତି । ଆମେରିକା ପୂର୍ବରୁ ଦେଇଥିବା ୧୫-ଦଫା ପ୍ରସ୍ତାବର ଉତ୍ତରରେ ଇରାନ ଏହି ପ୍ରସ୍ତାବ ଦେଇଛି । ଏହି ପ୍ରସ୍ତାବର ମୁଖ୍ୟ ବିନ୍ଦୁଗୁଡ଼ିକ ମଧ୍ୟରେ ରହିଛି— ଆମେରିକା ପକ୍ଷରୁ ଭବିଷ୍ୟତରେ ଆକ୍ରମଣ ନକରିବାର ଗ୍ୟାରେଣ୍ଟି, ହରମୁଜ୍ ପ୍ରଣାଳୀ ଉପରେ ଇରାନର ନିୟନ୍ତ୍ରଣ ବଜାୟ ରଖିବା, ଇରାନ ଉପରୁ ପ୍ରାଥମିକ ଏବଂ ଦ୍ୱିତୀୟକ ଆର୍ଥିକ କଟକଣା ପ୍ରତ୍ୟାହାର କରିବା ଏବଂ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ ୟୁରାନିୟମ୍ ସମୃଦ୍ଧ କରିବା ପାଇଁ ଇରାନର ଅଧିକାରକୁ ସ୍ୱୀକୃତି ଦେବା । ଏହି ସର୍ତ୍ତଗୁଡ଼ିକ ଉପରେ ଏକମତ ହେବା ସହଜ ନୁହେଁ । ଏଥିପାଇଁ ଆମେରିକାକୁ ନିଜର ଦୀର୍ଘଦିନର ନୀତିରେ ବଡ଼ ଧରଣର ପରିବର୍ତ୍ତନ କରିବାକୁ ପଡ଼ିବ । ସବୁଠାରୁ ବଡ଼ ଆହ୍ୱାନ ହେଉଛି ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କୁ ନିୟନ୍ତ୍ରଣ କରିବା । ନେତାନ୍ୟାହୁ ଦୀର୍ଘ ଦିନ ଧରି ଇରାନ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ଏବଂ ଆଞ୍ଚଳିକ ସ୍ତରରେ ଇରାନର ପ୍ରଭାବକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ପାଇଁ ଉଦ୍ୟମ ଚଳାଇ ଆସିଛନ୍ତି । ଯଦି ଆମେରିକା ଇସ୍ରାଏଲକୁ ନିୟନ୍ତ୍ରଣ ନକରେ ଏବଂ ଆଞ୍ଚଳିକ ଶାନ୍ତି ପାଇଁ ଇସ୍ରାଏଲ ନିଜର ଆଭିମୁଖ୍ୟ ପରିବର୍ତ୍ତନ ନକରେ, ତେବେ ଏହି ୧୦-ଦଫା ପ୍ରସ୍ତାବ କେବଳ କାଗଜପତ୍ରରେ ସୀମିତ ରହିଯିବ ।

ପରିଶେଷରେ, ଯଦିଓ ଦୁଇ ସପ୍ତାହର ଅସ୍ତ୍ରବିରତି ଏକ ସକାରାତ୍ମକ ପଦକ୍ଷେପ, ତଥାପି ଏହା ଏକ ସ୍ଥାୟୀ ସମାଧାନର ମାତ୍ର ପ୍ରଥମ ସୋପାନ । ବିଶ୍ୱ ଅର୍ଥନୀତି ଆଉ ଏକ ଦୀର୍ଘକାଳୀନ ଯୁଦ୍ଧର ବୋଝ ସହିବା ସ୍ଥିତିରେ ନାହିଁ । ଆମେରିକାର ଆକାଶଛୁଆଁ ଋଣ, ଇସ୍ରାଏଲର ସୀମିତ ସାମରିକ ଭଣ୍ଡାର ଏବଂ ଇରାନର ପ୍ରତିରୋଧ ପ୍ରମାଣିତ କରିଛି ଯେ ସାମରିକ ବଳ ପ୍ରୟୋଗ ଦ୍ୱାରା ମଧ୍ୟପ୍ରାଚ୍ୟରେ ଏକତରଫା ଆଧିପତ୍ୟ ବିସ୍ତାର କରିବା ଏବେ ଅସମ୍ଭବ । ଯଦି ସମସ୍ତ ପକ୍ଷ ସଦିଚ୍ଛାର ସହିତ ଆଲୋଚନା କରନ୍ତି, ତେବେ ଏକ ନୂତନ ଯୁଦ୍ଧୋତ୍ତର ଆଞ୍ଚଳିକ ବ୍ୟବସ୍ଥାର ଉଦୟ ହୋଇପାରିବ, ଯାହା କୌଣସି ଗୋଟିଏ ରାଷ୍ଟ୍ରର ଆଧିପତ୍ୟ ପରିବର୍ତ୍ତେ ସ୍ଥାନୀୟ ସାମୂହିକ ନିରାପତ୍ତା ଉପରେ ଆଧାରିତ ହେବ । କିନ୍ତୁ ଯେପର୍ଯ୍ୟନ୍ତ ଲେବାନନ୍ ଭଳି ଆଞ୍ଚଳିକ ସମସ୍ୟାଗୁଡ଼ିକର ସମାଧାନ ନହୋଇଛି ଏବଂ ପରସ୍ପର ମଧ୍ୟରେ ବିଶ୍ୱାସ ସୃଷ୍ଟି ନହୋଇଛି, ସେପର୍ଯ୍ୟନ୍ତ ସ୍ଥାୟୀ ଶାନ୍ତିର ପଥ ଅତ୍ୟନ୍ତ କଣ୍ଟକିତ ଏବଂ ବିପଦସଙ୍କୁଳ ହୋଇ ରହିବ । ବିଶ୍ୱ ସମୁଦାୟ ବର୍ତ୍ତମାନ ଏକ ନିର୍ଣ୍ଣାୟକ ମୋଡ଼ରେ ଛିଡ଼ା ହୋଇଛି, ଯେଉଁଠାରେ ସାମାନ୍ୟତମ ତ୍ରୁଟି ପୁଣିଥରେ ସମଗ୍ର ମଧ୍ୟପ୍ରାଚ୍ୟକୁ ଯୁଦ୍ଧର ନିଆଁକୁ ଠେଲିଦେଇପାରେ । ତେଣୁ କୂଟନୈତିକ ସ୍ତରରେ ସଂଯମତା, ଆନ୍ତର୍ଜାତିକ ଆଇନର ସମ୍ମାନ ଏବଂ ସମସ୍ତ ପକ୍ଷର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ସ୍ଥାୟୀ ବୁଝାମଣା ହିଁ ଏକମାତ୍ର ବିକଳ୍ପ ଅଟେ ।



# ଶ୍ରୀବଳଭଦ୍ର ଓ ଶ୍ରୀସୁଭଦ୍ରାଙ୍କ ତାଳଧ୍ୱଜ ଓ ପଦ୍ମଧ୍ୱଜ

## ଶ୍ରୀ ଭୋଳାନାଥ ସାହୁ

ଦାରୁବ୍ରହ୍ମ ମୁରାରୀ ବ୍ରହ୍ମାଣ୍ଡନାୟକ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବଡ଼ଭାଇ ଶ୍ରୀବଳଭଦ୍ରଦେବ । ଯେଉଁ କରୁଣାମୟଙ୍କ ବିଚାରରେ ବଡ଼ହିଁ ସର୍ବଦା ବଡ଼ । ଏହି ନ୍ୟାୟରେ ମହାପ୍ରଭୁ ସର୍ବଦା ସମ୍ମାନ ଦେଇଛନ୍ତି ବଡ଼ଭାଇ ବଳଭଦ୍ରଙ୍କୁ । ଯେଉଁ ବଡ଼ଭାଇଙ୍କର ବିନା ପରାମର୍ଶରେ ପାଦଟିଏବି ଆଗକୁ ବଢ଼ାନ୍ତି ନାହିଁ ।
ଓଡ଼ିଆ ସମାଜରେ ଏକ ଆପ୍ତବାକ୍ୟ ପ୍ରଚଳିତ ଅଛି - "ବଡ଼କୁ ପଚାରି ସାନକୁ ବିଚାରି ।" ଏହିପରମ୍ପରାର ଯଥାର୍ଥ ଦାୟାଦ ଆମ ବଡ଼ଠାକୁର ଶ୍ରୀଜଗନ୍ନାଥ । ସ୍ୱାମୀଙ୍କ କଥା ନରହିପାରେ, କିନ୍ତୁ ବଡ଼ଭାଇଙ୍କ କଥାକୁ ଅକ୍ଷରେ ଅକ୍ଷରେ ଯିଏ ପାଳନ କରିଥାନ୍ତି । କଥାଦେଇଥିଲେ ମହାପ୍ରଭୁ ମା' ଗୁଣ୍ଡିଚା ରାଣୀଙ୍କୁ ବର୍ଷରେ ଥରେ ଶ୍ରୀଗୁଣ୍ଡିଚା ଘରକୁ ଯିବେ । ସାଥିରେ ରହିବେ ବଡ଼ଭାଇ ବଳଦେବ ଓ ଅଲିଅଳି ଭଉଣୀ ସୁଭଦ୍ରା । ସାଥିରେ ନିଅନ୍ତି ନାହିଁ ଧର୍ମପତ୍ନୀ ସାଗର ଦୁଲ୍ଲଣୀ ମା' ଲକ୍ଷ୍ମୀଙ୍କୁ । ଏହାର ପଶ୍ଚାତରେ ବହୁ ରହସ୍ୟ ଲୁକ୍କାୟିତ । ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ତିନି ଠାକୁର ତିନି ରଥରେ ବସି ନବଦିନାତ୍ମକ ଗୁଣ୍ଡିଚା ଯାତ୍ରାରେ ଯାଆନ୍ତି । ଏହାକୁ ସ୍ମରଣୀୟ କରିବା ପାଇଁ 'ଶ୍ରୀଗୁଣ୍ଡିଚାଯାତ୍ରା' ଉଦ୍ଦିଷ୍ଟ । ଏହି ଯାତ୍ରା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ 'ନନ୍ଦିଘୋଷ' ରଥରେ, ସୁଭଦ୍ରା ଦେବୀ 'ଦର୍ପଦଳନ' ରଥରେ ଓ ବଡ଼ଭାଇ ବଳଭଦ୍ର 'ତାଳଧ୍ୱଜ' ରଥରେ ବିରାଜମାନ କରନ୍ତି । କୁହାଯାଏ ମହାପ୍ରଭୁ ଏହି ଯାତ୍ରା ନିମନ୍ତେ ଐଶ୍ୱର୍ଯ୍ୟର ରତ୍ନସିଂହାସନକୁ ଛାଡ଼ି ପତିତ ଉଦ୍ଧାର ନିମନ୍ତେ ବଡ଼ଦାଣ୍ଡରେ ଉଭା ହୁଅନ୍ତି ।

ରଥଯାତ୍ରାରେ ବ୍ୟବହୃତ ବଡ଼ଭାଇ ଶ୍ରୀବଳଭଦ୍ରଙ୍କ ରଥର ନାମ "ତାଳଧ୍ୱଜ" । ଦେବତା ମାନଙ୍କ ଦ୍ୱାରା ତାଳବନରେ ଏହି ରଥ ପ୍ରଦତ୍ତ ହୋଇଥିବାରୁ ଏହାକୁ ତାଳଧ୍ୱଜ ନାମରେ ନାମିତ କରାଯାଇଛି । ତିନି ଦିଅଁଙ୍କ ନିମନ୍ତେ ଉଦ୍ଦିଷ୍ଟ ତିନି ରଥର ଆକୃତି, ପ୍ରକୃତି ଓ ନିର୍ମାଣ ସ୍ୱତନ୍ତ୍ର । ଏହି ରଥ ପ୍ରତିଷ୍ଠା ହେବା ସମୟରେ ଏଥିରେ ହଳ-ଲଙ୍ଗଳ ଓ ମୁଷଳ ବନ୍ଧାଯାଇଥିଲା ତେଣୁ କେହି କେହି ମଧ୍ୟ ଏହି ରଥକୁ 'ହଳଧ୍ୱଜ' ବା 'ଲଙ୍ଗଳଧ୍ୱଜ' ନାମରେ ନାମିତ କରିଛନ୍ତି । ରାମକୃଷ୍ଣଙ୍କୁ ସଙ୍ଗରେ ଧରି ତାଳଧ୍ୱଜ ରଥରେ ବଡ଼ଭାଇ ବଳଭଦ୍ର ଗୁଣ୍ଡିଚା ବିଜେ କରନ୍ତି । ତାଳଧ୍ୱଜ ରଥର ଅଧିଶ୍ୱର ଶ୍ରୀବଳଭଦ୍ର ଦେବ । ଏହି ରଥର ଉଚ୍ଚତା ୩୨ ହାତ ୧୦ ଆଙ୍ଗୁଳି । ଅର୍ଥାତ ୧୩.୨ ମିଟର ବା ୪୩ ଫୁଟ ୩ ଇଂଚ ବା ୪୪ ଫୁଟ । ରଥର ଦୈର୍ଘ୍ୟ ଓ ପ୍ରସ୍ଥ ୩୩ ଫୁଟ । ଏହି ରଥ ନିର୍ମାଣରେ ମୋଟ ୭୬୩ ଖଣ୍ଡ କାଠର ବ୍ୟବହାର କରାଯାଏ । ରଥର ଚକ ସଂଖ୍ୟା ୧୪ । ଏହି ୧୪ଟି ଚକ ଚଉଦ ବ୍ରହ୍ମାଣ୍ଡର ତତ୍ତ୍ୱ ପ୍ରକାଶ କରିଥାଏ । ନନ୍ଦିଘୋଷ ରଥ ପରି ଏହି ରଥର ପ୍ରତି ଚକର ବ୍ୟାସ ୭ ଫୁଟ । ୭ଟି ଅଖ ଦ୍ୱାରା ୧୪ଟି ଚକର ସଂଯୋଗ କରାଯାଇଥାଏ । ରଥର ସାରଥି ମାତଳି । ରଥକୁ ଜଗି ରହିଥାନ୍ତି ବାସୁଦେବ । ରଥପତାକାର ନାମ ୟୁନାନୀ । ରଥର ରକ୍ଷକ ଭାସ୍କର । ରଥରେ ୪ଟି ଅଶ୍ୱ ସଂଯୋଜିତ ହୋଇଥାନ୍ତି । ଯଥା- ତୀବ୍ର, ଘୋର, ଦୀର୍ଘଶର୍ମା ଓ ସ୍ୱର୍ଣ୍ଣନାଭ । ଅଶ୍ୱଗଣ ସର୍ବଦା ଉଦ୍ୟତ ମୁଦ୍ରାରେ ଥାଆନ୍ତି । ରଥର ଦଉଡ଼ି ବାସୁକୀନାଗ । ନୃସିଂହ ମହାପ୍ରଭୁ ଏହି ରଥରେ ବିରାଜମାନ କରିଥାନ୍ତି । ଋଷିଶ୍ରେଷ୍ଠ ଅଙ୍ଗିରା ମଧ୍ୟ ଏହି ରଥରେ ଥାଆନ୍ତି । ରଥର ଆୟୁଧ - ହଳ, ମୁଷଳ । ରଥ ମୂର୍ତ୍ତି - କେତୁଭଦ୍ର । ରଥର ଭୈରବ - କ୍ଷେତ୍ରପାଳ । ରଥର ଗନ୍ଧର୍ବ -ହୁ ହୁ । ରଥର ଚରଦେବତା - ବ୍ରହ୍ମା ଓ ଶିବ । ଚାରୁଣ ଦ୍ୱୟ - ମହାସିଦ୍ଧି ଓ ଉଲେମି । ଗର୍ଭାଧିଶ୍ୱର ଶକ୍ତି - ତୁଙ୍ଗ, ତୁଙ୍ଗଭଦ୍ର, ପ୍ରଭା, ସୁପ୍ରଭା, ଧାତ୍ରୀ, ବିଧାତ୍ରୀ, ନନ୍ଦା, ସୁନନ୍ଦା । ରଥର ପାର୍ଶ୍ୱ ଦେବତା - ପ୍ରଣମ୍ୟାରୀ, ଗଦାନ୍ତକାରୀ, ହରିହର, ତ୍ରୈମୂଳ, ବାସୁଦେବ, ନାଟାଶ୍ୱରୀ, ଅଘୋର, ତ୍ରୀପୁରାରୀ ଶିବ । ଋଷିପଟାରେ ଅଙ୍ଗିରା, ପୌଲସ୍ତ୍ୟ, ପୁଲହ, ଅଗସ୍ତି, କୃଷ୍ଣ, ମୃଦଗଲ, ଅତ୍ରେୟ ଓ କାଶ୍ୟପ ପ୍ରଭୃତି ଅଷ୍ଟଋଷି ବିରାଜମାନ କରନ୍ତି । ରଥକୁମ୍ଭର ନାମ - ଭୁବନ, ବିମ୍ବ, ପୃଥିବୀ, ଚକ୍ରାୟୁଧ, ହୁଁବୀଜ । ରଥର ଦ୍ୱାରପାଳ ନନ୍ଦ ଓ ସୁନନ୍ଦା । ରଥର ଆଭରଣ - ସବୁଜ ଓ ଲୋହିତ ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଲିଅଳି ଭଉଣୀ ଶ୍ରୀସୁଭଦ୍ରା । ଉତ୍କଳୀୟ ସଂସ୍କୃତିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଉ-ଭଉଣୀର ଅନାବିଳ ପ୍ରେମ ସମ୍ପର୍କକୁ ପ୍ରତିପାଦନ କରି ରତ୍ନ ସିଂହାସନରେ ସାଗର ଦୁଲ୍ଲଣୀ ମହାଲକ୍ଷ୍ମୀ ପରିବର୍ତ୍ତେ ଭଉଣୀ ସୁଭଦ୍ରା ଓ ବଡ଼ଭାଇ ବଳଭଦ୍ରଙ୍କୁ ସମ୍ମାନ ଜଣାଇ ସ୍ଥାନୀତ କରିଛନ୍ତି । ଏହାସହିତ ରଥଯାତ୍ରାରେ ଯିବାବେଳେ ମଧ୍ୟ ତିନି ରଥରେ ଏହି ତିନିଜଣଙ୍କ ଆସ୍ଥାନକୁ ମଜଭୁତ କରିଛନ୍ତି । ଶ୍ରୀଗୁଣ୍ଡିଚା ଯାତ୍ରା ସମୟରେ ମହାପ୍ରଭୁ ଶ୍ରୀସୁଦର୍ଶନଙ୍କ ସହିତ ଶ୍ରୀସୁଭଦ୍ରା ଆସୀନ ହେଉଥିବା ରଥର ନାମ ଦେବଦଳନ / ଦର୍ପଦଳନ/ପଦ୍ମଧ୍ୱଜ । ଦେବତା ମାନଙ୍କ ଦ୍ୱାରା ଏହି ରଥ ପ୍ରଦତ୍ତ ହୋଇଥିଲା ।



ଦେବଦଳନ ରଥର ଅଧିଷ୍ଠାତ୍ରୀ ଦେବୀ ଶକ୍ତିସ୍ୱରୂପିଣୀ ମା' ସୁଭଦ୍ରା । ଏହି ରଥର ଉଚ୍ଚତା ୩୧ ହାତ । ଅର୍ଥାତ ୪୨ଫୁଟ ୩ ଇଂଚ ବା ୪୩ ଫୁଟ । ଏହି ରଥ ନିର୍ମାଣରେ ସର୍ବମୋଟ ୫୯୩ ଖଣ୍ଡ କାଠ ବ୍ୟବହୃତ କରାଯାଇଥାଏ । ଏହି ରଥରେ ୧୨ଟି ଚକ ଲାଗିଥାଏ । ଏହି ୧୨ଟି ଚକ ୧୨ ମାସର ପ୍ରତୀକ । ୬ଟି ଅଖ ଦ୍ୱାରା ୧୨ଟି ଚକ ସଂଯୋଜିତ ହୋଇଥାଏ । ପ୍ରତିଚକର ବ୍ୟାସ ନନ୍ଦିଘୋଷ ଓ ତାଳଧ୍ୱଜ ରଥର ଚକ ସହିତ ସମାନ । ଅର୍ଥାତ ପ୍ରତି ଚକର ବ୍ୟାସ ୭ ଫୁଟ । ରଥର ଦୈର୍ଘ୍ୟ ଓ ପ୍ରସ୍ଥ ୩୧ ଫୁଟ । ରଥର ସାରଥି- ଅର୍ଜୁନ । ରଥର ରକ୍ଷକ - ଜୟଦୁର୍ଗା । ରଥର ଧ୍ୱଜାରେ ତ୍ରୀପୁର ସୁନ୍ଦରୀ ବିରାଜମାନ । ରଥର ଆୟୁଧ - ପଦ୍ମକହ୍ଲାର । ରଥର ଶିରୋଦେବତା ଶକ୍ତିର୍ସମେଧ । ରଥର ଚାମର ସେବିକା - ସୁମେଧା । ରଥର ରକ୍ଷାକର୍ତ୍ରୀ- ଉଗ୍ରଚଣ୍ଡୀ । ରଥର ମୁଖ- ବ୍ରହ୍ମବର୍ତ୍ତା । ରଥର ଦେବୀ - ଶ୍ରୀ, ଭୂ । ରଥର ଗନ୍ଧର୍ବ - ହା ହା । ରଥର ଚାରଣ - ମହାକାର । ରଥର ଯକ୍ଷ- ଙ୍କିଜ୍ୱଳିକା । ରଥଧ୍ୱଜାରେ - ନାଦାମ୍ବିକା । ରଥର ଚତୁଃଅଶ୍ୱ - ରୋଚିକା, ମୋଚିକା, ଜିତା ଓ ଅପରାଜିତା । ରଥର ପାର୍ଶ୍ୱଦେବତା ବିମଳା, ଚାମୁଣ୍ଡା, ଭଦ୍ରକାଳୀ, ହରଚଣ୍ଡୀ, ମଙ୍ଗଳା, ବାରାହୀ, କାତ୍ୟାୟିନୀ, ଜୟଦୁର୍ଗା ଓ କାଳୀ ପ୍ରଭୃତି ଅଷ୍ଟଦେବୀ ଥାଆନ୍ତି । ରଥ ଗର୍ଭର ଅଧିଶ୍ୱରୀ - ଶକ୍ତିସପ୍ତା, ଜୟା, ବିଜୟା, ଘୋରା, ଅଘୋରା, ସୂକ୍ଷ୍ମା ଓ ଜ୍ଞାନା । ଋଷିପଟାରେ ଥିବା ଷଡ଼ଋଷି ଯଥା - ଭୃଗୁ, ସୁପ୍ରଭା, ବଜ୍ର, ଶୃଙ୍ଗି, ଧ୍ରୁବ, ଉଲ୍ଲୁକ ପ୍ରଭୃତି । ରଥଦ୍ୱାଦଶ ବରଣୀ-ଭୁବନେଶ୍ୱର, ଚକ୍ର, ଗଙ୍ଗା, ଯମୁନା, ଦ୍ୱାରପାଳିକା । ରଥକୁମ୍ଭର ନାମ - ଅମୃତା, ଜୀବା, କାୟା, ହୃଂବୀଜ । ରଥର ଆଭରଣ - କଳା ଓ ଲୋହିତ ।

ପୁରାତନ କାଳରେ ଭକ୍ତମାନେ କେବଳ ଭକ୍ତି ପାଇଁ ରଥରେ ଦିଅଁ ଦର୍ଶନ କରୁଥିଲେ । ମାତ୍ର ବର୍ତ୍ତମାନ ଏମିତି ସମୟ ଆସିଛି ଆମେ କେବଳ ମାଗି ଚାଲିଛୁ । ଏହାପରୋକ୍ଷରେ ମହାପ୍ରଭୁଙ୍କୁ କଷ୍ଟ ଦେଉଥାଏ । କାରଣ ମହାପ୍ରଭୁ ସୃଷ୍ଟି ପ୍ରକ୍ରିୟା ଆରମ୍ଭରୁ ଜୀବଜଗତ ପାଇଁ ଯାହା ଦେବା କଥା ସବୁ ଦେଇଛନ୍ତି । ତେଣୁ ହାତ ପତେଇ ମାଗିବା କାହିଁକି ? ମହାପ୍ରଭୁ ବିଲକ୍ଷଣଭକ୍ତ ଖୋଜୁଛନ୍ତି । ମନୁଷ୍ୟ ଦେହେ ଦିବ୍ୟଜ୍ଞାନ, ଦେଖି ସନ୍ତୋଷ ଭଗବାନ । ମନୁଷ୍ୟ ଦେହରେ ଯେତେବେଳେ ଦିବ୍ୟଜ୍ଞାନ ଫୁଟି ଉଠେ, ସେତେବେଳେ ଭଗବାନ ସନ୍ତୋଷ ବ୍ୟକ୍ତ କରିଥାନ୍ତି । ନିସ୍ୱାର୍ଥପର ସେବାହିଁ ପ୍ରକୃତ ସେବା ।

+ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ
ଶିକ୍ଷା ବିଭାଗ
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ
ମୋ: ୯୯୩୭୧୫୧୩୧୦



# ଧର୍ମ ପରିବର୍ତ୍ତନ କରୁଥିବା ଦଳିତଙ୍କୁ ମିଳିବନି ସଂରକ୍ଷଣ

## ଗୋପାଳ ମହାପାତ୍ର

ମାନ୍ୟବର ସୁପ୍ରିମ କୋର୍ଟ ଗତ ତା ୨୪.୩.୨୦୨୬ରିଖ ଦିନ ଏକ ଏମିତି ରାୟ ଶୁଣାଇଛନ୍ତି ଯାହା ସାମାଜିକ ନ୍ୟାୟ ପ୍ରସଙ୍ଗରେ ଆଲୋଚନାକୁ ପୁଣି ସରଗରମ କରି ଦେଇଛି । ମାନ୍ୟବର କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ହିନ୍ଦୁ, ଶିଖ ବା ବୌଦ୍ଧ ଧର୍ମରୁ ଅନ୍ୟ କୌଣସି ଧର୍ମ ଗ୍ରହଣା କରୁଥିବା ବ୍ୟକ୍ତି ଯଦି ଅନୁସୂଚିତ ଜାତିର ହୋଇଥାଏ ତେବେ ସେ ଅନୁସୂଚିତ ଜାତି ମାନ୍ୟତା ତୁରନ୍ତ ହରାଇବ । ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଏହି ପ୍ରସଙ୍ଗକୁ ନେଇ ଦେଇଥିବା ରାୟକୁ ମାନ୍ୟବର କୋର୍ଟ କାଏମ ରଖିଛନ୍ତି । ଜଣାପଡିଛି ଯେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲ୍ଲାର ଚିନ୍ତାଦା ଆନନ୍ଦ ନାମକ ଜନୈକ ଖ୍ରୀଷ୍ଟିଆନ ପାଦ୍ରୀ କିଛି ଲୋକଙ୍କ ବିରୁଦ୍ଧରେ ଜାତିଗତ ଗାଳି ଗୁଲଜ ଏବଂ ଆକ୍ରମଣର ଅଭିଯୋଗ କରି ଅନୁସୂଚିତ ଜାତି ଓ ଅନୁସୂଚୀତ ଜନ ଜାତି ଅତ୍ୟାଚାର ନିବାରଣ ଆଇନ୍ ଅନୁସାରେ ଏକ ମାମଲା କରିଥିଲେ । କିନ୍ତୁ ଅଭିଯୁକ୍ତ ମାନଙ୍କ ଯୁକ୍ତି ଥିଲା ଯେ ଅଭିଯୋଗକାରୀ ଦଶବର୍ଷରୁ ଅଧିକ ସମୟ ହେବ ଖ୍ରୀଷ୍ଟଧର୍ମ ଗ୍ରହଣ କରି ପାଦ୍ରୀଭାବେ କାର୍ଯ୍ୟକରୁଛନ୍ତି । ଏଣୁ ଚିନ୍ତା ଦା ଆନନ୍ଦଙ୍କ ଅଭିଯୋଗ ଅନସାରେ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ଅତ୍ୟାଚାର ନିବାରଣ ଆଇନ ଲାଗୁ କରାଯିବା ଉଚିତ ନୁହେଁ । ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରିଥିଲେ କିନ୍ତୁ ପରେ ଏହି ମାମଲା ସୁପ୍ରିମ କୋର୍ଟରେ ପହଞ୍ଚିଥିଲା । ସୁପ୍ରିମ କୋର୍ଟଙ୍କ ଦୁଇଜଣିଆ ପୀଠ ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ । ସୁପ୍ରିମ୍‌କୋର୍ଟର ବିଚାରପତି ପ୍ରଶାନ୍ତ କୁମାର ମିଶ୍ରା ଏବଂ ବିଚାରପତି ଏନ୍‌ଭି ଆରିଆଙ୍କ ପୀଠ ମାମଲାର ଶୁଣାଣିକରି କହିଥିଲେ ଯେ ଆବେଦନକାରୀ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବା ଏବଂ ପାଦ୍ରୀ ଭାବରେ କାର୍ଯ୍ୟ କରୁଥିବା ବାବଦରେ ମିଳିଥିବା ପ୍ରମାଣ ସ୍ପଷ୍ଟ । ଏଣୁ ଆବେଦନ କାରୀଙ୍କୁ ମିଳିଥିବା ଅନୁସୂଚୀତ ଜାତିର (ସଂରକ୍ଷଣ) ମାନ୍ୟତା ଆଉ ନାହିଁ ।

ମାନ୍ୟବର ସୁପ୍ରିମ କୋର୍ଟ ଏ ଯେଉଁ ରାୟ ଦେଇଛନ୍ତି ଏହା କୌଣସି ନୂଆ ଆଇନ୍ ନୁହେଁ ବରଂ ୧୯୫୦ର ସମ୍ବିଧାନ (ଅନୁସୂଚୀତ ଜାତି) ଆଦେଶର ଧାରା ୩ର ପୁନଃପାଠ ବୋଲି କୁହାଯାଇପାରେ । ସମ୍ବିଧାନ ଆଦେଶର ଧାରା ୩ରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ ଅନୁସୂଚୀତ ଜାତିର ମାନ୍ୟତା କେବଳ ସେଇ ଲୋକଙ୍କୁ ମିଳିଥାଏ ଯିଏ ହିନ୍ଦୁ, ବୌଦ୍ଧ ଶିଖ ଧର୍ମକୁ ମାନିଥାନ୍ତି । ଏହି ୩ଟି ଧର୍ମର ଲୋକେ ଯଦି ନିଜ ଧର୍ମକୁ ଛାଡି ଅନ୍ୟ ଧର୍ମଗ୍ରହଣ କରନ୍ତି ତେବେ ଜନ୍ମ ବେଳରୁ ମିଳିଥିବା ମାନ୍ୟତା ସ୍ୱତଃ ରଦ୍ଦ ହୋଇଯାଏ । ମାନ୍ୟବର ସୁପ୍ରିମ୍ କୋର୍ଟ କହିଥିଲେ ଯେ ଏହି ପ୍ରତିବନ୍ଧ ପୂର୍ଣ୍ଣ ଅଟେ ଏଥିରେ କୌଣସି ରିହାତି ଦିଆଯାଇ ପାରିବ ନାହିଁ । ବ୍ୟକ୍ତିର ଜନ୍ମ କୌଣସି ବି ଦଳିତ ପରିବାରରେ ହେଉନା କାହିଁକି ଯଦି ସେହି ବ୍ୟକ୍ତି ଖ୍ରୀଷ୍ଟଧର୍ମ ବା ଇସଲାମ ଧର୍ମ ଗ୍ରହଣ କରେ ତେବେ ତାକୁ ଅନୁସୂଚୀତ ଜାତିର ମାନ୍ୟତର ମିଳିବ ନାହିଁ । ଖ୍ରୀଷ୍ଟ ଧର୍ମରେ ଜାତିର ବ୍ୟବସ୍ଥାକୁ ଗ୍ରହଣ କରାଯାଏ ନାହିଁ ଏଣୁ ଚିନ୍ତାଦା ଆନନ୍ଦଙ୍କ ମାମଲାରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଜାତିଗତ ଅତ୍ୟାଚାର ଆଇନ୍ ଲାଗୁ କରାଯାଇପାରିବ ନାହିଁ । ଚିନ୍ତାଦା ଆନନ୍ଦ ଘର ଘର ଘରବୁଲି ରବିବାର ଦିନ ପ୍ରାର୍ଥନା କରାଉଥିଲେ, ପାଦ୍ରୀ ଭାବରେ କାମ କରୁଥିଲେ । ମାନ୍ୟବର କୋର୍ଟ ଏ ବାବଦରେ ପ୍ରମାଣ ପାଇବା ପରେ କହିଥିଲେ ଯେ ଚିନ୍ତାଦା ଆନନ୍ଦ ଖ୍ରୀଷ୍ଟଧର୍ମର ହୋଇଥିବାରୁ ସେ ଆଉ ଅନୁସୂଚୀତ ଜାତିର ନୁହଁନ୍ତି ।

ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ଏହି ରାୟର ଗଭୀରତାକୁ ବୁଝିବାପାଇଁ ଆମକୁ ସମ୍ବିଧାନର ମୂଳ ଭାବନାକୁ ମନେ ପକାଇବାକୁ ପଡିବ । ସମ୍ବିଧାନ ସଭା ଅନୁସୂଚୀତ ଜାତିଙ୍କୁ ବିଶେଷ ମାନ୍ୟତା ଦେବାର କାରଣ ଥିଲା ଯେ ହିନ୍ଦୁ ସମାଜରେ ବହୁ ବର୍ଷ ହେବ ଛୁଆଁ ଅଛୁଆଁ ଏବଂ ଅସୃଷ୍ୟତା ଭଳି ଘଟଣା ଥିଲା । ଏମାନଙ୍କୁ ଏହି ଭେଦଭାବରୁ ମୁକ୍ତି କରିବା ପାଇଁ ବିଶେଷ ମାନ୍ୟତା (ସଂରକ୍ଷଣ) ପ୍ରଦାନ କରାଯାଇ ଥିଲା । ୧୯୫୦ର ସମ୍ବିଧାନର ଆଦେଶରେ ହିନ୍ଦୁ ଦଳିତ ମାନଙ୍କ ପାଇଁ ଏହି ମାନ୍ୟତା ଥିଲା ପରେ ୧୯୫୬ରେ ବୌଦ୍ଧଙ୍କୁ ଏବଂ ୧୯୯୦ରେ ଶିଖ ମାନଙ୍କୁ ଏଥିରେ ସାମିଲ କରାଗଲା । କାରଣ ଏସବୁ ଧର୍ମରେ ଜାତିଗତ ସଂରଚନା ରହିଛି । କିନ୍ତୁ ଖ୍ରୀଷ୍ଟଧର୍ମ ଏବଂ ଇସଲାମ ଧର୍ମ ଜାତିବିହୀନ ବୋଲି କୁହାଯାଉଛି । ଏଣୁ ସଂରକ୍ଷଣ, ସଂରକାରୀ ନିଯୁକ୍ତ, ଶିକ୍ଷା ବ୍ୟବସ୍ଥାରେ ସୁବିଧା, ଛାତ୍ରବୃତ୍ତି ଏପରିକି ଆଇନଗତ ସୁରକ୍ଷା ଭଳି ଲାଭ କେବଳ ହିନ୍ଦୁ, ବୌଦ୍ଧ ଏବଂ ଶିଖ ଧର୍ମାବଲମ୍ବୀ ଦଳିତ ମାନଙ୍କୁ ମିଳିବ ଅନ୍ୟ ଧର୍ମର ଲୋକଙ୍କୁ ନୁହେଁ ବୋଲି ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ଦୁଇ ଜଣିଆ ପୀଠ ସ୍ପଷ୍ଟ ଭାବରେ କହିଛନ୍ତି ।

ମାନ୍ରବର ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ କ'ଣ ଧର୍ମନ୍ତରଣ ବନ୍ଦ ହେବ ? ସମ୍ବିଧାନର ଅନୁଛେଦ ୨୫ ଅନୁସାରେ ଯେକୌଣସି ଭାରତୀୟ ଚାହିଁଲେ ଅନ୍ୟ ଧର୍ମ ଗ୍ରହଣ କରିପାରିବ । କେହି ବ୍ୟକ୍ତି ତାର ଆସ୍ଥା ବଦଳାଇ ପାରିବ, ପ୍ରଚାର କରି ପାରିବ । କିନ୍ତୁ ଏହି ଅଧିକାର କ'ଣ ସଂରକ୍ଷଣ ଭଳି ଲାଭ ପାଇଁ ବି ଲାଗୁହୋଇପାରିବ ? ଏ ପ୍ରଶ୍ନର ଉତ୍ତର ସୁପ୍ରିମ୍‌କୋର୍ଟଙ୍କ ରାୟ ଅନୁସାରେ ହେଉଛି ନା । ସଂରକ୍ଷଣର ଲାଭ ଅନୁସୂଚୀତ ଜାତି ଓ ଜନ ଜାତି ପାଇବେ ଯେଉଁମାନେ ହିନ୍ଦୁ, ବୌଦ୍ଧ ଓ ଶିଖ ଧର୍ମକୁ ମାନୁଥିବେ । କେହି ଦଳତି ଓ ଖ୍ରୀଷ୍ଟିଆନ ହେବା ପରେ ଯଦି ଅନୁସୂଚିତ ଜାତିର ସାର୍ଟିଫିକେଟ ଦେଖାଇ ସଂରକ୍ଷଣର ଲାଭ ପାଉଥାନ୍ତି ତେବେ ସେମାନେ ହିନ୍ଦୁ ଦଳିତଙ୍କ ହକ୍ ଛଡାଇନେଉଛନ୍ତି ବୋଲି କୁହାଯିବ । ସଂରକ୍ଷଣ ସୀମିତ ଏବଂ ସଂଶୋଧନ ମଧ୍ୟ ସୀମିତ । ନୂଆ ଲୋକଙ୍କୁ ଯୋଡିଲେ ପ୍ରକୃତ ଲାଭାର୍ଥୀ ବଞ୍ଚିତ ହେବେ । କୋର୍ଟଙ୍କ ରାୟର ପ୍ରଭାବ ରାଜନୀତି ଉପରେ ମଧ୍ୟ ପଡିବ । ସଂରକ୍ଷିତ ଆସନର ପ୍ରାର୍ଥୀଙ୍କ ଚରିତ୍ର ବଦଳିଯିବ ।

କୋର୍ଟଙ୍କ ରାୟପରେ ଧର୍ମ ପରିବର୍ତ୍ତନ କରି ସଂରକ୍ଷଣର ଲାଭ ପାଉଥିବା ଲୋକଙ୍କ ପାଇଁ ସଂରକ୍ଷଣ ପାଇବାର ରାସ୍ତା ବନ୍ଦ ହୋଇଯିବ । କିନ୍ତୁ ଏ ପ୍ରସଙ୍ଗ ଏତେ ସହଜ ବା ସରଳ ନୁହେଁ । ଦୀର୍ଘଦିନ ହେବ ବିମର୍ଷ ଚାଲିଛି ଯେ ହିନ୍ଦୁ, ବୌଦ୍ଧ ଓ ଶିଖ ଧର୍ମର ଅନୁସୂଚୀତ ଜାତିର ଯେଉଁ ଲୋକମାନେ ଖ୍ରୀଷ୍ଟଧର୍ମ ଇସଲାମ ଦର୍ମ ଗ୍ରହଣ କରୁଛନ୍ତି ସେମାନଙ୍କୁ ଅନୁସୂଚୀତ ଜାତିର ମାନ୍ୟତା ମିଳିବା ଉଚିତ୍ ନା ଉଚିତ୍ ନୁହେଁ? ୨୦୦୭ରେ ରଙ୍ଗନାଥ ମିଶ୍ର କମିଶନ ଶୁପାରିଶ କରିଥିଲେ ଯେ ସବୁ ଧର୍ମର ଦଳିତଙ୍କୁ ସଂରକ୍ଷଣ ମିଳିବା ଉଚିତ୍ କାରଣ ପଛୁଆପଣ ଧର୍ମ ପରିବର୍ତ୍ତନ କଲେ କଟିଯାଏ ନାହିଁ । କିନ୍ତୁ କେନ୍ଦ୍ର ସରକାର ଏହି ଶୁପାରିଶକୁ ଆଗ୍ରହ୍ୟ କରିଛନ୍ତି । ଏବେ ସୁପ୍ରିମ୍‌କୋର୍ଟର ପୁର୍ବତନ ପ୍ରଧାନ ବିଚାରପତି କେଜି ବାଳକୃଷ୍ଣନଙ୍କ ଅଧକ୍ଷତାରେ ଗଠିତ ନୂଆ କମିଶନ ଏ ପ୍ରସଙ୍ଗରେ ବିଚାର କରୁଛି । ସୁପ୍ରିମକୋର୍ଟରେ ଏହିଭଳି ଅନେକ ମାମଲା ମଧ୍ୟ ବିଚାରାଧିନ ରହିଛି । କିନ୍ତୁ ଗତ ତା ୨୪.୩.୨୦୨୬ରିଖରେ ମାନ୍ୟବର ସୁପ୍ରିମକୋର୍ଟ ଦେଇଥିବା ରାୟ ଏବେ ଏ ପ୍ରସଙ୍ଗକୁ ନେଇ ବିମର୍ଷ ତୀବ୍ର କରି ଦେଇଛି । ମାନ୍ରବର କୋର୍ଟ କହିଛନ୍ତି ଯେ ୧୯୫୦ର ସମ୍ବିଧାନର ଆଦେଶ ଏବେ ବି କାଏମ ରହିଛି । ସଂସଦ ଚାହିଁଲେ ଏଥିରେ ପରିବର୍ତ୍ତନ କରିପାରିବ । କୋର୍ଟଙ୍କ ମତରେ ସଂରକ୍ଷଣର ଉଦେଶ୍ୟ ହେଉଛି ସାମାଜିକ ସମାନତା ଆଣିବା, ଧର୍ମ ପରିବର୍ତ୍ତନକୁ ଅଗ୍ରାଧିକାର ଦେବା ନୁହେଁ । ଯଦି ଧର୍ମ ପରିବର୍ତ୍ତନ କଲେ ଲାଭ ମିଳୁଛି ତେବେ ମୂଳ ଉଦେଶ୍ୟ ଆଉ ରହିବ କେମିତି ?

+ରାମଚନ୍ଦ୍ର ପୁର, ରଣପୁର
ମୋ:୯୪୩୮୪୮୫୦୯୪




# ପତ୍ନୀ ଓ ପ୍ରେମିକା

## ନିରଞ୍ଜନ ସାହୁ

ବନ୍ଧୁ ପଚାରିଲେ, ପତ୍ନୀ ଓ ପ୍ରେମିକା
ମଧ୍ୟରେ ଯେ ଶ୍ରେଷ୍ଠ କିଏ ?
ଏହାର ସରଳ ସମାଧାନ ପାଇଁ
ମୁଣ୍ଡ ମୋ ଘୁରାଇ ଦିଏ ।

କାହାକୁ କହିବି ଶ୍ରେଷ୍ଠ ବୋଲି ମୁହିଁ
ଚିନ୍ତା କରି ଗଲି ବସି
ବନ୍ଧୁ କହୁଥିଲେ, କାହାର ପ୍ରେମରେ
ଗଲ କବିବନ୍ଧୁ ରସି
ତୁମେ ତ ପ୍ରେମିକ ତୁମେ ପୁଣି ସ୍ୱାମୀ
ତୁମ ପରାମର୍ଶ ନିଏ ।

ବହୁତ ସମୟ ଚିନ୍ତା କଲାପରେ
କହିଲି, ହେ ବନ୍ଧୁ ଶୁଣ
ଉଭୟ ନିଜର ସ୍ଥାନରେ ସ୍ୱତନ୍ତ୍ର
ଏହା ଏକ ଭଲ ଗୁଣ
ପ୍ରେମିକାଟି ଯଦି ପତ୍ନୀ ହୋଇଯାଏ
ସବୁଠାରୁ ଭଲ ସିଏ ।

ପ୍ରେମିକାର ପ୍ରେମ ଦେଇପାରେ ନାହିଁ
ପତ୍ନୀଟିଏ ଜମା କେବେ
ପତ୍ନୀର ସ୍ୱଭାବ ପ୍ରେମିକାର ନାହିଁ
ଜାଣିଥାଅ ତୁମେ ଏବେ
ପ୍ରେମିକାଟି ପତ୍ନୀ ହୋଇଲେ ବି ମଧ
ଉପୁଜେ ବିବାଦ ଖିଏ ।

ଅନେକ ପତ୍ନୀଙ୍କ ଗହଣରେ ଥାଇ
ପ୍ରେମିକାକୁ ଝୁରେ ମନ
ପ୍ରେମିକାର ସ୍ଥାନ ନିଭୃତ ଅନ୍ତରେ
ସିଏ ତ ହଜିଲା ଧନ
ପ୍ରେମିକା ପରିକା ପତ୍ନୀ କେବେ ନୁହେଁ
ସତ କଥା ଅଟେ ଇଏ ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

# ମୋ ମନ ମାନସୀ କବିତା

## ଜୟନ୍ତ କୁମାର ମଲ୍ଲିକ୍



ସବୁ ଦୁଃଖ କଷ୍ଟ ନେଇଥାଏ ହରି
ମୋ ମନ ମାନସୀ କବିତା -
ଅବସୋସ ଭରା ଜୀବନ ଆକାଶେ
ସେ ଅଟେ ଆଶାର ସବିତା ।
ପ୍ରିୟତମା ପରି ଅତି ଆପଣାର
ଲାଗେ ତାର ପ୍ରୀତି ପରଶ -
ତାଆରି ସାଥିରେ ବିତି ଯାଏ କେତେ
ଦିନ ପକ୍ଷ ମାସ ବରଷ ।
ସବୁ ଭଲ ମନ୍ଦ ସବୁ ସୁଖ ଦୁଃଖ
ଭିତରେ ତା କାନ୍ତି ଝଟକେ -
ତା ଦରଦ ଭରା ଚୋରା ଚାହାଣୀରେ
ମନଟା ମୋହର ଅଟକେ ।
ଜୀଇଁଥିବା ଯାଏଁ ମୋ ଜୀବନେ ସିଏ
ସାଜିଥିବ ସୁଖ ପ୍ରଶ୍ୱାସ -
ରହିଥିବ ନିଚ୍ଚେ ତା ସାଥିରେ ମୋର
ସ୍ନେହ ଶ୍ରଦ୍ଧା ପ୍ରୀତି ବିଶ୍ୱାସ ।

+ସୁରଡିହ, ନନ୍ଦିପୁର,
ଯାଜପୁର, ଓଡ଼ିଶା
ମୋ: ୯୪୩୭୮୬୫୭୨୭

# ପରିଣୀତିଙ୍କ ନୂଆ କାର୍ଯ୍ୟକ୍ରମ



ଅଭିନେତ୍ରୀ ପରିଣୀତି ଚୋପ୍ରା ମାଆ ହେବା ପରେ ଏକ ଅଭିନବ ଆଲୋଚନା କାର୍ଯ୍ୟକ୍ରମ ଉନ୍ମୋଚନ କରିଛନ୍ତି। ଏହାର ନାମ 'ମମ୍ ଟକ୍ସ'। ଏଥିରେ ସେ ଟେଲିଭିଜନ୍ ଓ ବଲିଉଡ୍ ଜଗତର ବିଭିନ୍ନ ତାରକାଙ୍କ ସହିତ ଗର୍ଭାବସ୍ଥା ଓ ମାତୃତ୍ୱ ସମ୍ପର୍କରେ ମନଖୋଲା ବାର୍ତ୍ତାଳାପ କରିବେ। କାର୍ଯ୍ୟକ୍ରମର ଟ୍ରେଲରରେ ଦେଖିବାକୁ ମିଳିଛି ସେ ବିକ୍ରାନ୍ତ ମେସୀ ଓ ତାଙ୍କ ପତ୍ନୀ ଶୀତଲ ଠାକୁରଙ୍କ ଠାରୁ ଆରମ୍ଭ କରି ଇମ୍ରାନ ଖାଁ, ଦିଶା ପରମାର, ନେହା ଧୁପିୟା ଓ ସ୍ୱାମୀ ଜୈଦ ଦରବାର ଭଳି ଅତିଥିଙ୍କ ସହିତ ଗର୍ଭାବସ୍ଥା ନେଇ ରହିଥିବା ଅନ୍ଧବିଶ୍ୱାସ ଓ ଭୁଲ୍ ଧାରଣା ସମ୍ପର୍କରେ ବିଚାରବିମର୍ଶ କରୁଛନ୍ତି। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରିବା ବେଳେ ସ୍ୱାମୀ ତଥା ରାଜନେତା ରାଘବ ଚଡ୍ଢାଙ୍କ ଉପରେ ସେ ପ୍ରଶଂସାର ବର୍ଷା କରିଛନ୍ତି। ଗତ ବର୍ଷ ଏକ ପୁତ୍ରସନ୍ତାନକୁ ଜନ୍ମ ଦେବା ପରେ ରାଘବ ତା' ଯତ୍ନ ନେବାରେ ସମାନ ଦାୟିତ୍ୱ ତୁଲାଉଥିବା କଥା ପରିଣୀତି ପ୍ରକାଶ କରିଛନ୍ତି। ଶାଶୂଘରର ଅନ୍ୟ ସମସ୍ତେ ମଧ୍ୟ ତାଙ୍କୁ ଅନୁରୂପ ସମର୍ଥନ ଦେଇଆସିଛନ୍ତି। ତେବେ ସବୁ ମହିଳାଙ୍କୁ ଏଭଳି ସୌଭାଗ୍ୟ ମିଳେ ନାହିଁ, କିଛି ମହିଳା ଏକାକୀ ସନ୍ତାନକୁ ବଡ଼ କରନ୍ତି। ଗୋଟିଏ ଶିଶୁକୁ ବଡ଼ କରିବାର କିପରି ଅଲଗା ଅଲଗା ଶୈଳୀ ହୋଇପାରେ ତାହା ହିଁ ସେ 'ମମ୍ ଟକ୍ସ' କାର୍ଯ୍ୟକ୍ରମ ଜରିଆରେ ଦର୍ଶକଙ୍କୁ ଜଣାଇବାକୁ ଚାହାନ୍ତି। 'ଜିଓ'ରେ ଏହି କାର୍ଯ୍ୟକ୍ରମ ପ୍ରସାରିତ ହେବ। ୨୦୨୪ର 'ଅମର ସିଂହ ଚମକିଲା'ରେ ଶେଷ ଥର ପାଇଁ ପରିଣୀତିଙ୍କ ଅଭିନୟ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କର 'ତଲାସ: ଏ ମଦର୍ସ ସର୍ଚ୍ଚ' ନାମକ ୱେବ୍ ଧାରାବାହିକ ଆସିବାର ଅଛି।

# ଓଲିଉଡରେ କିଏ କଲା 'ଛୁଆ' ଚୋରି ?

ଗୋଟିଏ ମାଆ ୧୦ ମାସ ୧୦ ଦିନ ଗର୍ଭରେ ଧରି ପିଲାଟିଏ ଜନ୍ମଦେବ ଆଉ ସେ ପିଲାଟି ଜନ୍ମ ହେଉ ହେଉ ଅନ୍ୟକେହି ଆସି ନିଜ ଛୁଆ ବୋଲି ଦାବି କରି କଅଁଳା ପିଲାଟିକୁ ତା ମାଆ କୋଳରୁ ଛଡ଼େଇନେବ... ଆଃ ! କେତେ କଷ୍ଟ ଯନ୍ତ୍ରଣା ସହି ପିଲାଟିକୁ ଜନ୍ମ ଦେଇଥିବା ସେ ମାଆର ଅବସ୍ଥା କଣ ହେଉଥିବ ଆପଣ ଭାବି ପାରୁଥିବେ ନିଶ୍ଚୟ... ଠିକ୍ ସେମିତି ସମାନ ଘଟଣା ଘଟିଛି ଓଡ଼ିଆ ସିନେ ଜଗତରେ । ଓଲିଉଡ଼ରେ ଛୁଆ ଚୋରି ! ଏକଥାକୁ ହୁଏତ ଆପଣ ବିଶ୍ୱାସ କରିନପାରନ୍ତି କିମ୍ବା ଏହା ଯୁକ୍ତିହୀନ ବୋଲି ଭାବିପାରନ୍ତି । ହେଲେ ଘଟଣାଟି ସମ୍ପୂର୍ଣ୍ଣ ସତ୍ୟ.. ଏଠି ଛୁଆଟି ରକ୍ତ ମାଂସର ଗଢା ମଣିଷ ନୁହେଁ ସତ ମାତ୍ର ଏଠି ଯେଉଁ ପିଲାଟି ଚୋରି ହୋଇଛି ସିଏ ଚିନ୍ତା-ଚେତନା ଓ ସୃଜନର ଏକ ସୁନ୍ଦର ସମାହାର । ଯାହାକୁ ଜଣେ ଜନ୍ମଦେଲା ଆଉ ଅନ୍ୟଜଣେ ଚୋରି କରି ନାଁ ନେଲା...

ହଁ ଆଜ୍ଞା ! ଏପ୍ରିଲ ୩ ତାରିଖ (ଶୁକ୍ରବାର) ରିଲିଜ ହୋଇଥିବା ଓଡ଼ିଆ ସିନେମା 'ଆଫା'କୁ ନେଇ ବିବାଦ ମୁଣ୍ଡ ଟେକିଛି । ଏ ବିବାଦ ପୂରା ସିନେମା ପରି କହିଲେ କିଛି ଭୂଲ ହେବନି । କାରଣ ଏଠି ସିନେମା ସୁଂଟି ବେଳେ ଯିଏ ନିର୍ଦ୍ଦେଶକ ଥିଲେ ସିନେମା ସରିଲା ବେଳକୁ କିନ୍ତୁ ଋତୁ ବଦଳିବା ପରି ନିର୍ଦ୍ଦେଶକଙ୍କ ନାଁ ବଦଳି ଯାଇଛି । ପୂର୍ବରୁ ଆପଣ ସାଉଥରୁ, ବଲିଉଡରୁ ସିନେମା କପି କରି ଓଡ଼ିଆରେ ହୋଇଥିବା କଥା ଶୁଣିଥିବେ ହେଲେ ଓଡ଼ିଶାରେ ପୁଣି ଓଡ଼ିଆ ସିନେମାରେ ନାଁ ଚୋରି ଘଟଣା ପ୍ରଥମ ଥର ଲାଗୁଥିଲେ ହେଁ ଏହି ବିବାଦ ଏବେ ତେଜିବାରେ ଲାଗିଛି ।

ଅଭିଯୋଗ ହେଉଛି ଆଫା ସିନେମାର ପ୍ରକୃତ ନିର୍ଦ୍ଦେଶକ ରାଜେନ୍ଦ୍ର ମହନ୍ତ ହୋଇଥିବା ବେଳେ ପୋଷ୍ଟରରେ ଏବଂ ସିନେମା ଟ୍ରେଲରରେ ନିର୍ଦ୍ଦେଶକଙ୍କ ନାଁ ଜାଗାରେ ଅଭିନେତା ପ୍ରୀତିରାଜ୍ ଶତପଥିଙ୍କ ନାଁ ରହିଛି । ଯିଏ କି ସିନେମାର ନିର୍ଦ୍ଦେଶକ ନୁହନ୍ତି । ସିନେମାର ପ୍ରଯୋଜକ ହୋଇ କେମିତି ପ୍ରୀତିରାଜ୍ ଉକ୍ତରୟସତ୍ୱ ଚୋରି କଲେ ତାକୁ ନେଇ ଚାରିଆଡୁ ନିନ୍ଦା କରାଯାଇଛି । ସିନେପ୍ରେମୀ, ସିନେ ନିର୍ଦ୍ଦେଶକ, ସିନେମା ଲେଖକ ଏବଂ ସିନେ ସମୀକ୍ଷକମାନେ କ୍ରେଡିଟ୍ ଚୋରିକୁ ଏକ ଅପରାଧ ବୋଲି କହୁଛନ୍ତି ।




ନିଜେ ରାଜେନ୍ଦ୍ର ମହନ୍ତ ଏକ ସୋସିଆଲ ମିଡିଆ ପୋଷ୍ଟ କରି ସତ ସାମ୍ନାକୁ ଆଣିବା ପରେ ସିନେପ୍ରେମୀଙ୍କ ମନରେ ଆହୁରି ଅସନ୍ତୋଷ ବଢିଯାଇଛି । ରାଜେନ୍ଦ୍ର ଲେଖିଛନ୍ତି- ମୁଁ କେବେ ଭାବି ନଥିଲି ଯେ ମୁଁ କରିଥିବା ସିନେମାର **Credit list**ରୁ ମୋ ନାଁ କାଟି ଦିଆଯିବ । ମୋ କଷ୍ଟ କେବଳ ସେଇ ମାଆ ବୁଝିପାରିବ ଯିଏ ନଅ ମାସ କଷ୍ଟ କରି ପୁଅ ଜନ୍ମ କଲାପରେ ଆଉ କିଏ ପୁଅ କହି ତାଠୁ ସେ ପୁଅକୁ ଛଡ଼େଇ ନବ...

ତେବେ ଏମିତି ଏକ ସମୟରେ ଏଭଳି ଏକ ନିନ୍ଦାଜନକ ଘଟଣା ଓଲିଉଡରେ ଘଟିଛି ଯେତେବେଳେ ଓଡିଆ ସିନେ ଇଣ୍ଡଷ୍ଟ୍ରୀ କଡ଼ ଲେଉଟାଉଥିଲା । ପୁଣି ଥରେ ଓଡିଆ ସିନେମାର ସେହି ସ୍ୱର୍ଣ୍ଣିମ ଯୁଗକୁ ଆମେ ଫେରିଯିବାକୁ ଶତ ପ୍ରଚେଷ୍ଟା କରୁଥିବା ବେଳେ ଏମିତି ଏକ କଳଙ୍କ, ଏମିତି ଏକ ଦାଗ ଓଡିଆ ସିନେମାକୁ ପୁନଶ୍ଚ ସଙ୍କଟ ଭିତରକୁ ଠେଲି ଦେବନି ତ ? ଜଣେ ସିନେପ୍ରେମୀ ହିସାବରେ ଅନ୍ତତ ଏ ପ୍ରଶ୍ନ ମୋ ମନରେ ଉଠିବା ସ୍ୱାଭାବିକ... କାହା କଳା କେହି ଚୋରେଇ ନେଇ ପାରେନି । କଳା ଈଶ୍ୱରଙ୍କ ଦାନ । ଟଙ୍କାରେ କିମ୍ବା ଚାପରେ କାହାର ଦକ୍ଷତାକୁ, କାହାର କଳାକୁ କିଣିବାକୁ ଚେଷ୍ଟା କରୁଥିବା ମଣିଷ କାଳକାଳକୁ ସମାଲୋଚିତ... ସେ ନେତା ହୁଅନ୍ତୁ କି ଅଭିନେତା ଅବା ଜନତା...

# 'ଏବିସିଡି ୩' ନିର୍ମାଣରେ ବ୍ୟସ୍ତ



୨୦୧୩ରେ ପ୍ରସିଦ୍ଧ କୋରିଓଗ୍ରାଫର ରେମୋ ଡିସୁଜାଙ୍କ 'ଏବିସିଡି- ଏନି ବଡି କ୍ୟାନ୍ ଡାନ୍ସ' ଚଳଚ୍ଚିତ୍ର ମୁକ୍ତିଲାଭ କରିବା ସହିତ ଭାରତରେ ନୃତ୍ୟକୈନ୍ଦ୍ରିକ ଚଳଚ୍ଚିତ୍ର ନିର୍ମାଣର ଧାରା ଆରମ୍ଭ ହୋଇଥିଲା। କୌଣସି ତାରକା ଅଭିନେତାଙ୍କ ଉପସ୍ଥିତି ବିନା ଏହି ଚଳଚ୍ଚିତ୍ର ପ୍ରଥମ ଦିନରେ ୫.୫ କୋଟି ଟଙ୍କା ଆୟ କରିବା ସହିତ ସମୁଦାୟ ୪୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରି ସଫଳ ହୋଇଥିଲା। ୨୦୧୫ରେ ଏହାର ପରବର୍ତ୍ତୀ ଭାଗ 'ଏବିସିଡି ୨' ଆସିଥିଲା, ଯେଉଁଥିରେ ଶ୍ରଦ୍ଧା କପୁର ଓ ବରୁଣ ଧୱନ ଅଭିନୟ କରିଥିଲେ। ଏହା ବକ୍ସ ଅଫିସ୍‌ରେ ୧୦୦ କୋଟିରୁ ଅଧିକ ଆୟ କରି ଅପୂର୍ବ ସଫଳତା ହାସଲ କରିଥିଲା। ଏହାର ଏକ ଦଶନ୍ଧି ପରେ ରେମୋ ଆଉ ଏକ ନୃତ୍ୟକୈନ୍ଦ୍ରିକ ଚଳଚ୍ଚିତ୍ର ନିର୍ମାଣ ଆରମ୍ଭ କରିଥିବା ଜଣାପଡ଼ିଛି। ଏହାର ନାମ ସମ୍ଭବତଃ 'ଏବିସିଡି ୩' ରହିବ ବୋଲି ଚର୍ଚ୍ଚା ହେଉଛି। ଏବେ ତା'ର ଚିତ୍ରନାଟ୍ୟ ପ୍ରସ୍ତୁତି କାମ ଚାଲିଛି। ଇତିମଧ୍ୟରେ ଦର୍ଶକଙ୍କ ପସନ୍ଦ ଓ ନୃତ୍ୟ ଶୈଳୀରେ ବ୍ୟାପକ ପରିବର୍ତ୍ତନ ହୋଇଯାଇଥିବାରୁ ସେ ଜେନ୍ ଜି ଓ ଜେନ୍ ଆଲ୍‌ଫା ପିଢ଼ିର ଦର୍ଶକଙ୍କ ଚାହିଦାକୁ ମଧ୍ୟ ବିଚାରରେ ରଖି ଏହାର ନିର୍ମାଣ କରୁଛନ୍ତି। ଏଥିରେ ପ୍ରଥମ ଚଳଚ୍ଚିତ୍ରର ଚରିତ୍ରମାନେ ଫେରିବେ ବୋଲି ସୂଚନା ରହିଛି।

ପଚିଶ ବର୍ଷରୁ ଅଧିକ କାଳର କ୍ୟାରିଅରରେ ରେମୋ ଡିସୁଜା ଶତାଧିକ ଚଳଚ୍ଚିତ୍ରରେ କୋରିଓଗ୍ରାଫର ଭାବେ କାମ କରିସାରିଛନ୍ତି। ଆଜି ସେ ହିନ୍ଦୀ ଚଳଚ୍ଚିତ୍ର ଶିଳ୍ପର ସବୁଠାରୁ ସଫଳ କୋରିଓଗ୍ରାଫର ଭାବେ ପରିଗଣିତ। ୨୦୦୭ରେ ବଙ୍ଗଳା ଚଳଚ୍ଚିତ୍ର 'ଲାଲ ପାହାଡ଼େର କଥା' ଜରିଆରେ ସେ ନିର୍ଦ୍ଦେଶନା ଆରମ୍ଭ କରିଥିଲେ। ଏହାପରେ ସେ ଆଉ ସାତଟି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇସାରିଛନ୍ତି।

# ସବୁଠି ତାପସୀଙ୍କ 'ଅସ୍‌ସି'ର୍ ଚର୍ଚ୍ଚା



ଆମ ସମୟର ଏକ ଗୁରୁତର ସାମାଜିକ ପ୍ରସଙ୍ଗକୁ ନେଇ ନିକଟରେ ରିଲିଜ୍ ହୋଇଛି ତାପସୀ ପନ୍ନୁଙ୍କ ନୂଆ ଫିଲ୍ମ 'ଅସ୍‌ସି'। ଏବେ ଅନେକ ସ୍ଥାନରେ ଏହି ଫିଲ୍ମର ଚର୍ଚ୍ଚା। 'ଧୁରନ୍ଧର-୨' ବକ୍ସ ଅଫିସ୍‌ରେ ବାଜିମାତ୍ କରୁଥିବା ବେଳେ ଅନୁଭବ ସିହ୍ନାଙ୍କ ନିର୍ଦ୍ଦେଶିତ 'ଅସ୍‌ସି' ସମାଜର ଏକ ସମ୍ବେଦନଶୀଳ ବିଷୟକୁ ନେଇ ନିର୍ମିତ ହୋଇଛି, ଯେଉଁଥିରେ ତାପସୀ ଜଣେ ଓକିଲ ଭୂମିକାରେ ନଜର ଆସିଛନ୍ତି। ତାଙ୍କ ଦମ୍‌ଦାର ସଂଳାପ ଓ ଅଭିନୟର ବେଶ୍ ପ୍ରଶଂସା ହେଉଛି। ପରିମା ନାମ୍ନୀ ଜଣେ ସ୍କୁଲ୍ ଶିକ୍ଷୟିତ୍ରୀଙ୍କୁ କେନ୍ଦ୍ରକରି ଏହାର କାହାଣୀ ଗଢ଼ି ଉଠିଛି, ଯେଉଁ ଭୂମିକାରେ କନି କୁସ୍‌ରୁତିଙ୍କୁ ଦେଖିବାକୁ ମିଳିଛି। ଦିନେ ସଂଧ୍ୟାରେ ସ୍କୁଲ୍‌ରୁ ଫେରୁଥିବା ବେଳେ କେତେକ ଯୁବକ ଶିକ୍ଷୟିତ୍ରୀଙ୍କୁ ଅପହରଣ କରିନେଇ ତାଙ୍କୁ ଯୌନ ନିର୍ଯାତନା ଦେଇଛନ୍ତି। ଏହାପରେ ତାଙ୍କ ଜୀବନରେ ସବୁକିଛି ବଦଳି ଯାଇଛି। ପୁଲିସ ଓ ଆଇନ ବ୍ୟବସ୍ଥା ଭିତରେ ଛନ୍ଦିହୋଇ ସେ ସବୁଆଡୁ ଯେମିତି ପୁଣି ଥରେ ନିର୍ଯାତନାର ଶିକାର ହେଉଛନ୍ତି। ଏପରିକି ତାଙ୍କ ସ୍କୁଲ୍‌ର ଅଧକ୍ଷା ଓ ଅନ୍ୟମାନେ ବି ସମ୍ବେଦନା ବଦଳରେ ହଇରାଣ ହରକତ କରୁଛନ୍ତି। ଅଦାଲତରେ ତାପସୀ ଏହି ମାମଲା ଲଢ଼ି ଆମ ସାମାଜିକ ବ୍ୟବସ୍ଥା ଉପରେ ପ୍ରଶ୍ନ କରୁଛନ୍ତି, ଯାହାକୁ ଦର୍ଶକ ପସନ୍ଦ କରିଛନ୍ତି। ପରିସଂଖ୍ୟାନ ଅନୁସାରେ, ଆମ ଦେଶରେ ପ୍ରତି କୋଡ଼ିଏ ମିନିଟରେ ଜଣେ ମହିଳା ଦୁଷ୍କର୍ମର ଶିକାର ହୁଅନ୍ତି। ଏହି ଫିଲ୍ମ ସେହି ସାମାଜିକ ବ୍ୟାଧିକୁ ମନେପକାଇ ଦେଉଛି। ପୂର୍ବରୁ ତାପସୀଙ୍କୁ ନେଇ ଅନୁଭବ ସିହ୍ନା 'ଥପ୍ପଡ୍' ଫିଲ୍ମ କରିଥିଲେ, ଯାହାକୁ ଦର୍ଶକ ପସନ୍ଦ କରିଥିଲେ।

# ତ୍ରିପୁରାଙ୍କ ପ୍ରତ୍ୟାବର୍ତ୍ତନ



ଓଡ଼ିଆ ସିନେଜଗତର ବରିଷ୍ଠ ଅଭିନେତ୍ରୀ ତ୍ରିପୁରା ମିଶ୍ର ଦୀର୍ଘ ବର୍ଷର ବ୍ୟବଧାନରେ ପୁଣି ବଡ଼ ପରଦାରେ ନଜର ଆସିବେ। ଦର୍ଶକ ତାଙ୍କୁ ଶେଷ ଥର ଲାଗି ୧୯୮୮ରେ ମୁକ୍ତିପ୍ରାପ୍ତ ଶ୍ରୀରାମ ପଣ୍ଡାଙ୍କ ନିର୍ଦ୍ଦେଶିତ 'କୁରୁକ୍ଷେତ୍ର'ରେ ଦେଖିବାକୁ ପାଇଥିଲେ। ଚଳଚ୍ଚିତ୍ର ଠାରୁ ଦୂରେଇ ରହିଥିଲେ ହେଁ ତ୍ରିପୁରା 'ତରଙ୍ଗ'ରେ ପ୍ରସାରିତ ହରିଶ ମହାନ୍ତିଙ୍କ ନିର୍ଦ୍ଦେଶିତ ଧାରାବାହିକ 'କା' ଓ କଲର୍ସ(ଓଡ଼ିଆ)ରେ ଶ୍ରୀକାନ୍ତ ଗୌତମଙ୍କ 'ଟୁପୁରୁ ଟାପୁରୁ'ରେ ଅଭିନୟ କରିଥିଲେ। ପରବର୍ତ୍ତୀ ସମୟରେ ଅଭିନୟରୁ ବିରତି ନେଇ ଅଧ୍ୟାପନା ସାଙ୍ଗକୁ ଯୋଗଶିକ୍ଷାରେ ମନୋନିବେଶ କରିଥିଲେ ତ୍ରିପୁରା। ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ ତଥା ବବି ଇସଲାମ୍‌ଙ୍କ ନିର୍ଦ୍ଦେଶିତ 'ଅପ୍‌ସରା' ସିନେମା ଜରିଆରେ ଏବେ ତାଙ୍କର ଲେଉଟାଣି ହୋଇଛି। ଏଥିରେ ସେ ନାୟିକା ବର୍ଷା ପ୍ରିୟଦର୍ଶିନୀଙ୍କ ମାଆ ଭୂମିକାରେ ଅଭିନୟ କରିଛନ୍ତି। ଏହି ସିନେମାରେ ନିଜର ଭୂମିକାକୁ ନେଇ ବେଶ୍ ଆଶାବାଦୀ ଥିବା ତ୍ରିପୁରା କହନ୍ତି, ''ବର୍ଷା ପ୍ରିୟଦର୍ଶିନୀଙ୍କ ସହ ମୋର ଇମୋସନାଲ୍ ସଂପର୍କ। ସେ ଦିନେ ମୋତେ କହିଲେ, ଆପଣ 'ଅପସରା'ରେ ମୋର ମାଆ ଭୂମିକାରେ ଅଭିନୟ କରନ୍ତୁ। ମୁଁ ରାଜି ହେଉ ନଥିଲି। କିନ୍ତୁ ସେ ମୋତେ ମାଆ-ଝିଅର ସଂପର୍କକୁ ନେଇ ପ୍ରସ୍ତୁତ ହୋଇଥିବା ଗୀତଟି ଶୁଣାଇବା ପରେ ମୁଁ ରାଜି ହୋଇଗଲି। ଏଥିରେ ମୋର ଭୂମିକାଟି ସଂକ୍ଷିପ୍ତ ହେଲେ ବି ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆଉ ମୁଁ ଏଥିରେ ଅଭିନୟ କରି ଆତ୍ମସନ୍ତୋଷ ପାଇଛି। ସୂଚନାଯୋଗ୍ୟ, ତ୍ରିପୁରା ମିଶ୍ର ୧୯୭୫ ମସିହାରେ ତ୍ରିମୂର୍ତ୍ତିଙ୍କ ନିର୍ଦ୍ଦେଶିତ 'ଯାଯାବର' ଜରିଆରେ ଅଭିନୟ କ୍ଷେତ୍ରରେ ପାଦ ଥାପିଥିଲେ। ଏଥିରେ ସେ ଅନୀତା ଦାସଙ୍କ ଭଉଣୀ ଭୂମିକାରେ ନଜର ଆସିଥିଲେ। ଏହାପରେ ସେ ସେହିବର୍ଷ 'ସମୟ' ଚଳଚ୍ଚିତ୍ରରେ ପ୍ରଶାନ୍ତ ନନ୍ଦଙ୍କ ବିପକ୍ଷରେ ଅଭିନୟ କରିଥିଲେ। ଗଣେଶ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଭୁବନ-ହରିଙ୍କ ସ୍ୱରାରୋପିତ 'ରେ ପ୍ରିୟା ମୋର..'(କଣ୍ଠ-ମୁକେଶ), 'ଗୁହାରି ଶୁଣ ଭଗବାନ..' ଓ 'ସଜନୀରେ କାହିଁଗଲେ ଶ୍ୟାମ..' (କଣ୍ଠ-ସୁମନ୍ କଲ୍ୟାଣପୁର) ଆଦି ଗୀତ ତ୍ରିପୁରାଙ୍କ ଉପରେ ଚିତ୍ରାୟିତ ହୋଇଥିଲା। ୧୯୭୬ରେ ସେ 'ସିନ୍ଦୂର ବିନ୍ଦୁ' ଓ 'କୃଷ୍ଣ ସୁଦାମା'ରେ ଅଭିନୟ କରିଥିଲେ। ଶିଶିର ମିଶ୍ରଙ୍କ ନିର୍ଦ୍ଦେଶିତ 'ସିନ୍ଦୂର ବିନ୍ଦୁ'ରେ ପ୍ରଫୁଲ୍ଲ କରଙ୍କ ସ୍ୱରସଂଯୋଜିତ 'ମୋ ପ୍ରିୟାଠାରୁ କିଏ ଅଧିକ ସୁନ୍ଦର..'(କଣ୍ଠ-ଚିତ୍ତ ଜେନା), 'କେଉଁ ନାମ ଧରି...'( କଣ୍ଠ-ପ୍ରଣବ ପଟ୍ଟନାୟକ), 'ଯଉବନରୁ ଅପରାଧ...' (କଣ୍ଠ-ପ୍ରଣବ ପଟ୍ଟନାୟକ ଓ ସୁଧା ରାମା) ଆଦି ଲୋକପ୍ରିୟ ଗୀତରେ ତ୍ରିପୁରା ଅଭିନୟ କରିଥିଲେ। ଏଥିରେ ତାଙ୍କର ନାୟକ ଥିଲେ ଶ୍ରୀରାମ ପଣ୍ଡା। ୧୯୮୧ରେ ମଳୟ ମିତ୍ରଙ୍କ ନିର୍ଦ୍ଦେଶିତ 'ମାନସୀ'ରେ ସେ ସ୍ୱରୂପ ନାୟକଙ୍କ ବିପକ୍ଷରେ ଅଭିନୟ କରିଥିଲେ। ୧୯୮୩ରେ ଶିଶିର ମିଶ୍ରଙ୍କ ନିର୍ଦ୍ଦେଶିତ 'ସୁବର୍ଣ୍ଣ ସୀତା'ରେ ମଧ୍ୟ ଅଭିନୟ କରିଥିଲେ ତ୍ରିପୁରା। ଏଥିରେ ଶ୍ରୀରାମ ପଣ୍ଡାଙ୍କ ବିପକ୍ଷରେ ନାୟିକା ଭୂମିକା ନିଭାଇଥିଲେ ସେ। ଶ୍ରୀବତ୍ସ ପଟ୍ଟନାୟକଙ୍କ ସ୍ୱରାରୋପିତ ଏହି ସିନେମାରେ 'କାଚ କାନ୍ଥର ଏପାଖେ ମୁଁ..','ସବାରି ଚାଲେ...'(କଣ୍ଠ-ସୁଶ୍ରୀ ସଙ୍ଗୀତା ମହାପାତ୍ର) ଆଦି ଗୀତ ତାଙ୍କୁ ଅଧିକ ଲୋକପ୍ରିୟ କରିଥିଲା। ତାଙ୍କ ଅଭିନୀତ ଶେଷ ସିନେମା ଥିଲା ଜୟଦେବ ପୁରସ୍କାରପ୍ରାପ୍ତ ଅଭିନେତା ତଥା ସ୍ୱାମୀ ଶ୍ରୀରାମ ପଣ୍ଡାଙ୍କ ନିର୍ଦ୍ଦେଶିତ 'କୁରୁକ୍ଷେତ୍ର'।

# ନାଟକ ଓ କଳା ସଂସ୍କୃତିର ମଣିଷ ମୁକେଶ ନାୟକ



ଓଡ଼ିଶାର ନାଟକ, ସମାଜ ସେବା ଓ କଳା ସଂସ୍କୃତିର ପ୍ରିୟ ମଣିଷ ହେଉଛନ୍ତି ମୁକେଶ ନାୟକ। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ପଞ୍ଚାୟତରେ ମୁକେଶ ୧୯୮୯ ମସିହାରେ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତା ହରେକୃଷ୍ଣ ନାୟକ ଓ ମାତା ଭାରତୀ ନାୟକ। ସ୍ତ୍ରୀ ଲିନା ନାୟକ ଓ ସନ୍ତାନ ପ୍ରୀୟାଂଶୀ ନାୟକ ଙ୍କୁ ନେଇ ତାଙ୍କର ସଂସାର ରଥ ଆଗେଇ ଚାଲିଛି। ମୁକେଶ ପ୍ରଥମେ ଗାଁ ଡ୍ରାମାରେ ଅଭିନୟ ଆରମ୍ଭ କରିଥିଲେ। ଶିଶୁ କଳାକାର ଠୁଁ ଆରମ୍ଭ କରି ନାୟକ ଭୂମିକା ପର୍ଯ୍ୟନ୍ତ ସବୁବେଳେ ସେ ଅଭିନୟ କ୍ଷେତ୍ରରେ ଦକ୍ଷତା ହାସଲ କରିଛନ୍ତି। ଏକ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଯେତେବେଳେ ଗାଁ ଡ୍ରାମାରେ ନାରୀ ଅଭିନେତ୍ରୀ ମାନଙ୍କର ଅଭାବ ପଡେ ସେତେବେଳେ ସେମାନଙ୍କ ଶୂନ୍ୟସ୍ଥାନକୁ ପୂରଣ କରିବା ପାଇଁ ସେ ଅନେକ ଥର ନାରୀ ଭୂମିକାରେ ଖୁବ୍ ସୁନ୍ଦର ଅଭିନୟ କରି ଦର୍ଶକ ବନ୍ଧୁ ମାନଙ୍କୁ ମନ୍ତ୍ର ମୁଗ୍ଧ କରିଛନ୍ତି। ତାଙ୍କୁ ସମସ୍ତେ ଜାଣନ୍ତି ଟ୍ରାଜେଡି କିଙ୍ଗ ମୁକେଶ। ଶ୍ରେଷ୍ଠ ଅଭିନେତା ଭାବରେ ସେ ଅନେକ ଥର ପୁରସ୍କୃତ ହୋଇଛନ୍ତି। ବହୁ ନାଟକରେ ସେ ସଫଳତାର ସହିତ ଅଭିନୟ କରିଛନ୍ତି। ତାଙ୍କର ନାଟକ, ଅଭିନୟ ଓ କଳା ସଂସ୍କୃତି କ୍ଷେତ୍ରରେ ଗୁରୁ ହେଉଛନ୍ତି ପିତାମ୍ବର ଦାଶ, ସୂର୍ଯ୍ୟକାନ୍ତ ବେହେରା ଓ ସତ୍ୟ ସୁନ୍ଦର ରାଉତ। ମୁକେଶଙ୍କର ମନ ପସନ୍ଦର ମଣିଷ ହେଉଛନ୍ତି ଇଞ୍ଜିନିୟର ଅକ୍ଷୟ ସାମଲ ଓ ଇଞ୍ଜିନିୟର ରମେଶ ଚନ୍ଦ୍ର ବିଶ୍ୱାଳ। ମୁକେଶ ଙ୍କ ପ୍ରିୟ ସାଙ୍ଗ ହେଉଛନ୍ତି ଅଭିମନ୍ୟୁ ନାୟକ, ରଶ୍ମି ରଞ୍ଜନ ବିଶ୍ୱାଳ, ଅଭିରାମ ନାୟକ ଓ ବିଜୟ ନାୟକ। ମୁକେଶ ଅନେକ ସମୟରେ ସମାଜ ସେବା ଓ ବୃକ୍ଷ ରୋପଣ କାର୍ଯ କରିଥାଆନ୍ତି। ଶ୍ରୀ ନାୟକ ଜଣେ ମିଷ୍ଟ ଭାଷୀ ଓ ପରୋପକାରୀ ମଣିଷ। ତାଙ୍କର ସମସ୍ତ ସ୍ୱପ୍ନ ଓ ଲକ୍ଷ୍ୟ ପୂରଣ ହେଉ। ଈଶ୍ୱରଙ୍କ କୃପାରୁ ମୁକେଶଙ୍କ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏହାହିଁ କାମନା।


**ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି**
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

# ମେଘାସନ ମହାବିଦ୍ୟାଳୟ ନୁଦଡ଼ିହାରେ ଓଡ଼ିଆପକ୍ଷ ପାଳନ

ଉଦଳା, ୦୯/୪ (ନି.ପ୍ର): ମେଘାସନ ମହାବିଦ୍ୟାଳୟ ନୁଦଡ଼ିହା ଦ୍ୱାରା ଓଡ଼ିଆ ପକ୍ଷ ପାଳନ କରାଯାଉଅଛି । ଗତ ତା.୦୧/୦୪/୨୦୨୬ରିଖ ଠାରୁ ତା.୧୪/୦୪/୨୦୨୬ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହିକାର୍ଯ୍ୟର ବିଭିନ୍ନ ଦିବସରେ ଭିନ୍ନଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିଲା । ଗତ ୦୪/୦୪/୨୦୨୬ରିଖ 'ଆମ ପୋଷାକ ଆମ ପରିଚୟ' କ୍ରମରେ ଅଧ୍ୟାପକ ଓ କର୍ମଚାରୀ ମାନେ ଓଡ଼ିଆ ପାରମ୍ପାରିକ ପୋଷାକ ପିନ୍ଧି ଆସିଥିଲେ । ସେହିପରି ୦୬/୦୪/୨୦୨୬ରିଖରେ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍.ଏସ୍,ଏସ୍.) ଯୁବରେଡ଼କ୍ରସ (ୱାଇ.ଆର.ସି) ର ସହଯୋଗରେ କଲେଜ ପରିସର ଓ ସ୍ଥାନୀୟ ନୁଦଡ଼ିହା ଗ୍ରାମର ରାସ୍ତାଘାଟକୁ ପରିଷ୍କାର



କରାଯାଇଥିଲା । ସେହି ପରି ଅଦ୍ୟ ତା.୦୮/୦୪/୨୦୨୬ରିଖ ପୂର୍ବାହ୍ନ ୯ ଘଟିକା ସମୟରେ ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ମୋଟ ୩୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ଉଦ୍‌ଘାଟନ କରିଥିଲେ । ଉଦଳା ଉପଖଣ୍ଡ ଚିକିତ୍ସାଳୟର ଡ଼ାକ୍ତର ଓ ବ୍ଲଡ଼ ବ୍ୟାଙ୍କର କର୍ମଚାରୀ ମାନେ ଆସି ରକ୍ତ ସଂଗ୍ରହ କରିଥିଲେ । ଏଥିରେ ମେଘାସନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ସହ ସ୍ଥାନୀୟ ଭୋଲାନାଥ ସଂସ୍କୃତ ମହାବିଦ୍ୟାଳୟର କେତେକ ଛାତ୍ରଛାତ୍ରୀ ମାନେ ରକ୍ତଦାନ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଏନ୍.ଏସ୍,ଏସ୍.ଓ ୱାଇ.ଆର.ସି ର ପ୍ରଗ୍ରାମ ଅଫିସର ସମୀର କୁମାର ଭୋଇ, ଡ଼କ୍ଟର କମଳିନି ପଣ୍ଡା, ସ୍ୱାତି ସୁଚରିତା ପଣ୍ଡା, ବିଜୟ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# କୋରାପୁଟ ଜିଲ୍ଲା ପେଟ୍ରୋଲ ପମ୍ପରେ ମିଳୁନି ମୌଳିକ ସୁବିଧା

ଜୟପୁର, ୦୯/୪ (ନି.ପ୍ର): କୋରାପୁଟ ଜିଲ୍ଲା ରେ ଥିବା ବହୁ ପେଟ୍ରୋଲ ପମ୍ପରେ ମିଳୁନି ମୌଳିକ ସୁବିଧା ପ୍ରଶାସନ ପକ୍ଷରୁ କରାଯାଉ ସଚେତନତା । ଉପଭୋକ୍ତାଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଉତ୍ତମ ମାନର ଦ୍ରବ୍ୟ ଓ ସେବା ଯୋଗାଇ ଦେବା ଲକ୍ଷ୍ୟରେ ଖାଉଟି ସୁରକ୍ଷା ଆଇନକୁ ସରକାର ଗୁରୁତ୍ୱ ଦେଉଛନ୍ତି । ଉପଭୋକ୍ତାଙ୍କୁ ସେବା ପ୍ରଦାନରେ ଅବହେଳା ପ୍ରଦର୍ଶନ କରୁଥିବା ବ୍ୟକ୍ତି, ଗୋଷ୍ଠୀ ସଂସ୍ଥା ମାନଙ୍କ ଶୋଷଣରୁ ସୁରକ୍ଷା ପ୍ରଦାନ କରିବା ଏପରି ଆଇନର ଉଦ୍ଦେଶ୍ୟ । ଏହି ଆଇନର ଖୋଲା ଖୋଲି ଉଲ୍ଲଘଂନ ହେଉଥିବା ଅଭିଯୋଗ ହେଉଛି । ବିଶେଷ କରି ପେଟ୍ରୋଲ ପମ୍ପର ମାଲିକ ମାନେ ଗ୍ରାହକଙ୍କୁ ଆନୁସଙ୍ଗିକ ସେବା ଯୋଗାଇବାରେ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି । ଗ୍ରାହକ ସୁବିଧା ପାଇଲେ କି ନାହିଁ ତଦାରଖ ହେଉନି । ପେଟ୍ରୋଲ ପମ୍ପରେ ଗ୍ରାହକ ଙ୍କ ପାଇଁ କଣ ସୁବିଧା ରହିଛି ସେ ନେଇ ମଧ ପ୍ରଶାସନ ପକ୍ଷରୁ ସଚେତନ କରାଯାଉନାହିଁ । କୋରାପୁଟ ଜିଲ୍ଲା ଜୟପୁର, ସେମିଳିଗୁଡ଼ା, କୋରାପୁଟ, ବୈପାରିଗୁଡ଼ା, ବୋରିଗୁମ୍ମା, କୋଟପାଡ ଅଂଚଳରେ ମାଳ ମାଳ ପେଟ୍ରୋଲ ପମ୍ପ ଗଢି ଉଠିଥିବା ବେଳେ ଅଧିକାଂଶ ପେଟ୍ରୋଲ ପମ୍ପରେ ଅପମିଶ୍ରିତ ତେଲ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଛି । ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷ ସରକାରୀ ନିୟମ କୁ ଉପେକ୍ଷା କରି ଗ୍ରାହକ ଙ୍କୁ ସେବା ଯୋଗାଉନାହାନ୍ତି । ଏଭଳି ସ୍ଥିତିରେ ବିଭିନ୍ନ ସ୍ଥାନରେ ଗଢି ଉଠିଥିବା ପେଟ୍ରୋଲ ପମ୍ପର ସ୍ଥିତିକୁ ଅନୁଧାନ କଲେ ଖାଉଟି ସୁରକ୍ଷା ଆଇନି ଗୁରୁତ୍ୱ ହରାଇଛି । ଗ୍ରାହକ ଙ୍କୁ ପେଟ୍ରୋଲ ପମ୍ପରେ ପାନୀୟ ଜଳ ସୁବିଧା ଯୋଗାଇବାରେ ବ୍ୟବସ୍ଥା ଥିଲେ ହେଁ ଅନେକ ସ୍ଥାନରେ ଗ୍ରାହକଙ୍କୁ ଏହି ସେବା ଯୋଗାଇ ଦିଆଯାଉନି । କାଗଜପତ୍ରରେ ସବୁ କିଛି ଠିକ ଠାକ ରହିଛି । ସେହିଭଳି କିଛି ପେଟ୍ରୋଲ ପମ୍ପରେ ଅଗ୍ନି ନିରାପତା ବ୍ୟବସ୍ଥା ନାହିଁ । କେତେକାଂଶ ରେ ଅଛି ଅଥଚ ତାହା କାମ କରୁନି । ସେହିପରି ପେଟ୍ରୋଲ ପମ୍ପରେ 'ପ୍ରେସର ଚେକ 'ବ୍ୟବସ୍ଥା ବାଧତା ମୂଳକ ହୋଇଥିଲା ବେଳେ ହେଲେ କାଁ ଭାଁ ସ୍ଥାନରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । କେଉଁଠି କେବଳ ନାମ ମାତ୍ର ପ୍ରେସର ଚେକ ମେସିନ ରଖାଯାଇ ଖରାପ ଅଛି ବୋଲି ସଫେଇ ଦିଆଯାଉଛି । ସେହିପରି ପେଟ୍ରୋଲ ପମ୍ପରେ ପାଇଖାନା ସୁବିଧା, କମ୍ପ୍ୟୁଟର ବିଲ, ମାଗଣା କଲ ବ୍ୟବସ୍ଥାର ସୁବିଧା ଦେବାକୁ ସରକାରୀ ନିୟମ ରହିଛି । ହେଲେ ଏ ସବୁ ସୁବିଧାରୁ ଗ୍ରାହକ ବଞ୍ଚିତ ହେଉଛନ୍ତି । ଶୌଚାଳୟ ସୁବିଧା ୬୦ପ୍ରତିଶତ ସ୍ଥାନରେ ନାହିଁ । କିଛି ସ୍ଥାନରେ ଏହା ରହିଥିଲେ ମଧ ତାହା କର୍ମଚାରୀଙ୍କ ପାଇଁ ଉଦିଷ୍ଟ ବୋଲି କୁହାଯାଉଛି । ସେହିପରି ପେଟ୍ରୋଲ ପମ୍ପରେ ଅଭିଯୋଗ ପୁସ୍ତିକା ରଖିବାର ନିୟମ ରହିଛି । କିଛି ପେଟ୍ରୋଲ ପମ୍ପ କୁ ଛାଡିଦେଲେ । ଅଧିକାଂଶ ପେଟ୍ରୋଲ ପମ୍ପରେ ଆଦୌ ଏହି ସୁବିଧା ନାହିଁ । ଅଭିଯୋଗ ପୁସ୍ତିକା ପେଟ୍ରୋଲ ପମ୍ପରେ ରଖିଲେ ଗ୍ରାହକ କଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେବା ପାଇଲେ କି ନାହିଁ ସେ ନେଇ ଉଲ୍ଲେଖ କରି ପାରିବେ । ତେଲ କମ୍ପାନୀ କର୍ତ୍ତୃପକ୍ଷ ଏହାର ଯାଞ୍ଚ କରି ଗ୍ରାହକଙ୍କୁ ସେବା ଯୋଗାଇ ଦେବାକୁ ପରାମର୍ଶ ଦିଅନ୍ତେ । ଏଣୁ ଏହି ଦିଗ ପ୍ରତି କୋରାପୁଟ ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ ଓ ମାପ ଓଜନ ବିଭାଗ ଦୃଷ୍ଟି ଦେଲେ ଗ୍ରାହକ ମାନେ ଉପକୃତ ହୋଇପାରନ୍ତେ ବୋଲି ଅନେକ ଗ୍ରାହକ ମତ ପୋଷଣ କରୁଛନ୍ତି ।

# ସେଲ୍, ଆରଏସପି ରେ ବର୍ଜ୍ୟଜଳର ଗୁଣବତ୍ତା ବଜାୟ ରଖିବା ନିମନ୍ତେ ଲାଗୁନ୍ ଏବଂ ସ୍ଲୁଇସ୍ ଗେଟ୍‌ର ମରାମତି ଆରମ୍ଭ

ରାଉରକେଲା, ୦୯/୪ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏହାର ବର୍ଜ୍ୟଜଳ ପରିଚାଳନା ପ୍ରଣାଳୀକୁ ସୁଦୃଢ଼ କରିବା ପାଇଁ ଲାଗୁନ୍ ଏବଂ ସ୍ଲୁଇସ୍ ଗେଟ୍ ଗୁଡ଼ିକରୁ ପଙ୍କୋଦ୍ଧାର କରିବା ସହିତ ମରାମତି କାର୍ଯ୍ୟ ଆରମ୍ଭ କରିଛି। ଏହି କାର୍ଯ୍ୟ ବର୍ତ୍ତମାନ ଅନ୍ତର୍ଗତ ଜଳ ପରିଚାଳନା ବିଭାଗର ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେଉଛି। ଲାଗୁନ୍‌କୁ ପରିଷ୍କାର କରିବା ଦ୍ୱାରା କାରଖାନାରୁ ନିର୍ଗତ ଜଳର ଗୁଣବତ୍ତା ବଜାୟ ରଖିବାରେ ଯଥେଷ୍ଟ ସହାୟତା ମିଳିବ। ଏହା ବ୍ୟତୀତ, ସ୍ଲୁଇସ୍ ଗେଟ୍‌ଗୁଡ଼ିକରେ ଆବଶ୍ୟକୀୟ ମରାମତି ମଧ୍ୟ କରାଯିବ ଯାହା ମୌସୁମୀ ବର୍ଷା ସମୟରେ



କାରଖାନା ପରିସରରେ ଜଳ ପ୍ଲାବନ କୁ ରୋକିବାରେ ସାହାଯ୍ୟ କରିବା ସହ କାର୍ଯ୍ୟ ସୁରକ୍ଷା ନିଶ୍ଚିତ କରିବ।

ସୂଚନା ଯୋଗ୍ୟ ଯେ, ଏହି ମରାମତି କାର୍ଯ୍ୟଭାର ଏନବିସିସି କୁ ୪.୭୫ କୋଟି ଟଙ୍କା ବ୍ୟୟ ଅଟକଳରେ ଦିଆଯାଇଛି। ଏହି ପ୍ରକଳ୍ପର ପ୍ରମୁଖ ପରିସର ମଧ୍ୟରେ ୧,୨୭,୫୦୦ ଘନ ମିଟର ପଙ୍କ ଉଦ୍ଧାର, ୮୦,୦୦୦ ବର୍ଗ ମିଟର ଅଞ୍ଚଳରୁ ଦଳ ନିଷ୍କାସନ ସହ ତିନୋଟି କ୍ଷତିଗ୍ରସ୍ତ ସ୍ଲୁଇସ୍ ଗେଟ୍ ର ପରିବର୍ତ୍ତନ ଅନ୍ତର୍ଭୁକ୍ତ ଅଟେ।

# ମାଲକାନଗିରିରେ କ୍ରୀଡ଼ା ଭିତ୍ତିଭୂମିର ସମୀକ୍ଷା କଲେ ଜିଲ୍ଲାପାଳ, ସିଏମ ଟ୍ରଫି ପାଇଁ ପ୍ରସ୍ତୁତି ଜୋରଦାର

ମାଲକାନଗିରି, ୦୯/୪ (ନି.ପ୍ର): ମାଲକାନଗିରି ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଯୁବ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ସଦର ମହକୁମା ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ହଷ୍ଟେଲ ପରିଦର୍ଶନ କରି କ୍ରୀଡ଼ା ଭିତ୍ତିଭୂମିର ବିକାଶ ଏବଂ ଆଗାମୀ ସିଏମ ଟ୍ରଫି ପାଇଁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। କ୍ରୀଡ଼ା ଭିତ୍ତିଭୂମିର ଅନୁଧାନ ଓ ସମୀକ୍ଷା କରିବା ସହ ଜିଲ୍ଲାପାଳ ସ୍ପୋର୍ଟସ କମ୍ପ୍ଲେକ୍ସର ବିଭିନ୍ନ ବିଭାଗ ବୁଲି ଦେଖିବା ସହ କ୍ରୀଡ଼ାବିତଙ୍କୁ ଶ୍ରେଷ୍ଠ ସୁବିଧା ଯୋଗାଇବା ପାଇଁ ଗୁରୁତ୍ୱ ଦେଇଛନ୍ତି । ଆଥଲେଟମାନଙ୍କ ଉନ୍ନତ ଅଭ୍ୟାସ ପାଇଁ ଟ୍ରାକ୍ର ସ୍ଥିତି ଅନୁଧାନ କରିବା ସହ ଏହାର ରକ୍ଷଣାବେକ୍ଷଣ ଓ ଆବଶ୍ୟକ ଉନ୍ନତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ଇନଡୋର ଷ୍ଟାଡିୟମଗୁଡ଼ିକର ସୁପରିଚାଳନା ତଥା ଏହାକୁ ଖେଳାଳିଙ୍କ ପାଇଁ ସର୍ବଦା କାର୍ଯ୍ୟକ୍ଷମ ରଖିବାକୁ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ସ୍ପୋର୍ଟସ କମ୍ପ୍ଲେକ୍ସର ପରିସରକୁ ସୁରକ୍ଷିତ ରଖିବା ପାଇଁ ପାଚେରି ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ସିଏମ ଟ୍ରଫି କ୍ରୀଡ଼ା କାର୍ଯ୍ୟକ୍ରମକୁ ମାଲକାନଗିରିରେ ଅତି ଆଡମ୍ବର ସହକାରେ ପାଳନ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ପ୍ରତିଯୋଗିତା ଜିଲ୍ଲାର ଗ୍ରାମାଞ୍ଚଳରେ ଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଏକ ବୃହତ ମଞ୍ଚ ପ୍ରଦାନ କରିବ । କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ଜିଲ୍ଲାପାଳ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରିବାକୁ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ଜିଲ୍ଲାପାଳ ସ୍ପୋର୍ଟସ ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ଖେଳାଳିମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଏବଂ ଉତ୍ତମ ପରିବେଶ ଯୋଗାଇ ଦେବା ଜିଲ୍ଲା ପ୍ରଶାସନର ପ୍ରାଥମିକତା ବୋଲି ସେ ପ୍ରକାଶ କରିଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ମାଲକାନଗିରିର ଯୁବବର୍ଗଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ନେବା ପାଇଁ ପ୍ରଶାସନର ଏହି ତତ୍ପରତା ସ୍ଥାନୀୟ କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଖେଳାଇ ଦେଇଛି।

# ଜିଲ୍ଲାରେ ଶିଶୁ ଭିକ୍ଷାବୃତ୍ତି ରୋକିବାକୁ ଗଠିତ ହେଲା ସ୍ୱତନ୍ତ୍ର ଟାସ୍କ ଫୋର୍ସ

ଝାରସୁଗୁଡ଼ା , ୦୯/୪ (ନି.ପ୍ର): ଜିଲ୍ଲାରେ ଶିଶୁ ଭିକ୍ଷାବୃତ୍ତି ସମସ୍ୟାର ସମାଧାନ ଏବଂ କୋମଳମତି ଶିଶୁମାନଙ୍କ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଏକ 'ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ' ଗଠନ କରାଯାଇଛି। ଜିଲ୍ଲାରୁ ଶିଶୁ ଭିକ୍ଷାବୃତିକୁ ସମ୍ପୂର୍ଣ୍ଣ ରୂପେ ମୂଳୋତ୍ପାଟନ କରିବା ଏହି କମିଟିର ମୁଖ୍ୟ ଉଦ୍ଦେଶ୍ୟ। ରାଜ୍ୟ ସରକାରଙ୍କ ଗାଇଡଲାଇନ ଅନୁସାରେ, ଏହି ଟାସ୍କ ଫୋର୍ସରେ ଜିଲ୍ଲାର ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କୁ ସାମିଲ କରାଯାଇଛି। ଏଥିରେ ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ପୌରପାଳିକାର ନିର୍ବାହୀ ଅଧିକାରୀ ଏବଂ ସମାଜ ମଙ୍ଗଳ ଅଧିକାରୀମାନେ ସଦସ୍ୟ ଭାବେ ରହିଛନ୍ତି। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ବୈଠକରେ କହିଛନ୍ତି ଯେ, ଟ୍ରାଫିକ ଛକ, ବସଷ୍ଟାଣ୍ଡ, ରେଳ ଷ୍ଟେସନ ଏବଂ ବଜାର ପରି ସର୍ବସାଧାରଣ ସ୍ଥାନରେ ଭିକ୍ଷାବୃତି କରୁଥିବା ଶିଶୁମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଉଦ୍ଧାର କରାଯିବ। ଉଦ୍ଧାର ପରେ ସେମାନଙ୍କୁ ଶିଶୁ ଯତ୍ନ କେନ୍ଦ୍ରରେ ରଖାଯାଇ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଉପଯୁକ୍ତ କାଉନସେଲିଂ ପ୍ରଦାନ କରାଯିବ। ଏଥିସହିତ ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ଯେ, ଶିଶୁମାନଙ୍କୁ ଭିକ୍ଷାବୃତି ପାଇଁ ବ୍ୟବହାର କରୁଥିବା ବ୍ୟକ୍ତି ବା ଗୋଷ୍ଠୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶିଶୁ ମାନଙ୍କ ଅଧିକାର ସୁରକ୍ଷିତ ରଖିବା ପାଇଁ ପୋଲିସ ଏବଂ ଶିଶୁ ସୁରକ୍ଷା ୟୁନିଟ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

ମାଲକାନଗିରି, ୦୯/୪ (ନି.ପ୍ର): ମାଲକାନଗିରି ସଦର ବ୍ଲକ ଗୌଡ଼ଗୁଡା ପଞ୍ଚାୟତ ଏମ୍.ଭି-୯ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରି ବିଦ୍ୟାଳୟ ବଦଳି ପ୍ରମାଣ ପତ୍ର ନ ମିଳିବାରୁ ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ । ସୂଚନା ମୁତାବକ ଏହି ବିଦ୍ୟାଳୟରେ ପୂର୍ବତନ ପ୍ରଧାନଶିକ୍ଷକଙ୍କୁ କିଛି ମାସ ତଳେ ନିଲମ୍ବନ କରା ଯାଇଥିଲା। ଏହା ସତ୍ତ୍ୱେ ମଧ ନୂତନ ଦାୟିତ୍ୱ ନେଇଥିବା ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନଥିଲେ। ଶିକ୍ଷା ବିଭାଗ ତରଫରୁ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ନିୟୋଜିତ କରାଯାଇ ଅତିରିକ୍ତ ତହସିଲଦାର ଓ ପୁଲିସ ପ୍ରଶାସନର ଉପସ୍ଥିତିରେ ତାଲା ଭାଙ୍ଗି ନୂତନ ଦାୟିତ୍ୱ ନେଇଥିବା ଶିକ୍ଷୟିତ୍ରୀ ସରସ୍ୱତୀ ପୁଜାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଗତ ସେପଟ୍ମ୍ବର ମାସରେ ଦାୟିତ୍ୱ ହସ୍ତାନ୍ତର କରିବା ପରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଓ ସିଆରସିଙ୍କ ଉପସ୍ଥିତିରେ ସମସ୍ତ ନଥିପତ୍ର ହସ୍ତାନ୍ତର କରା ଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ପ୍ରବେଶିକା ରେଜିଷ୍ଟର ହସ୍ତାନ୍ତର ହୋଇ ନଥିଲା। ଏହି ବିଦ୍ୟାଳୟରେ ୪୬ଜଣ ଛାତ୍ରଛାତ୍ରୀ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ଏବେ ଏହି ଛାତ୍ରଛାତ୍ରୀ ମାନେ ଅଷ୍ଟମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇ ଅନ୍ୟ ବିଦ୍ୟାଳୟରେ ପ୍ରବେଶ ନିମନ୍ତେ ବଦଳି ପ୍ରମାଣ ପତ୍ର ପାଇଁ ପାରୁନାହାନ୍ତି। ଏ ସମ୍ବନ୍ଧରେ ଗତ କିଛିଦିନ ପୂର୍ବରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପୁଜାରୀ ଶିକ୍ଷା ବିଭାଗକୁ ଲିଖିତ ଭାବେ ଜଣାଇଥିଲେ ମଧ ଏପର୍ଯ୍ୟନ୍ତ ତାହାର କୌଣସି ସମାଧାନ ହୋଇ ପାରିନାହିଁ। ଆଜି ବାଧ ହୋଇ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀଙ୍କୁ ବସାଇ ଧାରଣା ଦେଇଛନ୍ତି। ବଦଳି ପ୍ରମାଣ ପତ୍ର ନମିଳିବା ପର୍ଯ୍ୟନ୍ତ ଧାରଣାରେ ବସି ରହିବେ ବୋଲି ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି।

# ମାଥିଲି ବ୍ଲକର ମହୁପଦର ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ମେଗା ସ୍ୱାସ୍ଥ୍ୟ ଓ ପୋଷଣ ଶିବିର ଅନୁଷ୍ଠିତ

ମାଲକାନଗିରି , ୦୯/୪ (ନି.ପ୍ର): ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ର ଏକ ଅଂଶସ୍ୱରୂପ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ମାଥିଲି ବ୍ଲକର ମହୁପଦର ଗ୍ରାମ ପଞ୍ଚାୟତଠାରେ ଏକ ସ୍ୱତନ୍ତ୍ର ମେଗା ସ୍ୱାସ୍ଥ୍ୟ ଓ ପୋଷଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ହିତାଧିକାରୀ ଯୋଗ ଦେଇଥିଲେ। ଏହି ଶିବିରରେ ମାଥିଲି ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ଏକ ବିଶେଷଜ୍ଞ ଡାକ୍ତରୀ ଦଳ, ଫାର୍ମାସିଷ୍ଟ ଏବଂ ନର୍ସିଂ ଅଫିସରମାନେ ସାମିଲ ହୋଇ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲେ। ଏଥିସହିତ ସିଡିପିଓଙ୍କ ନେତୃତ୍ୱରେ ଆଇସିଡିଏସ ସୁପରଭାଇଜର ଓ ଅଙ୍ଗନୱାଡି କର୍ମୀମାନେ ହିତାଧିକାରୀଙ୍କୁ ଉତ୍ତମ ଖାଦ୍ୟପେୟ ଓ ସୁରକ୍ଷିତ ପୋଷଣ ଅଭ୍ୟାସ ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ।
ମହୁପଦର, କମାରପାଲି, ସାଲିମି ଏବଂ ଡେମୁରୁପାଲି ପରି ଦୁର୍ଗମ ଅଞ୍ଚଳରୁ ଆସିଥିବା ଶତାଧିକ ଗର୍ଭବତୀ ମହିଳା, ପ୍ରସୂତି ମା, ୦-୬ ବର୍ଷର ଶିଶୁ ଏବଂ ସମ୍ଭାବ୍ୟ ଯକ୍ଷ୍ମା ଓ ଅଣ-ସଂକ୍ରାମକ ରୋଗୀଙ୍କର ଏଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମସ୍ତଙ୍କୁ ମାଗଣା ଔଷଧ ସହ ପୋଷଣଯୁକ୍ତ ଖାଦ୍ୟ ପ୍ୟାକେଟ୍ ମଧ ବଣ୍ଟନ କରାଯାଇଥିଲା। ଏହି ଅବସରରେ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ପରିମଳ ଓ ସ୍ୱଚ୍ଛତାର ଗୁରୁତ୍ୱ ଉପରେ ସଚେତନତା ସହ ପ୍ରଦର୍ଶନୀ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଥିଲି ବିଡିଓ ମାଲକାନଗିରି ଜିଲ୍ଲାପାଳଙ୍କ ଦ୍ୱାରା ପରିଚାଳିତ ପୋଷଣ-୧୫ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଶିଶୁମାନଙ୍କ ମଧ୍ୟରେ ଅପୁଷ୍ଟି ଜନିତ ସମସ୍ୟା ଦୂର କରିବା ଏବଂ ଗର୍ଭବତୀ ଓ କିଶୋରୀମାନଙ୍କୁ ସଠିକ୍ ପୋଷଣ ଯୋଗାଇବା ପାଇଁ ବିଭିନ୍ନ ବିଭାଗର ମିଳିତ ସହଯୋଗରେ ଏହି ଅଭିଯାନ ଜାରି ରହିଛି ବୋଲି ସେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦଙ୍କ ପ୍ରତିନିଧି, ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟାନ୍ୟ ଜନପ୍ରତିନିଧିମାନେ ଉପସ୍ଥିତ ରହି ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ମାଥିଲି ଏବିଏଫ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମୀକ୍ଷା ବୈଠକ ଅନୁଷ୍ଠିତ

ଝାରସୁଗୁଡା, ୦୯/୪ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡି.ଏମ୍.ଏଫ୍ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟତଃ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଆଲୋଚନା କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମହେଶ ମୋହନ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗାର୍ଡିଆ ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସମନ୍ୱୟରେ ଜିଲ୍ଲାରେ ଚାଲିଥିବା ମାତୃ ଓ ଶିଶୁ ମଙ୍ଗଳ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ବୈଠକରେ ଜିଲ୍ଲାରେ ଫେବୃଆରୀ ମାସରେ ରିପୋର୍ଟ ହୋଇଥିବା ଜଣେ ମାତୃ ମୃତ୍ୟୁ ଏବଂ ଫେବୃଆରୀ ଏବଂ ମାର୍ଚ୍ଚ ମାସରେ ରିପୋର୍ଟ ହୋଇଥିବା ୭ ଜଣ ଶିଶୁ ମୃତ୍ୟୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇଥିଲା। ଗତ ବର୍ଷ ତୁଳନାରେ ମାତୃ ମୃତ୍ୟୁ ହାରରେ ହ୍ରାସ ପରିଲକ୍ଷିତ ହୋଇଥିବା ବେଳେ ଶିଶୁ ମୃତ୍ୟୁ ହାର ସମାନ ରହିଛି, ଯାହାକୁ ନେଇ ଜିଲ୍ଲାପାଳ ତୃଣମୂଳ ସ୍ତରରେ କାର୍ଯ୍ୟକୁ ଅଧିକ ଜୋରଦାର କରିବାକୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକ ଅବସରରେ ଜିଲ୍ଲାପାଳ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ନିର୍ଦ୍ଦେଶାବଳୀ ଜାରି କରିଥିଲେ। ସେ ସମସ୍ତ ବିପଦପୂର୍ଣ୍ଣ ଗର୍ଭବତୀ ମହିଳା ମାନଙ୍କର ଏକ ସଠିକ୍ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ନିୟମିତ ଟ୍ରାକିଂ କରିବା ସହ ସମସ୍ତ ଗର୍ଭବତୀ ମହିଳା ଏବଂ ବିପଦପୂର୍ଣ୍ଣ ଅଞ୍ଚଳରେ ରହୁଥିବା ବ୍ୟକ୍ତିଙ୍କ ପାଇଁ ବାଧତାମୂଳକ ଯକ୍ଷ୍ମା ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ସର୍ଭିକାଲ୍ କ୍ୟାନ୍ସର ପ୍ରତିରୋଧ ପାଇଁ ଏଚ୍.ପି.ଭି ଟିକାକରଣ କାର୍ଯ୍ୟକ୍ରମର ବ୍ୟାପକ ପ୍ରସାର ଓ ସଚେତନତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# ଚମ୍ପୁଆ ପଂଚାୟତ ସମିତିରେ ରକ୍ତଦାନ ଶିବିର

ଚମ୍ପୁଆ, ୦୯/୪ (ନି.ପ୍ର): ଚମ୍ପୁଆ ପଂଚାୟତ ସମିତିରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରକ୍ତାଦାନ ଶିବିରକୁ ସ୍ଥାନୀୟ ଉପଜିଲାପାଳ ଉମାକାନ୍ତ ପରିଡା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ଚମ୍ପୁଆ ଏସଡିଏମଓ ବି.କେ ଦାସ, ଭଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଓମପ୍ରକାଶ ବାରିକ, ବ୍ଲକବ୍ୟାଙ୍କ ଅଧିକାରୀ ସ୍ମୃତିରଞ୍ଜନ ମଲ୍ଲିକ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଚୁନୁ ହାଁସଦା, ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ଝରଣା ମହାନ୍ତ, ମମତା ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଅନିୟନ୍ତ୍ରିତ ବ୍ୟବସ୍ଥା ମଧରେ ନିୟନ୍ତ୍ରିତ ବଜାର କମିଟି

ଚମ୍ପୁଆ, ୦୯/୪ (ନି.ପ୍ର): ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି ଅଧିନରେ ଚମ୍ପୁଆ ଦୈନିକ ବଜାରରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଗାଁ ଗଣ୍ଡାରୁ ଆସୁଥିବା ଚାଷୀ ପିଣ୍ଡି ଉପରେ ନବସି ତଳେବସି ବ୍ୟବସାୟ କରୁଛନ୍ତି । ଅପରପକ୍ଷରେ କିଛି ବ୍ୟବସାୟୀ ହାଟ ପିଣ୍ଡି କବଜା କରୁଥିବାରୁ ଚାଷୀମାନେ ତଳେ ବସୁଥିବା ଦେଖିବାକୁ ମିଳୁଛି । ଏ ଦିଗରେ ନିୟନ୍ତ୍ରିତ ବଜାର କମିଟିଙ୍କ କର୍ମଚାରୀଙ୍କ ପାରିଲା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉକ୍ତ ଘଟଣା ସବୁବେଳେ ଘଟୁଥିଲେ ହେଁ ସ୍ଥାନୀୟ ପ୍ରଶାସନ ବା ନିୟନ୍ତ୍ରିତ ବଜାର କମିଟି କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବା ଆଶ୍ଚର୍ଯ୍ୟ ଚକିତ କରୁଛି । ସୂଚନା ରୁ ଜଣାପଡିଛି ଯେ ପ୍ରାୟ ୨୦୦୧ ମସିହାରୁ ଚମ୍ପୁଆ ଦୈନିକ ବଜାରରେ ରାମମନ୍ଦିର ପରିସରରୁ ଉଠାଯାଇ ବଜାରଟିକୁ ବସଷ୍ଟାଣ୍ଡ ନିକଟକୁ ନିଆଯାଇଥିଲା । ହାଟପିଣ୍ଡି ନିର୍ମାଣ କରାଯାଇ ସେଠାରେ ପିଣ୍ଡି ଉପରେ ଚାଷୀ ବସି ନିଜର ଉତ୍ପାଦିତ ଶସ୍ୟ, ପନିପରିବା ଆଦିକୁ ବିକ୍ରି କରିବା ନିମନ୍ତେ ବସୁଥିଲେ । ପ୍ରଥମେ ପ୍ରଥମେ ଠିକଠାକ ଚାଲୁଥିଲା । ମାତ୍ର କାଳକ୍ରମେ ଜନଗହଳି ବୃଦ୍ଧି ହେବା କାରଣରୁ ଏବଂ ପରିଷ୍କାର ପରିଚ୍ଛନ୍ନତା ଅଭାବରୁ ଚାଷୀ ପିଣ୍ଡି ଉପରେ ବସିପାରୁନାହାଁନ୍ତି । ଏପରିକି ଦୈନିକ ବଜାର କଡରେ ଥିବା ଫାଙ୍କା ଜାଗାରେ ସେମାନେ ନିଜର ମୋଟର ସାଇକଲ, ସାଇକଲ ଆଦି ରଖିବା କଥା । ମାତ୍ର ସେଠାରେ ନରଖି ରାସ୍ତା ଉପରେ ମୋଟର ସାଇକଲ, ସାଇକଲ ଆଦି ରଖୁଛନ୍ତି । ଏବଂ ନିଜେ ମଧ ରାସ୍ତା ଉପରେ ବସି ଯାଉଛନ୍ତି । ନିମନ୍ତ୍ରିତ ବଜାର କମିଟି କର୍ମକର୍ତ୍ତା ମାହାସୁଲ ଆଦାୟ କରି ଚୁପ ରହୁଛନ୍ତି । ନା ହାଟ ପିଣ୍ଡି ମାର୍କେଟର ଉନ୍ନତି କରଣ କରାଯାଉଛି ନା ବ୍ୟବସ୍ଥିତ ଢଙ୍ଗରେ ଲୋକମାନଙ୍କୁ ବ୍ୟବସ୍ଥିତ କରାଯାଉଛି । ତାର କୌଣସି ହିସାବ ନାହିଁ । ଯିଏ ଯେଉଁଠି ପାରିଲା ବସିଲା ଓ ଯିଏ ଯେତେ ଦାମରେ ଦ୍ରବ୍ୟ ସାମଗ୍ରୀ ବିକ୍ରିକଲା ତାର କୌଣସି ହିସାବ ନାହିଁ । ମନରୁ ଯାହା ଆସିଲା ମନଇଚ୍ଛା ଦାମନେଲା । ବସଷ୍ଟାଣ୍ଡ ଶିଶୁମନ୍ଦିର ରାସ୍ତା ଉପରେ ପରିବା ବିକାଳି ବସୁଥିବାରୁ ରାସ୍ତା ଜାମ ହୋଇଯାଉଛି ଓ ଟ୍ରାଫିକ ସମସ୍ୟା ଉପୁଜୁଛି । ତୁରନ୍ତ ସେଠାରୁ ପରିବା ବିକାଳିଙ୍କୁ ପିଣ୍ଡି ଉପରେ ବସିବାକୁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ଦାବୀ ହେଉଛି । ଏ ସମ୍ବନ୍ଧରେ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦିଗାମ୍ବର ପ୍ରଧାନଙ୍କୁ ପଚାରିବାରୁ କହିଛନ୍ତି ମୁଁ ଆମ ଷ୍ଟାଫଙ୍କୁ କହି ତାହା କରାଉଛି, ସେମାନେ ଦେଖିବେ । ଉଲ୍ଲେଖ କରାଯାଇପାରେ କି ନିୟନ୍ତ୍ରିତ ବଜାର କମିଟି ଅଧିନରେ ଥିବା ଥାନା ସମ୍ମୁଖ ମାର୍କେଟ ବିଲ୍ଡିଙ୍ଗ, ଗାନ୍ଧି ଛକ ନିକଟ ମାର୍କେଟ ବିଲ୍ଡିଙ୍ଗ ଓ ଦୈନିକ ବଜାର ମାର୍କେଟ ବିଲ୍ଡିଙ୍ଗ ମରାମତି ଅଭାବରୁ ଜରାଜିର୍ଣ୍ଣ ହେବାକୁ ବସିଲାଣି । ତାର ମରାମତି ହୋଇପାରୁ ନାହିଁ । ତୁରନ୍ତ ଏ ଦିଗରେ ନିୟନ୍ତ୍ରିକ ବଜାର କମିଟି ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ସରକାରୀ ମହିଳା ମହାବିଦ୍ୟାଳୟର ୪୦ ତମ ବାର୍ଷିକ ଉତ୍ସବ

ଜୟପୁର, ୦୯/୪ (ନି.ପ୍ର): ଜୟପୁର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟର ୪୦ ତମ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଛି । ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବିବେକାନନ୍ଦ ସୁନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ରେଜିଷ୍ଟର ମହେଶ୍ୱର ନାୟକ ଯୋଗ ଦେଇ ଏହି ବାର୍ଷିକ ଉତ୍ସବ ଜୟପୁର ମହିଳା ମହାବିଦ୍ୟାଳୟର ପାରମ୍ପରିକ ଗୌରବକୁ ଆହୁରି ଉଜ୍ଜ୍ୱଳ କରିଛି ଏବଂ ଛାତ୍ରୀ ମାନଙ୍କ ମଧ୍ୟରେ ସହଯୋଗ ଓ ସୃଜନଶୀଳତାର ଭାବନାକୁ ପ୍ରୋତ୍ସାହିତ କରିଛି। ବାର୍ଷିକ ଉତ୍ସବ କେବଳ ମନୋରଞ୍ଜନ ନୁହେଁ ବରଂ ଛାତ୍ରୀ ମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଏକ ମଂଚ ପ୍ରଦାନ କରେ ବୋଲି ବିଧାୟକ ଶ୍ରୀ ବାହିନୀପତି ପ୍ରକାଶ କରିଛନ୍ତି। ବିଦ୍ୟାଳୟ ର ଭିତି ଭୂମିର ବିକାଶ ସହ ଅଧ୍ୟାପକ ନିଯୁକ୍ତି ପାଇଁ ବିଧାୟକ ଗୁରୁତ୍ୱ ଦେଇଥିବା ସୂଚନା ଦେଇଛନ୍ତି । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ, ଗୀତ, ନାଟକ ଓ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦନ କରାଯାଇଥିଲା। ଛାତ୍ରୀ ମାନଙ୍କ ମଧ୍ୟରେ ଗ୍ରୁପ ଡ୍ୟାନ୍ସ, ସୋଲୋ ଡ୍ୟାନ୍ସ,ଏବଂ ଅନ୍ୟାନ୍ୟ ନୃତ୍ୟ ପରିବେଷଣ କରାଯାଇଥିଲା। ସରକାରୀ ମହିଳା ମହାବିଦ୍ୟାଳୟ ଷ୍ଟୁଡେଂଟ କାଉନସିଲ ର ସଦସ୍ୟ ସଭାନେତ୍ରୀ ଡୋନା ଭୂୟାଁ, ଉପ ସଭାନେତ୍ରୀ ରୁପାଲୀ ପାଣିଗ୍ରାହୀ, ସାଧାରଣ ସମ୍ପାଦିକା ସୁମିତ୍ରା ମିର୍ଧା, ସଂସ୍କୃତିକ ସମ୍ପାଦିକା ପ୍ରିୟଙ୍କା ରାଣୀ ପାଳ, ଖେଳ ସମ୍ପାଦିକା ପିଙ୍କି ବିଷୋୟୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସଚେତନତା ଅଭାବରୁ ବଢୁଛି ନିଶା ଦ୍ରବ୍ୟ କାରବାର: ପ୍ରଶାସନ ନୀରବ

ବୈଶିଙ୍ଗା, ୦୯/୪ (ନି.ପ୍ର): ବେତନଟୀ ବ୍ଲକ ଅଧୀନରେ ୨୪ ଟି ପଞ୍ଚାୟତ ରହିଥିବା ବେଳେ ଦୁଇଟି ଥାନା ବେତନଟୀ ଓ ବୈଶିଙ୍ଗାରେ ରହିଛି । ଏତଦ ବ୍ୟତିତ ବାରିପଦା, ମୋରଡା ଓ ବଡ଼ସାହି ବ୍ଲକର କେତେକ ପଞ୍ଚାୟତ ଏହି ଦୁଇ ଥାନା ଅଧୀନରେ ରହିଛି । ସରକାରୀ ନିୟମ କୁ ଉଲଂଘନ କରିବା ସହିତ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ଦୋକାନରେ ମାଦକ ଦ୍ରବ୍ୟ ଅର୍ଥାତ ବିଭିନ୍ନ ପ୍ରକାରର ଗୁଟୁଖା, ଦେଶୀ ଓ ବିଦେଶୀ ମଦ ସହିତ ନକଲି ବିଦେଶୀ ମଦ, ଗଂଜେଇ, ଅଫିମ, ଧଳା ଜହର ଇତ୍ୟାଦି ଯେତେ ପ୍ରକାର ମାଦକ ଦ୍ରବ୍ୟ ରହିଛି ସେଗୁଡିକ ବେତନଟୀ ଓ ବିଶେଷ ଭାବେ ବୈଶିଙ୍ଗା ଥାନା ଇଲାକାରେ ଅବାଧରେ ବିକ୍ରୟ ହେଉଥିବା ଜଣାଯାଇଛି । ଦୁଇଟି ଥାନା ସହିତ ଗୋଟିଏ ଅବକାରୀ ଥାନା ରହିଥିଲେ ମଧ ଏହି ନିଶା କାରବାର କୁ ରୋକିବା ସମ୍ଭବ ହେଉନଥିବା ଜଣାଯାଇଛି । ବିଶେଷ ଭାବେ ବୈଶିଙ୍ଗା ଥାନା ଇଲାକାରେ କେତେକ ଢ଼ାବା କେବଳ ନିଶା ଦ୍ରବ୍ୟ କାରବାର କରି ତାଙ୍କର ବ୍ୟବସାୟ ବଞ୍ଚାଇ ରଖିଥିବା ବେଳେ ବୈଶିଙ୍ଗା ପୁଲିସ ନିରବ ଦ୍ରଷ୍ଟା ପାଲଟିଛି, ବୈଶିଙ୍ଗା ଥାନାର ନିଷ୍କ୍ରିୟତା ଯୋଗୁଁ ଏଠାରେ ଅଧିକ ପରିମାଣରେ ନିଶା କାରବାର ହେଉଥିବା ମାମଲା ରୁ ଜଣାଯାଇଛି । କାରଣ ନିଶା ସେବନକାରୀ ଏହି ନିଶା ସେବନ କରିବାରେ ଏତେ ମାତ୍ରାରେ ଅଭ୍ୟସ୍ତ ହୋଇ ପଡିଛନ୍ତି ଯେ ସେମାନଙ୍କୁ ପୁଲିସ ଧରିବାରେ ବିଫଳ ହେଉଛି । ଛକା ପଞ୍ଝା ରେ ଏହି କାରବାର ଚାଲିଥିବାରୁ ନିଶାଡୀ ଙ୍କୁ ଧରିବା ସମ୍ଭବ ହେଉନାହିଁ, ଦୈନିକ ପଡୋଶୀ ଜିଲାରୁ ଅନେକ ଯୁବକ ଆସି କେତେକ ଢାବାରେ ଆଡ୍ଡା ଜମାଇବା ସହ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହି ଛୋଟ ବଡ଼ ଅପରାଧ କରୁଥିବା ଜଣାଯାଇଛି । ବିଶେଷ ଭାବେ ବହୁ କମ ବୟସର ପିଲା ଅଧିକ ପରିମାଣର ଗୁଟୁଖା ଖାଉଥିବା ଜଣାଯାଇଛି । ଏହି ଗୁଟୁଖା ଖାଇ ନିକଟରେ ବହୁ ଯୁବକ ପ୍ରାଣ ହରାଇଥିବାର ନଜିର ରହିଥିଲେ ମଧ ସେଥିରୁ କ୍ଷାନ୍ତ ହେଉ ନଥିବା ଜଣାଯାଇଛି, କମ ବୟସର ପିଲାମାନେ ଏହି ବିଷାକ୍ତ ଗୁଟୁଖା ଖାଉଥିଲେ ମଧ ପରିବାର ପକ୍ଷରୁ ବାରଣ କରାଯାଉ ନାହିଁ । ଏଥି ନିମନ୍ତେ ସରକାରୀ ସ୍ତରରେ ହେଉ କିମ୍ବା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ହେଉ ସଚେତନ କରାନଗଲେ କେନସାର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବ ଏଥିରେ ସନ୍ଦେହନାହିଁ । ସରକାର ବିଭିନ୍ନ ଯୋଜନା କରି ମହିଳା ମାନଙ୍କୁ ସଶକ୍ତ କରୁଥିବାବେଳେ ପୁରୁଷ ମାନେ ନିଶାରେ ମସଗୁଲ ରହୁଛନ୍ତି । ସରକାର ମଦ ଦୋକାନ ବନ୍ଦ କରିବାରେ ଯେଭଳି ଆଇନ ପ୍ରଣୟନ କରିବାକୁ ଚିନ୍ତା କରୁଛନ୍ତି ସେଭଳି ଏହାର ନିରାକରଣ ଦିଗରେ ଚେଷ୍ଟା କରିବା ସହିତ ଯୁବ ପିଢ଼ି ଙ୍କ ନିମନ୍ତେ କିଛି ଯୋଜନା ଚିନ୍ତା କରନ୍ତୁ ଓ ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରାଇବା ପାଇଁ ଯୋଜନା ପ୍ରସ୍ତୁତ କଲେ ଅକାଳରେ ଝଡି ପଡୁଥିବା ଯୁବସମାଜ ବର୍ତି ଯାଇ ପାରନ୍ତେ । ଆଧାତ୍ମିକ ମାର୍ଗ କୁ ଆସିବା ନିମନ୍ତେ ଯୁବ ସମାଜକୁ ସଚେତନ କରାଇ ନିଶା ମୁକ୍ତ ନକଲେ ଭୟାବହ ପରିସ୍ଥିତି ସୃଷ୍ଟି ହେବ ଏଥିରେ ସନ୍ଦେହ ନାହିଁ । ଏତଦ ବ୍ୟତିତ ସରକାର ନିଯୁକ୍ତି ସୃଷ୍ଟି କରି ଯୁବସମାଜ କୁ ନିଯୁକ୍ତି ପ୍ରଦାନ କରାଇପାରିଲେ ନିଶାକାରବାର କମିପାରେ ବୋଲି ସଚେତନ ନାଗରିକ ପ୍ରକାଶ କରିଛନ୍ତି ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପକ୍ଷ-୨୦୨୬ ଅବସରରେ 'ପୁସ୍ତକ କ୍ରୟ ଓ ଉପହାର' ଏବଂ 'ରକ୍ତଦାନ ଶିବିର' କାର୍ଯ୍ୟକ୍ରମ ଆୟୋଜିତ




ବାଲେଶ୍ୱର, ୦୯/୪ (ନି.ପ୍ର): ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂତନ ପରିସରସ୍ଥ ଡ଼କ୍ଟର ହରେକୃଷ୍ଣ ମହତାବ ଗ୍ରନ୍ଥାଗାରରେ 'ପୁସ୍ତକ କ୍ରୟ ଓ ଉପହାର' ଏବଂ ବିଶ୍ୱବିଦ୍ୟାଳୟ ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ 'ରକ୍ତଦାନ ଶିବିର' କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହିତ ଆୟୋଜିତ ହୋଇଯାଇଛି। ଉକ୍ତ ଦୁଇଟି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ସମ୍ମାନନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦଘାଟନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଗବେଷଣାରତ ଶିକ୍ଷାର୍ଥୀମାନେ ବହୁଳ ସଂଖ୍ୟାରେ ଉପସ୍ଥିତ ହୋଇ ନିଜ ପସନ୍ଦର ପୁସ୍ତକ କ୍ରୟ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପୁସ୍ତକ ପ୍ରତି ଆଗ୍ରହ ବୃଦ୍ଧି କରିବା ଓ ପାଠନ ସଂସ୍କୃତିକୁ ସୁଦୃଢ଼ କରିବା ଏହାର ମୂଳ ଉଦ୍ଦେଶ୍ୟ ଥିଲା। ଡ଼କ୍ଟର ହରେକୃଷ୍ଣ ମହତାବ ଗ୍ରନ୍ଥାଗାରର ନିର୍ଦ୍ଦେଶକ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ 'ରକ୍ତଦାନ ଶିବିର' ଟି ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ଏବଂ ଏଥିରେ ମୋଟ ୫୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ ଦୁଇଟି କାର୍ଯ୍ୟକ୍ରମରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦ୍ୱାରା ସଫଳ ରୂପାୟନ ହୋଇଥିଲା।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ଗଞ୍ଜାମ, ୦୯/୪ (ନି.ପ୍ର): ଗୋଳନ୍ଥରା ଥାନା ରମ୍ଭା ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥ କଡ଼ରୁ ପୁଲିସ ଆଜି ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ତାଙ୍କର ବୟସ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି।

**AFFIDAVIT**

By virtue of an affidavit sworn before Notary Public, Soro, Balaosre, Odisha dated 24.02.2026, I, Rashmita Mahakud, aged 42 years, W/o- Manoranjan Mahakud of Village- Khunta, Po- Manipur, Ps- Soro, Dist- Balasore declare that my Aadhar Card and PAN Card where my correct name has been prepared as Rasmita Mahakud. But in my RPLI where my name has prepared as Sanjulata Mohakud. Rasmita Mahakud and Sanjulata Mohakud is one and same lady who is myself. Now I want to prove my name as Rasmita Mahakud in every manner and correct the above name in the RPLI Bond mentioning the name as Rasmita Mahakud.

Rasmita Mahakud

**AFFIDAVIT**

By virtue of an affidavit sworn before (Executive Magistrate/ Notary Public), Basudevpur, Affidavit No- 2100 and Dated 04.04.2026. I, BIJAYA KUMAR SAMANTA, Address At- Belasaunlia, Po- Belasaunlia, Ps- Basudevpur, Dist- Bhadrak, Pin-756125 declare that I have changed my name from BIJAY SAMANTA to BIJAYA KUMAR SAMANATA. Henceforth, I shall be known as BIJAYA KUMAR SAMANATA for all purposes.

Bijaya Kumar Samanta

# ଜୀ ସାର୍ଥକରେ ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ ସୁପରହିଟ୍ ଫିଲ୍ମ 'କୁହୁଡ଼ି' ପ୍ରଥମଥର ପାଇଁ ଟିଭିରେ ଦେଖିବେ ଆସନ୍ତା ୧୨ ତାରିଖ ସନ୍ଧ୍ୟା ୬:୩୦ରେ




ଭୁବନେଶ୍ୱର, ୦୯/୪ (ନି.ପ୍ର): ଓଡ଼ିଆ ମନୋରଞ୍ଜନ ଜଗତର ଅଗ୍ରଣୀ ଚ୍ୟାନେଲ ଜୀ ସାର୍ଥକ ପକ୍ଷରୁ ଦର୍ଶକଙ୍କ ପାଇଁ ପଣା ସଂକ୍ରାନ୍ତି ଓ ଓଡ଼ିଆ ନୂଆ ବର୍ଷ ଉପଲକ୍ଷେ ଭେଟି ଦିଆଯାଉଛି ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ ସୁପରହିଟ୍ ଫିଲ୍ମ ତଥା ଏକ ରହସ୍ୟ ଏବଂ ସଂଘର୍ଷପୂର୍ଣ୍ଣ ଚଳଚ୍ଚିତ୍ର 'କୁହୁଡ଼ି'। ଏହି ଚଳଚିତ୍ରକୁ ପ୍ରଥମଥର ପାଇଁ ଟିଭିରେ ଦର୍ଶକମାନେ ଦେଖିବାକୁ ପାଇବେ ଆସନ୍ତା ଏପ୍ରିଲ ୧୨ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟରେ । ଚଳଚ୍ଚିତ୍ରର କାହାଣୀ ଜଣେ ସାହସୀ ଆଇନଜୀବୀ ଅଂଶୁମାନ ପଟ୍ଟନାୟକ ଏବଂ ନ୍ୟାୟ ପାଇଁ ତାଙ୍କର ଅଦମ୍ୟ ସଂଘର୍ଷକୁ ନେଇ ଗତିଶୀଳ। ଏଥିରେ ଏକ ଭୟଙ୍କର ଅଭିଯୋଗର ଶିକାର ହୋଇଥିବା ପିତାଙ୍କ ବେଦନା ଓ ନ୍ୟାୟ ପାଇଁ ସଂଘର୍ଷ ପରି ଏକ ଗମ୍ଭୀର ସାମାଜିକ ପ୍ରସଙ୍ଗକୁ ଏକ କୋର୍ଟ ରୁମ୍ ଡ୍ରାମା ମାଧ୍ୟମରେ ଅତି ନିଖୁଣ ଭାବରେ ଦର୍ଶାଯାଇଛି। ସତ୍ୟର ସନ୍ଧାନ ଏବଂ ନ୍ୟାୟ ପାଇବା ପାଇଁ ଆଇନଜୀବୀଙ୍କ ଉଦ୍ୟମ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ। ସନ୍ଦେହ, ସଂଘର୍ଷ ଏବଂ ସତ୍ୟର ଏକ ନିଆରା ସମନ୍ୱୟ ହେଉଛି 'କୁହୁଡ଼ି'। ଅଜୟ ପାଢ଼ୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଓଲିଉଡ଼ର ସୁପରଷ୍ଟାର ଅନୁଭବ ମହାନ୍ତି, ଅଭିନେତ୍ରୀ ସୁପ୍ରିୟା ନାୟକ, ପ୍ରକୃତି ମିଶ୍ର ଏବଂ ଦୀପନ୍ୱିତ ଦାଶମହାପାତ୍ର ନିଜର ଶକ୍ତିଶାଳୀ ଅଭିନୟ ପ୍ରଦର୍ଶନ କରିଛନ୍ତି। ପୂର୍ବରୁ ପ୍ରେକ୍ଷାଳୟରେ ଦର୍ଶକଙ୍କ ମନ ଜିତିଥିବା ଏହି ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ରକୁ ଛୋଟ ପରଦାରେ ପ୍ରଥମ ଥର ପାଇଁ ଦେଖିବେ ଜୀ ସାର୍ଥକର ସମସ୍ତ ଦର୍ଶକ।ଏହି ଅବସରରେ ସାରା ଭାରତରେ ଥିବା ଓଡ଼ିଆ ଦର୍ଶକଙ୍କୁ ଶୁଭେଚ୍ଛା ଜଣାଇ ଶ୍ରୀ ରାହୁଲ ରାଓ କହିଛନ୍ତି, 'ଜୀ ସାର୍ଥକ ସଦାସର୍ବଦା ଓଡ଼ିଶାର ଦର୍ଶକମାନଙ୍କ ପାଇଁ ନୂଆ ଏବଂ ବାସ୍ତବଧର୍ମୀ କାହାଣୀ ଆଣିବାକୁ ଚେଷ୍ଟା କରିଥାଏ। 'କୁହୁଡ଼ି', ଯାହାର ଆଇଏମଡିବି ରେଟିଂ ୮.୪ ରହିଛି, ତାହା କେବଳ ଏକ ସିନେମା ନୁହେଁ, ବରଂ ଏହା ସମାଜର ଏକ ନିଷ୍ଠୁର ସତ୍ୟ ଉପରେ ପର୍ଯ୍ୟବେଶିତ। ଓଡ଼ିଶା ଓ ସାରା ଭାରତରେ ରହୁଥିବା ଆମର ପ୍ରିୟ ଓଡ଼ିଆ ଦର୍ଶକମାନେ ନିଜ ପରିବାର ସହ ଏହି ରହସ୍ୟପୂର୍ଣ୍ଣ ଚଳଚ୍ଚିତ୍ରର ଆନନ୍ଦ ନେବେ ବୋଲି ମୋର ବିଶ୍ୱାସ।'

# ଜଳେଶ୍ୱରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ପକ୍ଷ ଅବସରରେ ଅଙ୍ଗନବାଡ଼ି ପିଲାଙ୍କୁ 'ଛବିଳ ମଧୁ ବର୍ଣ୍ଣବୋଧ' ବଣ୍ଟନ



ଜଳେଶ୍ୱର, ୦୯/୪ (ନି.ପ୍ର): ମାତୃଭାଷାର ପ୍ରଚାର ଓ ପ୍ରସାର ନିମନ୍ତେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ଚାଲିଥିବା 'ଓଡ଼ିଆ ପକ୍ଷ-୨୦୨୬' କାର୍ଯ୍ୟକ୍ରମ ଆଜି ନବମ ଦିବସରେ ପହଞ୍ଚିଛି ।ଏହି ଅବସରରେ 'ଆସ ବହି ଟିଏ କିଣିବା'ଶୀର୍ଷକ ବିଷୟବସ୍ତୁକୁ ନେଇ ସ୍ଥାନୀୟ ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ରରେ କୁନି କୁନି ଶିଶୁମାନଙ୍କୁ 'ଛବିଳ ମଧୁ ବର୍ଣ୍ଣବୋଧ' ଓ ବିସ୍କୁଟ ବଣ୍ଟନ କରାଯାଇଛି। ଆଜି ପୂର୍ବାହ୍ନ ୮ ଘଟିକା ସମୟରେ ଜଳେଶ୍ୱର ହାଟ ପାଖ ଆଦିବାସୀ ସାହି ଅଙ୍ଗନବାଡ଼ି କେନ୍ଦ୍ର ଓ ପଥରପୁରା ଧଳ ସାହି ଅଙ୍ଗନବାଡ଼ି କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ସଭାପତି କମଳ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବହିର ଗୁରୁତ୍ୱ ଓ ପଠନ ଅଭ୍ୟାସ ଉପରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ସୁନୀଲ କୁମାର ନାୟକ ଏବଂ ଉପସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ ଯେ,ପୁସ୍ତକ ବିନା ଜୀବନ ଅସମ୍ପୂର୍ଣ୍ଣ। ଶିଶୁମାନଙ୍କ ପାଇଁ ବର୍ଣ୍ଣବୋଧର ଆବଶ୍ୟକତା ଅପରିହାର୍ଯ୍ୟ। ଏହାଦ୍ୱାରା ପିଲାମାନେ ଓଡ଼ିଆ ଯୁକ୍ତାକ୍ଷର ନିର୍ଭୁଲ ଭାବେ ଶିଖିପାରିବେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବି.ଆର.ସି.ସି କପିଳେଶ୍ୱର ମହାନ୍ତି, ପୂର୍ବତନ ଏ.ବି.ଇ.ଓ ବନମାଳୀ ଧଳ, ସାଂଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ଶିକ୍ଷୟିତ୍ରୀ ରୀନା ରାଣୀ ଚୈଦାସିଆ, ସୁକାନ୍ତୀ ମଣୀ ଧଳ, ଅନୁରାଧା ଧଳ ପ୍ରମୁଖ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଅଭିଭାବକ ରଶ୍ମିତା ସେଠୀ, ପୁଷ୍ପାଞ୍ଜଳୀ ବିଦ, ମଧୁମିତା ସେଠୀ ଓ ମୀନତି ରଣା ପ୍ରମୁଖ ପିଲାମାନଙ୍କ ଉଦ୍ଦେଶ୍ୟରେ ନିଜର ମତ ରଖିଥିଲେ।କେଶବ ବିଦ, ଦାନବୀର ସେଠୀ, ରିୟାନ୍ସି ରଣା, ସାଇ ରାମ୍ ସେଠୀ, ଜିସାନ ସାହା ଓ ସାୟାଦା ଫତେମାଙ୍କ ଭଳି ଅନେକ କୁନି ଛାତ୍ରଛାତ୍ରୀଙ୍କୁ ବହି ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଶେଷରେ ସମ୍ପାଦକ ସୁନୀଲ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମାତୃଭାଷା ପ୍ରତି ଶିଶୁମାନଙ୍କ ଆଗ୍ରହ ବଢ଼ାଇବା ପାଇଁ ଉତ୍କଳ ସମ୍ମିଳନୀର ଏହି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆସାମ, କେରଳ...

ଆସାମର ଦିଫୁ ନିର୍ବାଚନମଣ୍ଡଳୀର ଏକ ପୋଲିଂ ବୁଥ୍‌ର ଭିଡିଓ କେହିଜଣେ ସୋସିଆଲ ମିଡିଆରେ ସେୟାର କରିଥିବାରୁ ଏହାକୁ ବିରୋଧ କରି ଏତଲା ରୁଜୁ ହୋଇଛି। ଆସାମର କର୍ବି ଆଙ୍ଗଲଙ୍ଗ ଜିଲ୍ଲା ପ୍ରଶାସନ ଦ୍ୱାରା ଅଭିଯୋଗ ଦାଏର କରାଯାଇଛି ଏବଂ ଉକ୍ତ ଘଟଣାରେ ତଦନ୍ତ ଆରମ୍ଭ ହୋଇଛି। ପୁଡୁଚେରୀର ମନ୍ନାଦିପେଟ ନିର୍ବାଚନମଣ୍ଡଳୀରେ ଆଜି ବିଜେପି ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଉପୁଜିଛି। ମିଳିଥିବା ସୂଚନାନୁଯାୟୀ ତିରୁକନୁର ଗ୍ରାମର ଏକ ଭୋଟିଂ ବୁଥ୍ ନିକଟରେ କିଛି ବିଜେପି କର୍ମୀ ଠିଆ ହୋଇଥିବାବେଳେ କଂଗ୍ରେସ କର୍ମୀମାନେ ସେମାନଙ୍କୁ ବିରୋଧ କରିଥିଲେ। କଂଗ୍ରେସ କର୍ମୀମାନେ କହିଥିଲେ କେବଳ ଭୋଟରମାନେ ହିଁ ଏଠାରେ ରହିପାରିବେ। ଏହି ଘଟଣାକୁ ନେଇ ଯୁକ୍ତିତର୍କ ଏବଂ ପରେ ସଂଘର୍ଷ ଉପୁଜିଥିଲା। କେରଳରେ ମଧ କିଛି ଭୋଟିଂ ବୁଥ୍‌ରେ ବିଜେପି ଏବଂ କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ସଂଘର୍ଷ ଉପୁଜିଥିବା ଜଣାପଡ଼ିଛି।

### ଅଘୋଷିତ ବିଜୁଳି ...

ଭୁବନେଶ୍ୱରର ସତ୍ୟନଗର, ବାଲିଅନ୍ତାସ୍ଥିତ ଭୁବନପୁର ଓ କଟକ ଏସ୍‌ସିବି ମେଡିକାଲ ନିକଟରେ ୩ଟି ଅତ୍ୟାଧୁନିକ ଗ୍ରୀଡ୍ ସବ୍‌ଷ୍ଟେସନ୍ ଲୋକାର୍ପିତ ହୋଇଛି । ଆଗାମୀ ଦିନରେ ଆହୁରି ୨୦୦ କୋଟି ବ୍ୟୟରେ ଅଧିକ କ୍ଷମତା ସମ୍ପନ୍ନ ଗ୍ରୀଡ୍ ତିଆରି ହେବ । ଫଳରେ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୨୨ ଲକ୍ଷ ଉପଭୋକ୍ତା ଉନ୍ନତ ମାନର ବିଦ୍ୟୁତ୍ ସେବା ପାଇପାରିବେ । ଏହାଦ୍ୱାରା ଶିଳ୍ପ, ବ୍ୟବସାୟ, ଆଇଟି କ୍ଷେତ୍ରରେ ବିକାଶ ତ୍ୱରାନ୍ୱିତ ହୋଇପାରିବ । ବାଲିଅନ୍ତା ଭୁବନପୁରରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଓପିଟିସିଏଲ୍ ସିଏମ୍‌ଡି ଭାସ୍କର ଜ୍ୟୋତି ଶର୍ମା ଓ ଖୋର୍ଦ୍ଧା ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ ।

### ଅସ୍ତ୍ରବିରତି ନଥିବା ...

ଏହାର ମୁଖ୍ୟ କାରଣ ହେଉଛି ହିଜବୁଲ୍ଲାର ଭୌଗଳିକ ଅବସ୍ଥିତି ଏବଂ ସିଧାସଳଖ ଆକ୍ରମଣ କରିବାର କ୍ଷମତା। ଆକ୍ରମଣ ଭିତରେ ହିଜବୁଲ୍ଲା ମୁଖ୍ୟ ନଇମ୍ କାସେମ୍‌ଙ୍କ ବ୍ୟକ୍ତିଗତ ସଚିବ ତଥା ପୁତୁରାଙ୍କୁ ହତ୍ୟା କରିଛୁ ବୋଲି ଇସ୍ରାଏଲ ଦାବି କରିଛି। ତେବେ ହିଜବୁଲ୍ଲା ପକ୍ଷରୁ ଏନେଇ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ। ରଏଟର୍ସ ରିପୋର୍ଟ କରିଛି, ଇସ୍ରାଏଲ ଗୁରୁବାର ଦିନ ଘୋଷଣା କରିଛି , ସେମାନେ ଲେବାନନ୍‌ର ରାଜଧାନୀ ବେରୁଟ୍ ଉପରେ ରାତିସାରା କରିଥିବା ଏକ ଆକ୍ରମଣରେ ଇରାନ ସମର୍ଥିତ ଲେବନିଜ୍ ଗୋଷ୍ଠୀ ହେଜବୁଲ୍ଲାର ମୁଖ୍ୟ ନଇମ୍ କାସେମ୍‌ଙ୍କ ପୁତୁରା ୟୁସୁଫ ହର୍ସିଙ୍କୁ ହତ୍ୟା କରିଛନ୍ତି।

### ଜଙ୍ଗଲରେ ଗଚ୍ଛିତ କୋଟିଏ...

ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରିବାରେ ୨୨୧୯ କିଲୋ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ମାମଲା ରୁଜୁ କରାଯାଇ ଏସ୍ ଆଇ ଦୀପକ ବାରିକ ମାମଲାରେ ତଦନ୍ତ କରୁଛନ୍ତି। ଚଢ଼ାଉରେ ସାମିଲ ଥିବା ପାଡୁଆ ପୋଲିସକୁ ଏସଡିପିଓ ପ୍ରଶଂସା କରିଛନ୍ତି। ଅତିଶୀଘ୍ର ପାଡୁଆ ପୋଲିସ ଗଞ୍ଜେଇ ସଂଗ୍ରହ ଓ ଚାଲାଣ କାରୀଙ୍କୁ ଠାବ କରିବ ବୋଲି ଏସ୍‌ଡିପିଓ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

### ଗିରଫ ହେଲେ...

୩ ମହଲା କୋଠା, ଯାଜପୁର ବଡଚଣାରେ ଥିବା ପୈତୃକ ଘର, ଢେଙ୍କାନାଳ ଦେଉଳା ସାହିରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘର, ଭୁବନେଶ୍ୱରରେ ଥିବା ତାଙ୍କ କାର୍ଯ୍ୟାଳୟ, ଢେଙ୍କାନାଳର ଭାପୁରରେ ଥିବା ଏକ ଦୁଇ ମହଲା କୋଠା ଏବଂ ଫାର୍ମ ହାଉସ, କଟକ ଜିଲ୍ଲା ଚାଉଳିଆଗଞ୍ଜର ନୟାବଜାରଠାରେ ଥିବା ତାଙ୍କ ନିକଟତମ ସହଯୋଗୀଙ୍କ ଘରେ ଚଢାଉ କରିଥିଲା ।

### ଆଜି ରାଜ୍ୟ...

ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପାଇଁ ପରିଚଳନ ଓ ରକ୍ଷଣାବେକ୍ଷଣ ନୀତି '୨୦୨୬' ବିଭାଗ ଆଣିପାରେ । ଏହି ନୀତି ଆଣିବାର ମୁଖ୍ୟ ଲକ୍ଷ୍ୟ ବିଭାଗ ରଖିଛି କି ରାଜ୍ୟବାସୀଙ୍କୁ ଘରେ ଘରେ ଜଳ ପ୍ରଦାନ କରି ଜଳକଷ୍ଟ ସମସ୍ୟାରୁ ଦୂରିଭୂତ କରିବା ପାଇଁ । ସେହିଭଳି ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ଏବଂ ଆଇନ ବିଭାଗ ଭଳି ଅନେକ ବିଭାଗର କ୍ୟାବିନେଟରେ ଆସିପାରେ ପ୍ରସ୍ତାବ।

# ମତ୍ସ୍ୟଜିବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ

ଭୁବନେଶ୍ୱର, ୦୯/୪ (ନି.ପ୍ର): ପାଗ ଖରାପ ରହିବା ସହିତ ଆଜି ଓଡ଼ିଶା ଉପକୂଳ ଏବଂ ବାହାରେ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ତଥା ଏହାର ଝଟକା ୬୦ କି.ମି. ଛୁଇଁପାରେ । ଏହି ସମୟରେ ଓଡ଼ିଶା ଉପକୂଳ ଏବଂ ବାହାରେ ସମୁଦ୍ର ଅଶାନ୍ତ ରହିବ । ତେଣୁ ମତ୍ସ୍ୟଜିବୀ ମାନଙ୍କୁ ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯିବାକୁ ବାରଣ କରାଯାଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଗୁରୁବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

# ବିଜେପି ବେତନଟୀ ମଣ୍ଡଳ ପକ୍ଷରୁ ପ୍ରଶିକ୍ଷଣ ଶିବିର




ବେତନଟୀ , ୦୯/୪ (ନି.ପ୍ର): ବେତନଟୀ ବ୍ଲକ ର ଶିଶୁ ମନ୍ଦିର ଠାରେ ବେତନଟୀ ମଣ୍ଡଳ ପକ୍ଷରୁ ଦୁଇ ଦିନିଆ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ଯୋଜନାର ସଫଳତା ଓ ସମସ୍ତ ହିତାଧିକାରୀଙ୍କ ନିକଟରେ ସରକାରୀ ସହାୟତା ପହଞ୍ଚିବା ସହ ବିଜେପି ଦଳକୁ ସଶକ୍ତ କରିବା ସଂପର୍କରେ ବଡ଼ସାହି ବିଧାୟକ ସନାତନ ବିଜୁଳି କର୍ମୀମାନଙ୍କୁ ବୁଝାଇଥିଲେ। ରାଜ୍ୟ ଉପସଭାପତି ତଥା ମୟୂରଭଞ୍ଜ ପୂର୍ବ ଜିଲ୍ଲା ର ପ୍ରଭାରୀ ସିପ୍ରା ବାଜପେୟୀ , ପୂର୍ବତନ ଜିଲ୍ଲା ଉପସଭାପତି ପ୍ରଦୀପ ପରିଡ଼ା , ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡ଼ା, ପୂର୍ବତନ ବ୍ଲକ ଉପାଧକ୍ଷା ଅମ୍ବିକା ବାରିକ ବେତନଟୀ ମଣ୍ଡଳ ର ସମସ୍ତ କର୍ମକର୍ତ୍ତା ମାନେ ପ୍ରମୁଖ ଉପସ୍ଥିତ ଥିଲେ।

NILMANI MAHAVIDYALAYA, RUPSA, BALASORE

Email:- nmv.rupsa@gmail.com, Ph: 9938532252

Letter No.287 Date10/04/26

**Tender Call Notice**

Sealed Quotation are invited from interested firms/Agency for campus Wi-Fi and Broadband within 7days. The details are listed here. 4U (2 nos.) & 6U (1 no.)RACK WITH PDU; JetStream 24-Port Gigabit POE+ and 4 Port 10GE SFP+ L2+ Managed Switch (384W) (3 nos.); WiFi 6 AX1800 Wireless Gigabit Access Point (41 nos.); OUTDOOR AX3000 WIFI6 (6 nos.); 10 G MODULE 20KM (4nos.); 10G Dual Fiber 80km SFP Module (1 no.); 2350 Inverter Machine (1 no.); 250AH BATTERY WITH TROLLY (2 nos.); OLT 4 PORT FULLY LOADED (1 no.); Enterprise Wired 10G VPN Router (1 no.); 2.4GHz Single Band Hardware Cloud Controller (1 no.); CAT6 WIRE 305 METER ( 2 Rolls); 40 MM PIPE WIRING ( 500 Feet): RJ45 CONNECTOR ( 200 nos.); FIBER JUNCTION BOX (5 nos.); FIBER SC PATCH CORD (10 nos.); PVC 1 SQ/MM 90 METER (8 nos.);12 (1 no.) & 4 (3 nos.) MODULAR BOARD WITH SOCKET; TIE 400 MM (4 nos.); C CLIP 6 MM (10nos.); LC PATCH CORD (8nos.); TIE 6 MM (4nos.); 2 POLE BLANK MCB BOX WITH 30AMP MCB (1no.); POLE MOUNTING CLAMP (15 nos.); I/O BOX (80 nos.); 40 MM CLAMP (250 nos.); EARTHING FIBER 2.5 KM; INSTALLATION AND MAINTAINENCE (TWO YEARS free service ):detailed specification with following links www.https://www.nmvrupsa.org/.

S/d
PRINCIPAL-cum-Secretary
NILAMANI
MAHAVIDYALAYA, RUPSA

## ଜଳେଶ୍ୱରରେ ପ୍ରଶାସନର ବଡ଼ କାର୍ଯ୍ୟାନୁଷ୍ଠାନ: ବେଆଇନ ଇଟାଭାଟି ଉପରେ ବୁଲିଲା ବୁଲଡୋଜର



ଜଳେଶ୍ୱର, ୦୯/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ଧରଣର ଉଚ୍ଛେଦ ଅଭିଯାନ ଚଲାଯାଇଛି। ଦୀର୍ଘ ଦିନ ଧରି ବେଆଇନ ଭାବେ ଚାଲିଥିବା ୩ଟି ନାଲି ଇଟାଭାଟିକୁ ଆଜି ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି। ସୂଚନା ଅନୁଯାୟୀ,ଜଳେଶ୍ୱର ବିଭିନ୍ନ ଅଞ୍ଚଳରେ ଥିବା ଇଟାଭାଟି ମାଲିକ ମାନେ କୌଣସି ସରକାରୀ ଅନୁମତି ନ ନେଇ ଛତୁ ଫୁଟିଲା ଭଳି ଅନେକ ବେଆଇନ ଇଟାଭାଟି ଗଢ଼ି ତୋଳିଛନ୍ତି।ଏହି ଭାଟିଗୁଡ଼ିକରୁ ନିର୍ଗତ ବିଷାକ୍ତ ଧୂଆଁ ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ।ବାୟୁ ପ୍ରଦୂଷଣ ଯୋଗୁଁ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଥିଲା, ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।ଆଜି ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ନେତୃତ୍ୱରେ ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା।ଏହି ସମୟରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଜଳେଶ୍ୱର ପୋଲିସ ଏବଂ ଅଗ୍ନିଶମ ବାହିନୀ ଉପସ୍ଥିତ ରହିଥିଲେ।ପ୍ରଥମ ପର୍ଯ୍ୟାୟରେ ପିଙ୍କି ଇଟାଭାଟି,ଓମ୍‌ଇଟାଭାଟି, ଖୁସିଇଟାଭାଟି ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମ୍ପର୍କରେ ସୂଚନା ଦେଇ ତହସିଲଦାର ଶ୍ରୀ ମହାନ୍ତି କହିଛନ୍ତି ଯେ, ବେଆଇନ କାର୍ଯ୍ୟକୁ କଦାପି ପ୍ରଶ୍ରୟ ଦିଆଯିବ ନାହିଁ।ଆଜି ପ୍ରଥମ ପର୍ଯ୍ୟାୟରେ ୩ଟି ଭାଟି ଉଚ୍ଛେଦ କରାଯାଇଛି। ଆଗାମୀ ଦିନରେ ଅଞ୍ଚଳର ଅନ୍ୟ ସମସ୍ତ ବେଆଇନ ଇଟାଭାଟି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରଶାସନର ଏଭଳି ପଦକ୍ଷେପ ପରେ ସ୍ଥାନୀୟ ଜନସାଧାରଣ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।

## ଲୋଧା ଜନଜାତିର ଭିନ୍ନକ୍ଷମ ମା' ଜଣାଇଲେ ଦୁଃଖ

### ୧୦ କି.ଗ୍ରା ଚାଉଳ ଓ ୧ହଜାର ଟଙ୍କା ଭତ୍ତାରେ ଗଡୁଛି ସଂସାର ରଥ



ଉଦଳା, ୦୯/୪ (ନି.ପ୍ର): କପ୍ତିପଦା ବ୍ଲକର ଜଡ଼ିଦା ପଂଚାୟତ ଅନ୍ତର୍ଗତ ନେଦାମ ଗ୍ରାମରେ ଲୋଧା ଜନଜାତିର ଲୋକେ ବସବାସ କରୁଥିବା ଏକ ଛୋଟ ବସ୍ତି ରହିଛି । ଏହି ବସ୍ତିର ବାସିନ୍ଦା ସୁବାସ କଟୁଆଳଙ୍କ ସହଧର୍ମିଣୀ ଦିପିକା କ୍ଷଶଳ ଜଣେ ଭିନ୍ନକ୍ଷମ ମହିଳା ଅଟନ୍ତି । ପିଲାଟି ଦିନରୁ ତାଙ୍କର ଗୋଟିଏ ହାତ ସମ୍ପୂର୍ଣ୍ଣ ଅଚଳ ହୋଇଯିବା ଫଳରେ ସେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଡ଼ାକ୍ତର ତାଙ୍କୁ ୫୫ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ତାଙ୍କର ଚାରିଗୋଟି ପିଲା ପିଲିଙ୍କୁ ମିଶାଇ ପରିବାରର ମୋଟ ସଦସ୍ୟ ୬ଜଣ ଅଟନ୍ତି । ଏତିକିବେଳେ ଖାଦ୍ୟ ଯୋଜନାରେ ତାଙ୍କର ପରିବାରକୁ ମାସିକ ୧୦ କିଗ୍ରା ଚାଉଳ ଓ ଏକ ହଜାର ଟଙ୍କା ଭିନ୍ନକ୍ଷମ ଭତା ପ୍ରଦାନ କରାଯାଉଛି । ଯାହାକି ତାଙ୍କ ପରିବାର ଚଳାଇବାକୁ କଷ୍ଟକର ହୋଇପଡୁଛି ବୋଲି ଦିପିକା ଜଣାଇଛନ୍ତି । ତାଙ୍କୁ ମାସିକ ୩୫ କିଗ୍ରା ଚାଉଳ ପାଇବା ପାଇଁ ଅନ୍ତଦ୍ୟୟ କାର୍ଡ଼ କରାଇଦେବେ ବୋଲି କହି ସରକାରୀ ବାବୁ ୫ଶହ ଟଙ୍କା ମାଗୁଥିଲେ । ସେ ଟଙ୍କା ଦେଇନପାରିବାରୁ ଅନ୍ତଦ୍ୟୟ କାର୍ଡ଼ରୁ ତାଙ୍କୁ ବାଦ କରିଦେଲେ ବୋଲି ଦିପିକା ଅଭିଯୋଗ କରିଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜରାଣ ମେଂଟାଉଥିବା ଏହି ଲୋଧା ଜନଜାତି ପରିବାରର ଦୁଃଖ ବୁଝି ବିଭାଗୀୟ କର୍ତୃପକ୍ଷ ତାଙ୍କୁ ସହଯୋଗ କରିବାକୁ ଅନେକ ଗୁଡ଼ିଏ ସ୍ୱେଛାସେବି ସଂଗଠନ ଦାବି ଜଣାଇଛନ୍ତି ।

## ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ



ରୂପସା, ୦୯/୪ (ନି.ପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ନୀଳମଣି ମହାବିଦ୍ୟାଳୟ, ରୂପସା ପରିସର ରେ ଓଡ଼ିଆ ସାହିତ୍ୟ ସଂସ୍କୃତି ଜ୍ଞାନ ଆଧାରିତ ନୂତନ କାର୍ଯ୍ୟକ୍ରମ 'ଆସ ବହିଟିଏ କିଣିବା' ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ଡ଼ ତପନ କୁମାର ବେହେରା ଉକ୍ତ ଉତ୍ସବ କୁ ଉଦଘାଟନ କରି ଜ୍ଞାନ ଓ ମେଧା ଶକ୍ତି ବୃଦ୍ଧିପାଇଁ ପୁସ୍ତକ ପଠନ ଏକାନ୍ତ ଜରୁରୀ। ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ଦ୍ୱାରା ପ୍ରସ୍ତାବିତ ଉକ୍ତ କାର୍ଯ୍ୟକ୍ରମ ବାସ୍ତବିକ ସ୍ୱାଗତ ଯୋଗ୍ୟ ବୋଲି ମତ ବ୍ୟକ୍ତ କରିଥିଲେ । ଓଡ଼ିଆ ପକ୍ଷ ପାଳନ କମିଟିର ସଂଯୋଜିକା କଳ୍ପନା ମଞ୍ଜରୀ ପାତ୍ର କହିଥିଲେ ପୁସ୍ତକହିଁ ଜ୍ଞାନର ଗନ୍ତାଘର, ପ୍ରତେକ ଛାତ୍ରଛାତ୍ରୀ ପୁସ୍ତକ ପଠନ ଅଭ୍ୟାସ ରଖିବା ଉଚିତ, ବରେଣ୍ୟ ଅତିଥି ଓ ପ୍ରଶାସନିକ ଅଧିକାରୀ ସରୋଜ କୁମାର ପାଣି କହିଥିଲେ ଯେଉଁ ପୁସ୍ତକ ଆମକୁ ବର୍ଣ୍ଣ ପରିଚୟ ଦେଇଛି ସେଇ ପୁସ୍ତକ ଲବ୍ଧ ଜ୍ଞାନ ହିଁ ଉପଯୁକ୍ତ ଜ୍ଞାନ। ଓଡ଼ିଆ ପକ୍ଷ ପାଳନର ମୁଖ୍ୟ ଅତିଥି ବରିଷ୍ଠ ଅଧ୍ୟାପିକା ପିନାକ୍ଷୀ ପଣ୍ଡା ମତ ରଖିଥିଲେ ପୁସ୍ତକହିଁ ଅନନ୍ତ ଜ୍ଞାନର ଭଣ୍ଡାର, ଏହାକୁ ଉପଯୋଗ କରିବା ଉଚିତ । ସମ୍ମାନିତ ଅତିଥି ବାସନ୍ତୀ ସାହୁ, ଲାଖିରାମ ହାଁସଦା, ଭରତ ଦଳାଇ, ରଜତ ସେନାପତି, ପ୍ରଶାନ୍ତ ସିଂ, ଶ୍ରବଣ ନାୟକ, ଅଧ୍ୟାପିକା ମମତା ମାଡାମ, ସୁଧାଂଶୁ ସାର, ଡ଼ ସୁଜାତା ଗିରି, ପ୍ରମୁଖ ପୁସ୍ତକର ଉପାଦେୟତା ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ଡ଼ ଶାନ୍ତନୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଜୟନ୍ତ ମଲ୍ଲିକ, ନିରଞ୍ଜନ ମହାଳିକ ସଭା ପରିଚାଳନା କରିଥିଲେ.+୩ ଓ +୨ର ଛାତ୍ର ଛାତ୍ରୀ ମଞ୍ଚ ସଂଯୋଜନା କରିଥିଲେ।

## ବିଜୁ ଲିଗାସୀ ଏକାଠି ହେବାକୁ ସ୍ୱାଗତ କଲେ ସମ୍ବିତ ରାଉତରାୟ

ଭୁବନେଶ୍ୱର, ୦୯/୪ (ନି.ପ୍ର): ବିଜୁ ବାବୁଙ୍କ ନାଁ ନେଇ ବିଜୁ ଲିଗାସୀ ଏକାଠି ହେବାକୁ ସ୍ୱାଗତ କଲେ ବିଜେଡି ନେତା ସମ୍ବିତ ରାଉତରାୟ । କହିଲେ ବିଜୁ ବାବୁଙ୍କ ନାମକୁ ନେଇ ସେମାନେ ଯାହା କରୁଛନ୍ତି କରିପାରିବେ କିଛି ଅସୁବିଧା ନାହିଁ ।ବିଜୁ ବାବୁ ଏମିତି ଗୋଟେ ନେତା ତାଙ୍କ ନାମ ନେଇକି ଯିଏ ଯାହା କରିପାରିବେ ।ସେମାନେ ଦଳର କ୍ଷତି କରିବା ପାଇଁ କି କଣ କହିହେବନି ।କିନ୍ତୁ ବିଜୁ ବାବୁଙ୍କ ନାମ ନେଇ ଏକାଠି ହେଉଛନ୍ତି ଭଲ କଥା ।ବିଜୁ ଙ୍କ ନୀତି ଆଦର୍ଶ ମାନୁଛନ୍ତି ବଡ଼ କଥା । ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅନେକ ବ୍ୟକ୍ତି ରାଜନୀତିକୁ ଓଲ୍‌ହେଇ ଥିଲେ । ତା ଭିତରେ ମୋ ବାପ ଦାମୋଦର ରାଉତ ଜଣେ । ବିଜୁ ବାବୁ ଅନେକ ନେତାଙ୍କୁ ସୃଷ୍ଟି କରିଥିଲେ । ବିଶ୍ୱ ସ୍ତରରେ ଓଡ଼ିଶାର ଅନ୍ୟତମ ନାମ ବିଜୁ ।ସେତବେଳେ ଯେଉଁମାନେ ବିଜୁ ବାବୁଙ୍କ ସହ ଥିଲେ ବହୁତ ଦେହାନ୍ତ ହୋଇଗଲେଣି ।ଆମକୁ ପଚାରିଲେ ଆମେ କହିବୁ ନବୀନ ଲିଗାସୀ ।ବିଜୁ ବାବୁ ଙ୍କ୍ ପାଖରେ କୌଣସି କଟକଣା ନଥିଲା ।ମନର କଥା ବିଜୁ ବାବୁଙ୍କୁ କହିପାରୁଥିଲେ । ଆଜିକା ଦିନରେ ବିଜୁ ଲିଗାସୀ ନାହାନ୍ତି ଯେଉଁମାନେ ଅଛନ୍ତି ଦଳ ଛାଡି ଗଲେଣି ।ଆମର ନେତା ନବୀନ ବାବୁ ଯେଉଁ ପର୍ଯ୍ୟନ୍ତ ଅଛନ୍ତି ଏସବୁରେ କିଛି ହେବନି ବୋଲି ସେ କହିଛନ୍ତି ।

## 'ଆସ ବହିଟିଏ କିଣିବା ଅଭିଯାନ' ଅନୁଷ୍ଠିତ



ବାଲେଶ୍ୱର, ୦୯/୪ (ନି.ପ୍ର): ଆଜି ହେଉଛି ଓଡ଼ିଆ ପକ୍ଷ ୨୦୨୬ ର ନବମ ଦିନ । ଏହି ଅବସରରେ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ଆସ ବହିଟିଏ କିଣିବା ଅଭିଯାନ' ଅନୁଷ୍ଠିତ ହୋଇଛି । ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ପୁସ୍ତକ ଷ୍ଟଲ କୁ ଉନ୍ମୋଚନ କରିଥିଲେ । ଏହି ସମୟର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର, ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର ଡ଼ା. ମଧୁସ୍ମିତା ସାମନ୍ତରାୟଙ୍କ ସମେତ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଅନେକ ପଦାଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ରହି ବିଭିନ୍ନ ପ୍ରକାରର ପୁସ୍ତକ କ୍ରୟ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ମନସ୍ୱିନୀ ରାଉତଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପୁସ୍ତକ ପ୍ରେମୀ ମାନେ ମଧ ପୁସ୍ତକ ଷ୍ଟଲ ଆଡ଼କୁ ଛୁଟି ଆସିଥିଲେ ଏବଂ ଖୁବ୍ ଉତ୍ସାହ ସହିତ ବିଭିନ୍ନ ପ୍ରକାରର ପୁସ୍ତକ କ୍ରୟ କରିଥିଲେ ।

## ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ ବିଧାୟକ ସିତାଂଶୁ ଶେଖର ମହାପାତ୍ର



ଭଦ୍ରକ , ୦୯/୪ (ନି.ପ୍ର): ଭଦ୍ରକର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସିତାଂଶୁ ସେଖର ମହାପାତ୍ର ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାବେ ମନୋନୀତ ହେବା ପରେ ଆଜି ଜିଲ୍ଲା କାର୍ଯ୍ୟାଳୟ ରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଦିଲୀପ୍ ରାଉତରାୟଙ୍କ ଦ୍ୱାରା ଏବଂ ମାନ୍ୟବର ସାଂସଦ ଅଭିମନ୍ୟୁ ସେଠୀ, ମାନ୍ୟବର ଜିଲ୍ଲା ସଭାପତି ଭଗବାନ ପଣ୍ଡାଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ଅଧକ୍ଷ ପଦ ଅଳଙ୍କୃତ କରିଛନ୍ତି ।ଏହି ପରିପ୍ରେକ୍ଷୀରେ ଦଳୀୟ କର୍ମକର୍ତ୍ତାଙ୍କ ତରଫରୁ ଆୟୋଜିତ ଏକ ବିଶାଳ ଶୋଭାଯାତ୍ରା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା, ଏହି ପବିତ୍ର ଅବସରରେ ମାନ୍ୟବର ବିଧାୟକ ଗୋଶାଳା ପରିସରରେ ଗୋମାତାଙ୍କ ପୂଜା କରି ତାଙ୍କର ଆଶୀର୍ବାଦ ଲାଭ କରିବା ସହ ଏହି ସମ୍ମାନକୁ ଏକ ଦାୟିତ୍ୱ ଭାବେ ଗ୍ରହଣ କରି ଭଦ୍ରକ ଜିଲ୍ଲାର ସାମଗ୍ରିକ ଉନ୍ନତି ଓ ଲୋକମାନଙ୍କର କଲ୍ୟାଣ ପାଇଁ ନିରନ୍ତର ପ୍ରୟାସ କରିବେ ବୋଲି କହିଛନ୍ତି।

## ମେଟ୍ରୋ ପ୍ରକଳ୍ପ ନେଇ ମୁଖ୍ୟମନ୍ତ୍ରୀଙ୍କୁ ସସ୍ମିତ ପାତ୍ରଙ୍କ ଚିଠି

ଭୁବନେଶ୍ୱର, ୦୯/୪ (ନି.ପ୍ର): ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର । ରାଜସ୍ଥାନର ଜୟପୁର ମେଟ୍ରୋ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଆର୍ଥିକ ସହୟତା ପ୍ରଦାନ କରୁଥିବା ବେଳେ ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପ ପାଇଁ କାହିଁକି ସହଯୋଗ ପ୍ରଦାନ କରୁନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି । ଏ ନେଇ କେନ୍ଦ୍ର ସରକାରଙ୍କ ସହ ରାଜ୍ୟ ସରକାର ଯୋଗାଯୋଗ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠିରେ ଉଲ୍ଲେଖ କରିଛନ୍ତି।

## ମହାବିଷୁବ ସଂକ୍ରାନ୍ତି ପାଇଁ ପ୍ରଚାର ସମିତିର ଆଲୋଚନା ଚକ୍ର



ଭଦ୍ରକ , ୦୯/୪ (ନି.ପ୍ର): ମହାବିଷୁବ ସଂକ୍ରାନ୍ତି ଓଡ଼ିଶାରେ ଘରେ ଘରେ ପାଳିତ ହେବାକୁ ଯାଉଛି । ବିଭିନ୍ନ ଶାସ୍ତ୍ର ଗୁଡ଼ିକରେ ଏହାକୁ ସନାତନୀୟ ଆର୍ଯ୍ୟ ସଂସ୍କୃତି ନବବର୍ଷ ବୋଲି ଧରାଯାଉଥିଲେ ହେଁ ଆମ ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଏହାକୁ ଉତ୍କଳୀୟ ଚେତନା ଦିବସ ଭାବରେ ପାଳନ କରାଯାଇ ଆସୁଅଛି । ପ୍ରତିବର୍ଷ ପରି ଚଳିତ ବର୍ଷ ଏହାକୁ ଭଦ୍ରକସ୍ଥ ସନ୍ଥିଆ ପ୍ରାଚୀନ କିମ୍ବଦନ୍ତି ବହନ କରିଥିବା ଶ୍ରୀମଦନ ମୋହନ ଜୀୟୁ ମଠ ପ୍ରାଙ୍ଗଣରେ ପାଳନ କରାଯିବ । ଏହି ସମାରୋହ ଉପଲକ୍ଷେ ପ୍ରଚାର ସମିତିର ଏକ ଆଲୋଚନା ବୈଠକ ପ୍ରଚାର ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକ ପ୍ରାରମ୍ଭରେ ସମିତିର ମୁଖ୍ୟ ଆବାହକ ଶ୍ରୀ ଶରତ କୁମାର ସାହୁ, ଶ୍ରୀ ଜଗନ୍ନାଥଙ୍କୁ ସ୍ମରଣ ପୂର୍ବକ ସମିତିର ପୂର୍ବ ବୈଠକର ବିବରଣୀ, ଆୟବ୍ୟୟ ଓ ମହାବିଷୁବ ସଂକ୍ରାନ୍ତିର ପ୍ରଚଳିତ କାର୍ଯ୍ୟକ୍ରମ ଉପସ୍ଥାପିତ କରିଥିଲେ । ଏହି ବୈଠକରେ ଶ୍ରୀ ମଦନ ମୋହନ ଜୀୟୁଙ୍କ ମଠାଧିଶ ଶ୍ରୀ ଆଶିଷ କୁମାର ଗୋସ୍ୱାମୀ, ସହ ଆବାହକ ଶ୍ରୀ ବାବୁଲାଲ ଦାସ, ଆଧାତ୍ମିବାଦୀ ଶ୍ରୀ ଭାଗବତ ପୁହାଣ, ଅବସରପ୍ରାପ୍ତ ଅଧକ୍ଷ ଶ୍ରୀ କୃପାସିନ୍ଧୁ ନାୟକ, ଅଧାପକ ଡ଼. ପ୍ରତାପ କୁମାର ପଣ୍ଡା, ଅବସରପ୍ରାପ୍ତ ଅଧକ୍ଷ ଶ୍ରୀ ରାଜେନ୍ଦ୍ର ପ୍ରସାଦ ଅଗସ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ସୁବାସ ଚନ୍ଦ୍ର ବଳ, ଧର୍ମପ୍ରାଣ ଶ୍ରୀମତୀ ପୁଷ୍ପଲତା ପଣ୍ଡା, ଶ୍ରୀମତୀ ଶକୁନ୍ତଳା ପଣ୍ଡା ପ୍ରମୁଖ ବହୁ ସେବକ ସେବିକା ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ବିଶିଷ୍ଟ କଥାଶିଳ୍ପୀ ସଦାନନ୍ଦ ତ୍ରିପାଠୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



ଭୁବନେଶ୍ୱର, ୦୯/୪ (ନି.ପ୍ର): ଓଡ଼ିଆ ସାହିତ୍ୟର ବିଶିଷ୍ଟ କଥାଶିଳ୍ପୀ ସଦାନନ୍ଦ ତ୍ରିପାଠୀଙ୍କ ଦେହାବସାନ ୨ ଏପ୍ରିଲ ୨୦୨୬ରେ ଘଟିଅଛି। ଓଡ଼ିଆ ଗଳ୍ପଜଗତର ଜଣେ ଅପ୍ରତିଦ୍ୱନ୍ଦ୍ୱୀ କଥାକାର ଥିଲେ ସ୍ୱର୍ଗତ ତ୍ରିପାଠୀ। ତାଙ୍କର ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ୦୯ .୦୪.୨୦୨୬ ସନ୍ଧ୍ୟାରେ ବୁଦ୍ଧମନ୍ଦିରସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ବହୁ ବିଶିଷ୍ଟ ସାହିତ୍ୟିକ ଯୋଗଦାନ କରି ସଦାନନ୍ଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଶିଷ୍ଟ ଅଶ୍ୱିନୀ କୁମାର ମିଶ୍ର, ପ୍ରାକ୍ତନ ସଚିବ, ଓଡିଶା ସାହିତ୍ୟ ଏକାଡେମୀ ପ୍ରାରମ୍ଭରେ ସଦାନନ୍ଦ ତ୍ରିପାଠୀଙ୍କ ସ୍ମୃତି ଚାରଣ କରିଥିଲେ। ପରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଆବାହକ ଡ. ଗୌରହରି ଦାସ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ଏହାପରେ ବିଶିଷ୍ଟ ଗାଳ୍ପିକ ଓ ଔପନାସିକ ଡ଼. ଅରବିନ୍ଦ ରାୟ, ବରିଷ୍ଠ ଗାଳ୍ପିକ ଓ ଔପନାସିକ ଡ. ଅଜୟ ସ୍ୱାଇଁ, କଥାକାର ସହଦେବ ସାହୁ, କଥାକାର ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଗାଳ୍ପିକା ଓ ଔପନାସିକା ଡ. କବିତା ବାରିକ,ଲେଖକ ଓ ପ୍ରକାଶକ ବନୋଜ ତ୍ରିପାଠୀ, ଲେଖକ ଓ ବୈଜ୍ଞାନିକ ଡ଼. କାର୍ତ୍ତିକ ସ୍ୱାଇଁ, ବିଶିଷ୍ଟ ଗାଳ୍ପିକ ରବି ପଣ୍ଡା, କବି ଓ ଲେଖକ ଉମାକାନ୍ତ (ଅରୂପ) ରାଉତ, କବି ଡ. ରକ୍ଷକ ନାୟକ, ଗାଳ୍ପିକ, ଔପନାସିକ ଓ ପ୍ରକାଶକ ପ୍ରକାଶ ମହାପାତ୍ର, କବି ଓ ସମାଲୋଚକ କ୍ଷୀରୋଦ ପରିଡ଼ା, ଲେଖକ ଅରୁଣ ସାହୁ, ବିଶିଷ୍ଟ ପ୍ରାବନ୍ଧିକ ଓ ସମାଲୋଚକ ଡ଼. ଅସିତ ମହାନ୍ତି, ଲେଖକ ଓ ଔପନ୍ୟାସିକ କ୍ଷୀରୋଦ ଦାସ, ଗାଳ୍ପିକା ଓ କବି ମୌସୁମୀ ଦାସ୍, ଗାଳ୍ପିକ ଡ଼ା. ମଣିରାମ ଜେନା, ଯୁବ କଥାକାର ଦେବବ୍ରତ ଦାସ, ଗାଳ୍ପିକ ଓ ସମ୍ପାଦକ ଅବିନାଶ ସାହୁ, ଗାଳ୍ପିକ ଓ ସମ୍ପାଦକ ଶ୍ରୀ ଗୋବିନ୍ଦ, ଗାଳ୍ପିକ ଡ. ଆଭାସ ବରାଳ ଏବଂ ବହୁତ ସଦାନନ୍ଦପ୍ରେମୀ ବ୍ୟକ୍ତି ଯୋଗଦାନ କରି ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ବିଷୟରେ ସ୍ମୃତିଚାରଣ କରିଥିଲେ। ଏହି ସଭାକୁ ଡ. ଅରବିନ୍ଦ ରାୟ, ବନୋଜ ତ୍ରିପାଠୀ ଏବଂ ମୌସୁମୀ ଦାସ୍ ପରିଚାଳନା ଏବଂ ସଂଯୋଜନା କରିଥିଲେ। ଏହି ଅବସରରେ ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ଉପରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା।ପରବର୍ତ୍ତୀ ସମୟରେ ତାଙ୍କ ନାମରେ ଏକ ଟ୍ରଷ୍ଟ ଗଠନ କରାଯିବା ପାଇଁ ନିର୍ଣ୍ଣୟ କରାଗଲା।

## କୁଆପଥର ବର୍ଷା ଯୋଗୁଁ ରବି ଧାନ ଚାଷ କ୍ଷତିଗ୍ରସ୍ତ



ବୈଶିଙ୍ଗା, ୦୯/୪ (ନି.ପ୍ର): ଚଳିତ ବର୍ଷ ପ୍ରଥମ କୁଆପଥର ବର୍ଷା। ବୈଶିଙ୍ଗା ଅଞ୍ଚଳର ରବି ଧାନ ସହିତ ପରିବା ଚାଷ ବ୍ୟାପକ କ୍ଷୟ କ୍ଷତି ହୋଇଥିବାର ଅଭିଯୋଗ ହୋଇଛି । ବିଶେଷ କରି ବୈଶିଙ୍ଗା ପାଣି ପଞ୍ଚାୟତ ଅଧିନରେ ୫୦ ଏକର ରୁ ଉର୍ଦ୍ଧ୍ୱ ରବି ଧାନ ଚାଷ କରିଥିବା ବେଳେ ପରିବା ଚାଷ ମଧ କରିଥିବାର ଜଣା ଯାଇଛି । ଗତ ମଙ୍ଗଳବାର ଅପରାହ୍ନରେ କାଳ ବୈଶାଖୀ ଝଡ ସହିତ କୁଆ ପଥର ମାଡ ହୋଇ ଥିଲା । ଏହି ଝଡ ବର୍ଷା ଯୋଗୁଁ ପ୍ରଦୀପ କୁମାର ଦାସ, ସରୋଜ ପୁଥାଳ , କାର୍ତ୍ତିକ ଚନ୍ଦ୍ର ଦାସ, ନକୁଳ ଦାସ, ପ୍ରଫୁଲ୍ଲ ଦାସ, ସର୍ବେଶ୍ୱର ଦାସ ,ମନୋରଞ୍ଜନ ଦାସ ଙ୍କର ରବି ଧାନ ଚାଷ ପାଖାପାଖି ୭୫ ଶତକଡା କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି । ସରକାରୀ ଋଣ କରି ଏହି ଚାଷ କରିଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଏଥିପାଇଁ କୃଷି ବିଭାଗ ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଛି ।

## ଅଯୋଧା ଆଞ୍ଚଳିକ ଉଚ୍ଚମାଧମିକ ବିଦ୍ୟାଳୟରେ ବେଆଇନ କର୍ମଚାରୀ ନିଯୁକ୍ତି : ଅଧକ୍ଷଙ୍କ ଉପରେ ଉଠିଲା ଅଙ୍ଗୁଳି

ନୀଳଗିରି , ୦୯/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଅଯୋଧା ଆଞ୍ଚଳିକ ଉଚ୍ଚମାଧମିକ ବିଦ୍ୟାଳୟରେ ବେଆଇନ ଭାବେ କିଛି ଅଣଶିକ୍ଷକ ନିଯୁକ୍ତି ହୋଇଥିବା ଏବଂ ଏହି ନିଯୁକ୍ତିରେ ସମ୍ପୃକ୍ତ ବିଦ୍ୟାଳୟର ଅଧକ୍ଷ ଆର୍ଥିକ କାରବାରକରି ନିଯୁକ୍ତି ଦେଇଥିବା ଅଭିଯୋଗ ଉଠିଛି। ସୂଚନା ଅନୁଯାୟୀ ଚଳିତବର୍ଷ ମାର୍ଚ୍ଚ ୧୭ତାରିଖରେ ଉକ୍ତ ବିଦ୍ୟାଳୟରେ ସ୍ଥାନୀୟଅଞ୍ଚଳର ୮ଜଣ ଯୁବକ ଯୁବତୀଙ୍କୁ ଅଣଶିକ୍ଷକ ପଦବୀରେ ଅଧକ୍ଷ ଗୌରାଙ୍ଗଚରଣ ବିଶ୍ୱାଳ କଲେଜ ଲେଟରପ୍ୟାଡରେ ନିଯୁକ୍ତିପ୍ରଦାନ କରିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ସବୁ ପଦବୀପାଇଁ କଲେଜ କର୍ତୃପକ୍ଷ ଆଇନଅନୁଯାୟୀ କୌଣସି ସୂଚନା, ଇଣ୍ଟରଭିଉ କିମ୍ବା ଚୟନପ୍ରକ୍ରିୟା କରାନଯାଇ ନିଯୁକ୍ତିପ୍ରଦାନ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ବିଦ୍ୟାଳୟର ଅଧକ୍ଷ ଅର୍ଥକାରବାର କରି ଏହି ନିଯୁକ୍ତିଦେଇଥିବା ଅଭିଯୋଗ ଉଠିଛି। ତେବେ ଅଧକ୍ଷ ଏହି ନିଯୁକ୍ତିକୁ ବିଦ୍ୟାଳୟ ଚୟନକମିଟି ଦ୍ୱାରା ନିଯୁକ୍ତି ଦିଆଯାଇଥିବା ବେଳେ ଏଥିରେ କୌଣସି ଅନିୟମିତତା ହୋଇନଥିବା କହିଛନ୍ତି। ଏଭଳି ନିଯୁକ୍ତିକୁ ବିରୋଧକରି ସ୍ଥାନୀୟ ଜନସାଧାରଣ ଅଭିଯୋଗକରି ବାଲେଶ୍ୱର ସାଂସଦ, ନୀଳଗିରି ବିଧାୟକ , ଜିଲ୍ଲାପାଳ ବାଲେଶ୍ୱର, ଉପଜିଲ୍ଲାପାଳ ନୀଳଗିରି , ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟିଆକର୍ଷଣ କରିବେ ବୋଲି ସୂଚନା ଦେଇଛନ୍ତି।

## ଭୁବନେଶ୍ୱର ସହରକୁ ମେଟ୍ରୋ ପ୍ରକଳ୍ପ ଦରକାର: ମେୟର

ଭୁବନେଶ୍ୱର, ୦୯/୪ (ନି.ପ୍ର): ମେଟ୍ରୋ ପ୍ରକଳ୍ପ କାମ ଆରମ୍ଭ ହୋଇ ଆଗେଇ ଚାଲିଥିବାବେଳେ ସରକାର କାହିଁକି ବନ୍ଦ୍ କଲେ ଜଣାନାହିଁ। କିନ୍ତୁ ଭୁବନେଶ୍ୱରକୁ ମେଟ୍ରୋର ଆବଶ୍ୟକତା ରହିଛି ବୋଲି କହିଛନ୍ତି ମେୟର ସୁଲୋଚନା ଦାସ। ବିକଶିତ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ଦରକାର। ୨୩ ଟି ସହରରେ ମେଟ୍ରୋ ହୋଇଥିବାବେଳେ ଭୁବନେଶ୍ୱରରେ ବନ୍ଦ କାହିଁକି ବୋଲି ମେୟର ପ୍ରଶ୍ନ କରିଥିଲେ। ସରକାରଙ୍କୁ ଅନୁରୋଧ କରିବୁ ମେଟ୍ରୋ ପ୍ରକଳ୍ପ ପାଇଁ ପୁନଃ ବିଚାର କରାଯାଉ ବୋଲି ସେ କହିଛନ୍ତି ।


❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida